ବର୍ଷ-୨୫, ସଂଖ୍ୟା-୪୧
ଭୁବନେଶ୍ୱର
୧୧, ଫେବୃଆରୀ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 41
Bhubaneswar
11February, 2025, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ନବାଗତଙ୍କ ବିଶ୍ୱରେକର୍ଡ

# ପରୀକ୍ଷା ପୂର୍ବରୁ ପିଲାଙ୍କ ମନୋବଳ ବୃଦ୍ଧି କଲେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ

## ଦାବି ନୁହେଁ କାମ କରି ଉଦାହରଣ ସୃଷ୍ଟି କରନ୍ତୁ : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୧୦।୨ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ସୁନ୍ଦର ନର୍ସରୀଠାରେ ପରୀକ୍ଷା ପେ ଚର୍ଚ୍ଚା (ପିପିସି) ର ଅଷ୍ଟମ ସଂସ୍କରଣ ଅବସରରେ ଛାତ୍ରଛାତ୍ରୀମାନଙ୍କ ସହ ଭାବ ବିନିମୟ କରିଛନ୍ତି। ସାରା ଦେଶର ଛାତ୍ରଛାତ୍ରୀମାନଙ୍କ ସହ ଏକ ଅନୌପଚାରିକ ବାର୍ତ୍ତାଳାପରେ ପ୍ରଧାନମନ୍ତ୍ରୀ ଅନେକ ବିଷୟ ଉପରେ ଆଲୋଚନା କରିଥିଲେ। ସେ ରାଶି ଲଡୁ ବଣ୍ଟନ କରିଥିଲେ ଯାହା ପାରମ୍ପରିକ ଭାବରେ ଶରୀରକୁ ଉଷ୍ମ ରଖିବା ପାଇଁ ଶୀତଦିନେ ପରିବେଷଣ କରାଯାଏ।

ପୁଷ୍ଟିସାଧନ ପ୍ରସଙ୍ଗରେ ଶ୍ରୀ ମୋଦୀ ପିଲାମାନଙ୍କୁ ଋତୁକାଳୀନ ଫଳ ଖାଇବା ପାଇଁ ଅନୁରୋଧ କରିଥିଲେ। ସେ ପିଲାମାନଙ୍କୁ ଜଙ୍କ୍ ଫୁଡ୍, ତେଲିଆ ଖାଦ୍ୟ ଏବଂ ମଇଦାରେ ତିଆରି ଖାଦ୍ୟ ଉତ୍ପାଦରୁ ଦୂରେଇ ରହିବାକୁ ଉତ୍ସାହିତ କରିଥିଲେ। କିପରି ସଠିକ୍ ଭାବରେ ଖାଦ୍ୟ ଖାଇବାର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ପିଲାମାନଙ୍କୁ ଗିଳିବା ପୂର୍ବରୁ ଅତି କମରେ ୩୨ ଥର ଖାଦ୍ୟ ଚୋବାଇବା ପାଇଁ ଉତ୍ସାହିତ କରିଥିଲେ। ସେ ପିଲାମାନଙ୍କୁ ପାଣି ପିଇବା ସମୟରେ ପାଣିର ସ୍ୱାଦ ଚାଖିବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ। ଠିକ୍ ସମୟରେ ସଠିକ୍ ଖାଦ୍ୟ ଖାଇବା ପ୍ରସଙ୍ଗରେ ଶ୍ରୀ ମୋଦୀ କୃଷକମାନଙ୍କ ଉଦାହରଣ ଦେଇ କହିଥିଲେ ଯେ ସେମାନେ କ୍ଷେତକୁ ଯିବା ପୂର୍ବରୁ ସକାଳେ ଏକ ଆତ୍ମିକ ତୃପ୍ତି ଦେଉଥିବା ଜଳଖିଆ ଖାଇଥାନ୍ତି ଏବଂ ସୂର୍ଯ୍ୟାସ୍ତ ପୂର୍ବରୁ ରାତ୍ରିଭୋଜନ ଶେଷ କରିଥାନ୍ତି। ସେ ଛାତ୍ରଛାତ୍ରୀଙ୍କୁ ସମାନ ସ୍ୱାସ୍ଥ୍ୟକର ଅଭ୍ୟାସ ଅନୁସରଣ କରିବାକୁ ଉତ୍ସାହିତ କରିଥିଲେ। ସୁସ୍ଥତା ବିଷୟରେ ଆଲୋଚନା କରି ପ୍ରଧାନମନ୍ତ୍ରୀ ରେଖାଙ୍କିତ କରିଥିଲେ ଯେ ସୁସ୍ଥତାର ଅନୁପସ୍ଥିତିର ଅର୍ଥ ନୁହେଁ ଯେ ଜଣେ ସୁସ୍ଥ। ତେଣୁ ପିଲାମାନଙ୍କୁ ସୁସ୍ଥତା ଉପରେ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ଶରୀରର ସୁସ୍ଥତା ଏବଂ ଫିଟନେସ ସୁନିଶ୍ଚିତ କରିବା ପାଇଁ ସଠିକ୍ ପରିମାଣର ନିଦ୍ରା ଗୁରୁତ୍ୱପୂର୍ଣ୍ଣ।

ଚାପ ମୁକାବିଲାରେ ଦକ୍ଷତା ବିଷୟ ଉପରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଆମ ସମାଜରେ ଏପରି ଏକ ଧାରଣା ରହିଛି, ଯଦି ଦଶମ କିମ୍ବା ଦ୍ୱାଦଶ ପରି ବିଦ୍ୟାଳୟ ପରୀକ୍ଷାରେ ଜଣେ ଉଚ୍ଚ ନମ୍ବର ହାସଲ କରିପାରୁନାହିଁ ତା'ହେଲେ ତା'ର ଜୀବନ ନଷ୍ଟ ବୋଲି ଧରି ନିଆଯାଉଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ପିଲାମାନଙ୍କ ଉପରେ ଚାପ ବଢ଼ାଇଛି ବୋଲି ସେ କହିଛନ୍ତି। ଏକ କ୍ରିକେଟ୍ ମ୍ୟାଚରେ ବ୍ୟାଟ୍ସମ୍ୟାନଙ୍କ ବଲ୍ ଉପରେ ଏକାଗ୍ରତା ବିଷୟରେ ଉଲ୍ଲେଖ କରି ଶ୍ରୀ ମୋଦୀ ପିଲାମାନଙ୍କୁ ବ୍ୟାଟ୍ସମ୍ୟାନଙ୍କ ପରି ବାହ୍ୟ ଚାପରୁ ଦୂରେଇ ରହିବାକୁ ଏବଂ କେବଳ ଅଧ୍ୟୟନ ଉପରେ ଧ୍ୟାନ ଦେବାକୁ ଉତ୍ସାହିତ କରିଥିଲେ ଯାହା ସେମାନଙ୍କୁ ଚାପରୁ ମୁକୁଳିବାରେ ସାହାଯ୍ୟ କରିବ। ଛାତ୍ରଛାତ୍ରୀଙ୍କୁ ଭଲ ଭାବେ ପ୍ରସ୍ତୁତ ରହିବାକୁ ଏବଂ ପ୍ରତ୍ୟେକ ଥର ନିଜକୁ ଆହ୍ୱାନ ଦେଇ ଚାଲିବାକୁ କହି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଅନେକ ଲୋକ ନିଜ ବିରୁଦ୍ଧରେ ନିଜ ଲଢ଼େଇ ନିଜେ ଲଢ଼ନ୍ତି ନାହିଁ। ଆତ୍ମ-ପ୍ରତିଫଳନର ଗୁରୁତ୍ୱ ଉପରେ ସେ ମନ୍ତବ୍ୟ ଦେଇ ପିଲାମାନଙ୍କୁ ବାରମ୍ବାର ନିଜକୁ ପ୍ରଶ୍ନ ପଚାରିବା ପାଇଁ ଅନୁରୋଧ କରିଥିଲେ। ସେମାନେ କ'ଣ ହୋଇପାରିବେ, ହାସଲ କରିପାରିବେ ଏବଂ କେଉଁ କାର୍ଯ୍ୟ ସେମାନଙ୍କୁ ସନ୍ତୋଷ ଆଣିବ ସେହି ପ୍ରଶ୍ନ ନିଜକୁ ପଚାରିବା ପାଇଁ ସେ ଜୋର ଦେଇଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ସମ୍ବାଦପତ୍ର କିମ୍ବା ଟିଭି ପରି ଦୈନନ୍ଦିନ ବାହ୍ୟ ପ୍ରଭାବ ଦ୍ୱାରା ଜଣଙ୍କର ଧ୍ୟାନ ପ୍ରଭାବିତ ହେବା ଉଚିତ ନୁହେଁ, ବରଂ ସମୟ ସହିତ ସ୍ଥିର ଭାବରେ ବିକଶିତ ହେବା ଉଚିତ। ପ୍ରଧାନମନ୍ତ୍ରୀ ଦର୍ଶାଇଥିଲେ ଯେ ଅନେକ ଲୋକ ଅନେକ ସମୟରେ ସେମାନଙ୍କ ମନକୁ ବିନା ନିର୍ଦ୍ଦେଶରେ (ପୃ-୮)

## ପରୀକ୍ଷା ପ୍ରସ୍ତୁତି ଉପରେ ଅଧିକ ଫୋକସ କରନ୍ତୁ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୦।୨ (ମହାଭାରତ): ପରୀକ୍ଷା ସମୟ ପ୍ରାୟ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଥାଏ। ପରୀକ୍ଷା ପୂର୍ବରୁ ଅଳ୍ପ ଚାପ ଭଲ, କିନ୍ତୁ ଅଧିକ ଚାପଗ୍ରସ୍ତ ନହୋଇ ଶିକ୍ଷକ ମାନଙ୍କ ପରାମର୍ଶ ମାନି ସମୟର ସଠିକ ଉପଯୋଗ କରି ଓ ସର୍ବଦା ଆଗକୁ ବିବାର ଇଚ୍ଛା ନେଇ ଆତ୍ମବିଶ୍ୱାସର ସହ କଠୋର ପରିଶ୍ରମ ଜାରି ରଖିଲେ ସଫଳତା ନିଶ୍ଚୟ ମିଳିବ ବୋଲି, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି, ଭୁବନେଶ୍ୱରସ୍ଥ ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଥିବା ପରୀକ୍ଷା ପେ ଚର୍ଚ୍ଚା ୨୦୨୫ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉପଦେଶ ଦେଇଛନ୍ତି।

ଏହି ଅବସରରେ 'ପରୀକ୍ଷା ପେ' ଚର୍ଚ୍ଚା'-୨୦୨୫ର ଅଷ୍ଟମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସିଧାସଳଖ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ସହ ଏହି ମତ ବିନିମୟ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ପ୍ରସ୍ତୁତ ଭିଡିଓଟି ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପରିବେଷଣ କରାଯାଇଥିଲା ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେଯେ ଶିକ୍ଷା ଜୀବନ ପ୍ରତି ଏକ ଆନନ୍ଦର ମନୋଭାବକୁ ପ୍ରୋତ୍ସାହିତ କରେ। ଛାତ୍ରଛାତ୍ରୀ ମାନେ ପରୀକ୍ଷା ଦେବା ସମୟ ଠାରୁ ପରୀକ୍ଷା ପୂର୍ବ ସମୟକୁ ଭଲ ଭାବେ ଉପଯୋଗ କରିବା ସହିତ ନିଜକୁ ମାନସିକ ସ୍ତରରେ ଦୃଢ ରଖି ଏବଂ ପରୀକ୍ଷା ସମୟରେ ଷ୍ଟ୍ରେସରେ ନଆସି, ଶିକ୍ଷକ ଶିକ୍ଷୟିତ୍ରୀଙ୍କ କଥା ମାନି ଏକାଗ୍ର ଚିତ୍ତରେ ପଢିବା ଉଚିତ। ପରୀକ୍ଷା ପ୍ରତି କେବେ ହେଲେ ନିଜର ଭୟ ରଖିବ ନାହିଁ। ଭୟ ଆସିଗଲେ, ମନରୁ ଏକାଗ୍ରତା ଚାଲିଯାଏ। ଏକାଗ୍ରତା ପାଇଁ ଟିକେ ରିଲାକ୍ସ ହେବା ଦରକାର। ଏଣୁ ଅଧିକ ସମୟ ଏକାଗ୍ର ଚିତ୍ତରେ ପାଠ ପଢିବା ପାଇଁ, ପଢା ମଝିରେ ୫/୧୦ ମିନିଟ ପାଇଁ ବିରତି ନେଇ ପୁଣିଥରେ ମନଦେଇ ପଢିବ।

ମୁଣ୍ଡ ଉପରେ ପରୀକ୍ଷା ଆସି ଉପନୀତ ହୋଇ ସାରିଛି। ମୋର ଦୃଢ଼ ବିଶ୍ୱାସ ତୁମମାନଙ୍କୁ ନିଜ ନିଜ ପରିଶ୍ରମର ମୂଲ୍ୟ ନିଶ୍ଚିତ ଭାବରେ ମିଳିବ। ସର୍ବଦା ଆଗକୁ ବିବାର ଇଚ୍ଛା ନେଇ ଆତ୍ମବିଶ୍ୱାସର ସହ କଠୋର ପରିଶ୍ରମ ଜାରି ରଖିଲେ ଉଦ୍ୟମ ଆଦୌ ବୃଥା ଯିବ ନାହିଁ। ପରୀକ୍ଷା ଫଳ ଉପରେ ଫୋକସ ନକରି ପରୀକ୍ଷା ପ୍ରସ୍ତୁତି ଉପରେ ଅଧିକ ଫୋକସ କରିଲେ ହିଁ ସଫଳତା ମିଳିବ। ପରୀକ୍ଷା ସମୟରେ ଅଲଗା ଚିନ୍ତା ନକରି ଯାହା ପଡିଛି ସେହି ବିଷୟରେ ଧ୍ୟାନ ଦେବା ଉଚିତ। ଯେଉଁ ବିଷୟରେ ପରୀକ୍ଷା ଦେବ, ପରୀକ୍ଷା ପୂର୍ବରୁ ସେହି ବିଷୟର ସାରାଂଶ ନୋଟ କରି ରଖ। ଏହାକୁ ବାରମ୍ବାର ଅଭ୍ୟାସ କରି ପରୀକ୍ଷା ହଲକୁ ଯିବ ଦେଖିବ, ଯାହାଫଳରେ ତୁମେ ମାନେ ନର୍ଭସ ହେବ ନାହିଁ ବୋଲି ଛାତ୍ର ଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ପାଠପଢା ଓ ଡିଜିଟାଲ ଉପକରଣ (ପୃ-୮)

# ବୁଡ଼ ପକାଇଲେ ରାଷ୍ଟ୍ରପତି

**ମହାକୁମ୍ଭନଗର, ୧୦।୨:** ଦେଶର ପ୍ରଥମ ନାଗରିକ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପ୍ରୟାଗରାଜର ପବିତ୍ରଧରାରେ ତ୍ରିବେଣୀ ସଙ୍ଗମରେ ଆସ୍ଥାର ବୁଡ ପକାଇଛନ୍ତି। ତ୍ରିବେଣୀ ସଙ୍ଗମରେ ରାଷ୍ଟ୍ରପତି ମୁର୍ମୁ ବିଦେଶାଗତ ପକ୍ଷୀଙ୍କୁ ଦାନା ଖୁଆଇଥିଲେ। ଦେଶର ପ୍ରଥମ ନାଗରିକଙ୍କ ସଙ୍ଗମରେ ପବିତ୍ର ବୁଡ ପକାଇବାର ଏହା ଐତିହାସିକ କ୍ଷଣ ଅଟେ। ସୂଚନାଯୋଗ୍ୟ ଏହା ପୂର୍ବରୁ ଭାରତର ପ୍ରଥମ ରାଷ୍ଟ୍ରପତି ଡ.ରାଜେନ୍ଦ୍ର ପ୍ରସାଦ ବି ମହାକୁମ୍ଭରେ ପବିତ୍ର ସ୍ନାନ କରିଥିଲେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପ୍ରୟାଗରାଜରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସକାଳେ ପ୍ରୟାଗରାଜରେ ପହଂଚିବା ପରେ ରାଜ୍ୟପାଳ ଆନନ୍ଦୀ ବେନ ପଟେଲ ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କ ସ୍ୱାଗତ କରିଥିଲେ। ଏଠାରୁ ସେ ଅରୈଲ ଘାଟ ଯାଇଥିଲା, ଯେଉଁଠାରୁ ସେ କ୍ରୁଜରେ ବସି ତ୍ରିବେଣୀ ସଙ୍ଗମ ଯାଇଥିଲେ।



ଏହି ଅବସରରେ ରାଷ୍ଟ୍ରପତି ଡେକ ଉପରେ ଠିଆ ହୋଇ ନୌକା ବିହାରର ଆନନ୍ଦ ନେବା ସହ ତାଙ୍କ ହାତରେ ପକ୍ଷୀଙ୍କୁ ଦାନା ଦେଇଥିଲେ। ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଆସ୍ଥାର ସହ ତ୍ରିବେଣୀ ସଙ୍ଗମରେ ସ୍ନାନ କରିଥିଲେ ରାଷ୍ଟ୍ରପତି। ବୁଡ ପୂର୍ବରୁ ରାଷ୍ଟ୍ରପତି ତ୍ରିବେଣୀ ସଙ୍ଗମରେ ପୁଷ୍ପ ଓ ନଡିଆ ଅର୍ପଣ କରିବା ସହ ଭଗବାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ପ୍ରଣାମ କରିଥିଲେ।

# ୧୬ରେ ବିଧାନସଭା ଘେରିବେ ପ୍ରାଥମିକ ଶିକ୍ଷକ

ଭୁବନେଶ୍ୱର, ୧୦।୨ (ମହାଭାରତ): ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ ନିଯୁକ୍ତି ଉଚ୍ଛେଦ ଓ ନିଯୁକ୍ତ ପାଇଥିବା ସ୍କିମାଟିକ ଶିକ୍ଷକଙ୍କୁ ତୁରନ୍ତ ନିୟମିତ ଶିକ୍ଷକ କରିବା ଆଦି ତିନି ଦଫା ଦାବି ନେଇ ଆସନ୍ତା ୧୬ ତାରିଖରେ ବିଧାନସଭା ଘେରାଉ କରିବେ ପ୍ରାଥମିକ ଶିକ୍ଷକ। ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ରବିବାର ଶ୍ରମିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା ଏହି ଚେତାବନୀ ଦେଇଛନ୍ତି। ୮ ଓ ୬ ବର୍ଷର ଶିକ୍ଷା ସହାୟକ/ କନିଷ୍ଠ ଶିକ୍ଷକଙ୍କ କାର୍ଯ୍ୟକାଳକୁ ନୋଶନାଲ ଇନକ୍ରିମେଣ୍ଟ ଦେଇ ଗଣନା କରିବା, ଅନ୍ୟରାଜ୍ୟ ଭଳି ପ୍ରାଥମିକ ଶିକ୍ଷକଙ୍କୁ ଅବିକଳ କେନ୍ଦ୍ରୀୟ ହାରରେ ୩୫,୪୦୦ ଦରମା ଦେବା ଓ ଶିକ୍ଷକଙ୍କୁ ପୁରୁଣା ପେନସନ ପ୍ରଦାନ କରିବା ଆଦି ଦାବି ନେଇ ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ। ପ୍ରାଥମିକ ଶିକ୍ଷାକ୍ଷେତ୍ରରେ ଯାହା ପରିସ୍ଥିତି ସୃଷ୍ଟି ହେବ, ସେଥିପାଇଁ ଶିକ୍ଷକମାନେ ନୁହନ୍ତି, ବରଂ ସରକାର ଦାୟୀ ରହିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ, କନିଷ୍ଠ ଶିକ୍ଷକ ସଂଘର ରାଜ୍ୟ ଆବାହକ ଶେଷଦେବ ଯଙ୍କକାମ ଦେଓ, ଅଲୋଷ୍ଟା ସଭାପତି ବିକ୍ରମ କୁମାର ଦାଶ, ଅଲୋଷ୍ଟା ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, ଯୁଧିଷ୍ଠିର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିଷ୍ଠା ହେବ ଆଉ ୩ କାଡେଟ୍ ଟ୍ରେନିଂ ସେଣ୍ଟର

ଭୁବନେଶ୍ୱର, ୧୦।୨ (ମହାଭାରତ); ଏନ୍.ସି.ସି. ମହାନିର୍ଦ୍ଦେଶକ ଲେଫ୍‌ଟନାଣ୍ଟ ଜେନେରାଲ ଗୁରୁବୀର ପାଲ୍ ସିଂହ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଓଡ଼ିଶାରେ ଏନ୍.ସି.ସି.ର ସମ୍ପ୍ରସାରଣ ସମ୍ପର୍କରେ ଆଲୋଚନା କରିଛନ୍ତି। ଆଲୋଚନାରୁ ଜଣାଯାଇଛି ଯେ, ଓଡ଼ିଶାରେ ଏନ୍.ସି.ସି.ର କାଡେଟ୍ ସଂଖ୍ୟା ୬୦ ହଜାର ରହିଛି। ଏହାକୁ ୯୦ ହଜାରକୁ ବୃଦ୍ଧି କରାଯିବ। ଏଥିପାଇଁ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ସହିତ ରାଜ୍ୟର ଅନ୍ୟାନ୍ୟ ବିଦ୍ୟାଳୟରେ ମଧ୍ୟ ଏନ୍.ସି.ସି. ଶାଖା ପ୍ରତିଷ୍ଠା କରାଯିବ।

ରାଜ୍ୟରେ ଏନ୍.ସି.ସି. ପିଲାଙ୍କ ଦକ୍ଷତା ବୃଦ୍ଧି ପାଇଁ କଟକ, ବ୍ରହ୍ମପୁର ଓ ସମ୍ବଲପୁରରେ ତିନୋଟି ଟ୍ରେନିଙ୍ଗ୍ ସେଣ୍ଟର ପ୍ରତିଷ୍ଠା କରାଯିବ କଟକ ଓ ବ୍ରହ୍ମପୁରରେ ଏଥିପାଇଁ ୫ ଏକର ଲେଖାଏଁ ଜମି ଉପଲବ୍ଧ ଥିବାବେଳେ, ସମ୍ବଲପୁରରେ ଏଥିପାଇଁ ୧୦ ଏକର ଜମି ଯୋଗାଇ ଦିଆଯିବ। ଏହା ସହିତ କୋରାପୁଟରେ ଏନ୍.ସି.ସି.ର ଗ୍ରୁପ୍ ହେଡ୍‌କ୍ୱାର୍ଟର୍ସ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଧିକାରୀ ଓ କର୍ମଚାରୀ ମଧ୍ୟ ଯୋଗାଇ ଦିଆଯିବ। ଝାରସୁଗୁଡ଼ା ଏୟାରପୋର୍ଟରେ ଏନ୍.ସି.ସି. ପିଲାମାନଙ୍କୁ ବିମାନ ଉଡାଣ ପ୍ରଶିକ୍ଷଣ ଦେବାପାଇଁ ମଧ୍ୟ ନିଷ୍ପତ୍ତି କରାଯାଇଛି ଏଥିପାଇଁ ସେଠାରେ ଏକ ହ୍ୟାଙ୍ଗର ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧.୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏନ୍.ସି.ସି. ହେଉଛି ଦେଶର ଏକ ପ୍ରତିଷ୍ଠିତ ସଂସ୍ଥା ଛାତ୍ର ଓ ଯୁବଶକ୍ତିର ସମ୍ଭାବନାକୁ ବିକଶିତ କରି ଦେଶର ସେବାରେ ନିୟୋଜିତ କରିବା କ୍ଷେତ୍ରରେ ଏହାର ତୁଳନା ନାହିଁ। ତେଣୁ ଓଡ଼ିଶାରେ ଏହି ସଂସ୍ଥାର ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଏବଂ ଏନ୍.ସି.ସି.ର ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏଥିପାଇଁ ଏନ୍.ସି.ସି. ପକ୍ଷରୁ ଡାଇରେକ୍ଟର କର୍ଣ୍ଣେଲ ସାଗର ମହାନ୍ତି ଓ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଏନ୍.ସି.ସି. ଓ ରାଜ୍ୟ ସରକାର ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ନିଷ୍ପତ୍ତି ଗୁଡ଼ିକର ରୂପାୟନକୁ ତ୍ୱରାନ୍ୱିତ କରିବା ପାଇଁ ସ୍ଥିର ହୋଇଛି।

# ଓସିଏକୁ ନୋଟିସ

**ଭୁବନେଶ୍ୱର, ୧୦।୨ (ମହାଭାରତ):** ବାରବାଟୀ ଷ୍ଟାଡିୟମରେ ଗତକାଲି ଅନୁଷ୍ଠିତ ଭାରତ-ଇଂଲଣ୍ଡ ଦିନିକିଆ ମ୍ୟାଚରେ ହୋଇଥିବା ଫ୍ଲଡ୍‌ଲାଇଟ୍ ବନ୍ଦ ହୋଇଯିବା ଘଟଣା ନେଇ ଅନ୍ତର୍ଜାତୀୟସ୍ତରରେ ଓସିଏ ନିନ୍ଦିତ ହୋଇଛି। ତେବେ ଏତେ ବଡ଼ ବିଭ୍ରାଟ କେମିତି ଓ କାହିଁକି ଖେଳ ମଝିରେ ହେଲା? ଏତେ ପ୍ରସ୍ତୁତି ସତ୍ତ୍ୱେ କିପରି ଏମିତି ଅଭାବନୀୟ ଘଟଣା ଘଟିଲା? ତାହା ଏବେ ବଡ଼ ପ୍ରଶ୍ନ। ଏହା ଓସିଏର ପାରିବା ପଣିଆ ଉପରେ ମଧ୍ୟ ପ୍ରଶ୍ନ ଉଠାଇଛି। ଏହି ପ୍ରସଙ୍ଗରେ ଓସିଏକୁ କାରଣ ଦର୍ଶାଅ ନୋଟିସ ଜାରି କରିଛି ଯୁବ ଓ କ୍ରୀଡ଼ା ବିଭାଗ। ଆଲୋକ ବିଫଳତା ଯୋଗୁଁ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଏକଦିବସୀୟ ମ୍ୟାଚ୍ ସମୟରେ ହୋଇଥିବା ବାଧା ପାଇଁ କାରଣ ଦର୍ଶାନ୍ତୁ ବୋଲି ଓସିଏକୁ ଚିଠି ଲେଖିଛନ୍ତି କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ।

ଓଡ଼ିଶା କ୍ରିକେଟ୍ ଆସୋସିଏସନକୁ ଏହି ବ୍ୟାଘାତର କାରଣ ପାଇଁ ଏକ ବିସ୍ତୃତ ବ୍ୟାଖ୍ୟା ଦାଖଲ କରିବା ଏବଂ ଏପରି ତ୍ରୁଟି ପାଇଁ ଦାୟୀ ବ୍ୟକ୍ତି/ଏଜେନ୍ସିଗୁଡ଼ିକୁ ଚିହ୍ନଟ କରିବାକୁ ଏବଂ ଭବିଷ୍ୟତରେ ସମାନ ଘଟଣା ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକର ରୂପରେଖା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଚିଠି ପାଇବାର ୧୦ ଦିନ ମଧ୍ୟରେ ନିଷ୍କର୍ଷ ଦାଖଲ କରିବାକୁ ଓସିଏକୁ ନିର୍ଦ୍ଦେଶ ଦିଆଯାଇଛି।

# ଜୋରନ୍ଦା ମହିମାଗାଦିରେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶୁଭାରମ୍ଭ

ଜୋରନ୍ଦା/ଢେଙ୍କାନାଳ, ୧୦।୨ (**ମହାଭାରତ**): ମାଘମେଳା ଭଳି ପବିତ୍ର ସମୟରେ ଜୋରନ୍ଦା ମହିମାଗାଦିରେ ବହୁ ପ୍ରତିକ୍ଷୀତ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହେବା ଖୁସିର ବିଷୟ। ଆଜିର ପଦକ୍ଷେପ ଦ୍ୱାରା ମହିମା ସମାଜର ଥିବା ଦୀର୍ଘଦିନର ଦାବି ପୂରଣ ହୋଇପାରିଛି ବୋଲି ସୋମବାର ମହିମାଗାଦିରେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶୁଭାରମ୍ଭ ଅବସରରେ ଭିଡ଼ିଓ ବାର୍ତ୍ତା ଜରିଆରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ମହିମା ଧର୍ମର ପବିତ୍ର ତୀର୍ଥ କ୍ଷେତ୍ର ତଥା ଢେଙ୍କାନାଳ ଜିଲ୍ଲାର ଜୋରନ୍ଦାଗାଦିର ପୂଜ୍ୟ ସାଧୁସନ୍ଥ ଏବଂ ଭକ୍ତମାନଙ୍କୁ ପବିତ୍ର ମାଘମେଳାର ଶୁଭକାମନା ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଯୋରନ୍ଦା ମାଘ ମେଳା - ବିଶ୍ୱ କଲ୍ୟାଣ ପାଇଁ ପୂଜ୍ୟ ମହିମା ସାଧୁମାନଙ୍କ ଏକତା ଏବଂ ସମୂହ ପ୍ରାର୍ଥନା ମେଳା। ଏହି କ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସରକାରଙ୍କ 'ଜଳ ଜୀବନ ମିଶନ'ରେ ଗଁଦିଆ। ବ୍ଲକର ମହିମାଗାଦିରେ ଦୈନିକ ୩୫ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ପାନୀୟ ଜଳ ପ୍ରକଳ୍ପ ଆରମ୍ଭ ହୋଇଛି। ଏହି ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓଏନଜିସି ପକ୍ଷରୁ ସିଏସଆରର ପ୍ରକଳ୍ପ ଅଧୀନରେ ୧୦ କୋଟି ୩୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏଠାରେ ଦିନକୁ ୧୦ ଲକ୍ଷ ଲିଟର ପାଣି ଷ୍ଟୋରେଜ୍ ହୋଇପାରିବ। ଏହି ବ୍ୟବସ୍ଥା ଦ୍ୱାରା ସାନ ମଠ, ବଡ ମଠ, ଯାତ୍ରା ପଡ଼ିଆ। ସମେତ ୧୦ଟି ମଠ ଓ ସର୍ବସାଧାରଣ ସ୍ଥାନକୁ ପାଇପ ଯୋଗେ ୨୪ ଘଣ୍ଟା ସ୍ୱଚ୍ଛ ପାନୀୟ ଜଳ ଯୋଗାଯିବ। ଏହି ବ୍ୟବସ୍ଥା ଦ୍ୱାରା ମୋଟ ୧୩ଟି ଗାଁର ୧୨,୦୦୦ରୁ ଅଧିକ ଲୋକମାନେ ଏହା ଦ୍ୱାରା ଉପକୃତ ହେବେ। ସେଥିମଧ୍ୟରୁ ୨୦ ପ୍ରତିଶତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଲୋକମାନେ ଏହାର ସୁବିଧା ପାଇପାରିବେ। ସେ ଆହୁରି କହିଛନ୍ତି ଯେ ପ୍ରତିବର୍ଷ ଏହି ସମୟରେ ରାଜ୍ୟ ଓ ପଡୋଶୀ ରାଜ୍ୟରୁ ପ୍ରାୟ ୨ ଲକ୍ଷ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ ମାଘମେଳାକୁ ଆସିଥାନ୍ତି। ଏହି ମେଗା ୱାଟର ପ୍ରୋଜେକ୍ଟ ସ୍ଥାନୀୟ ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଆବଶ୍ୟକତାକୁ ପୂରଣ କରିବାରେ ବେଶ୍ ସହାୟକ ହେବ। ଏହି ବିକାଶମୂଳକ ପ୍ରକଳ୍ପ ଶୁଭାରମ୍ଭ ଅବସରରେ ମହିମା ସମାଜର ସାଧୁସନ୍ଥମାନଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଏବଂ ଆର୍ଥିକ ଅନୁଦାନ ପାଇଁ ଓଏନଜିସିକୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି।



## ଅମିତ ଶାହାଙ୍କୁ ଭେଟିଲେ ସାଂସଦ ପ୍ରଦୀପ ପୁରୋହିତ

# ଗନ୍ଧମାର୍ଦ୍ଦନକୁ ଜାତୀୟ ସମ୍ପତ୍ତି ମାନ୍ୟତା ଦାବି

ନୂଆଦିଲ୍ଲୀ, ୧୦।୨ (ମହାଭାରତ): ବରଗଡ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ସୋମବାର ପାର୍ଲାମେଣ୍ଟ ଭବନରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ସାକ୍ଷାତ କରି ବରଗଡ଼ ଲୋକସଭା କ୍ଷେତ୍ର ଅନ୍ତର୍ଗତ ଗନ୍ଧମାର୍ଦ୍ଦନ ପୀଠକୁ ପରିଦର୍ଶନରେ ଆସିବା ପାଇଁ ସ୍ୱରାଷ୍ଟ୍ର ଆମନ୍ତ୍ରଣ କରିବା ସହ ଗନ୍ଧମାର୍ଦ୍ଦନ ପର୍ବତର ସୁରକ୍ଷା ସହ ଏହାକୁ ଜାତୀୟ ସମ୍ପତ୍ତିର ମାନ୍ୟତା ଦେବାକୁ ଦାବି ଜଣାଇଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ସାକ୍ଷାତ କରିବା ସହ ୨ଟି ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଓଡ଼ିଶାର ପଶ୍ଚିମାଞ୍ଚଳର ୧୧ଟି ଜିଲାର ଲୋକଙ୍କ ସମ୍ବଲପୁରୀ-କୋଶଲି ଭାଷା ମାତୃଭାଷା ହୋଇଥିବା ବେଳେ ଓ ଭାଷାର ଏକ ସମୃଦ୍ଧ ସାହିତ୍ୟ ବ୍ୟାକରଣ ଥିବାରୁ ସମ୍ବଲପୁରୀ - କୋଶଲି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ଓ ପ୍ରାକୃତିକ, ଐତିହାସିକ ପୀଠ ଗନ୍ଧମାର୍ଦ୍ଦନ ପର୍ବତର ସୁରକ୍ଷା ସହ ଏହାକୁ ଜାତୀୟ ସମ୍ପତ୍ତିର ମାନ୍ୟତା ଦେବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ସାଂସଦ ଦାବିପତ୍ର ପ୍ରଦାନ କରିଥିଲେ। ତତ୍କାଳୀନ ସରକାର ଏହାକୁ ୪୭ ବର୍ଷ ପାଇଁ ବାଲକୋ କମ୍ପାନୀକୁ ଲିଜରେ ଦେଇଦେଇଥିଲେ। ଖନନ କାରଣରୁ ପରିବେଶ ଉପରେ ପ୍ରଭାବ ପଡିଥିଲା। ସାଂସ୍କୃତିକ, ଧାର୍ମିକ ଏବଂ ପୌରାଣିକ ଭାବାବେଗକୁ ଆଘାତ ଦେଇଥିଲା ବୋଲି ସାଂସଦ କହିଛନ୍ତି। ୨୦୧୪ ରୁ ୨୦୧୯ ପର୍ଯ୍ୟନ୍ତ ପଦମପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଥିଲେ ପ୍ରଦୀପ ପୁରୋହିତ।



ନିକଟରେ ଅବସ୍ଥିତ ଗନ୍ଧମାର୍ଦ୍ଦନ ପର୍ବତମାଳାର ଐତିହାସିକ, ସାଂସ୍କୃତିକ, ଧାର୍ମିକ ଏବଂ ପ୍ରାକୃତିକ ଦୃଷ୍ଟିକୋଣରୁ କେତେ ଗୁରୁତ୍ୱପୂର୍ଣ୍ଣ ତାହା ବଖାଣିଛନ୍ତି ସାଂସଦ। ଏହି ପର୍ବତମାଳାରେ ଅନେକ ପ୍ରାଚୀନ ମନ୍ଦିର ଅଛି, ଯେଉଁଥିମଧ୍ୟରୁ ନୃସିଂହନାଥ ଏବଂ ହରିଶଙ୍କର ମନ୍ଦିର ପ୍ରମୁଖ ବିଶେଷ ଅବସରରେ ହଜାର ହଜାର ଭକ୍ତ ଏହି ମନ୍ଦିରଗୁଡ଼ିକୁ ଦର୍ଶନ ପାଇଁ ଆସନ୍ତି। ପ୍ରସିଦ୍ଧ ଚୀନ୍ ପରିବ୍ରାଜକ ହିଉଏନ୍ ସାଙ୍ଗ ତାଙ୍କ ପୁସ୍ତକ ସି-ୟୁ-କିରେ ଏହି ଅଞ୍ଚଳ ବିଷୟରେ ଉଲ୍ଲେଖ କରିଥିଲେ ଏବଂ କହିଥିଲେ ଯେ ଗନ୍ଧମାର୍ଦ୍ଦନ ପର୍ବତମାଳାରେ ଏକ ବୌଦ୍ଧ ମଠ ଥିଲା ଯେଉଁଠାରେ ବୌଦ୍ଧ ଦାର୍ଶନିକ ନାଗାର୍ଜୁନ ଉପ-କୁଳପତି ଥିଲେ। ତେବେ ଏହି ଅଞ୍ଚଳ ବକ୍ସାଇଟ୍, ଚୂନପଥର, ଲୁହାପଥର ଏବଂ ଗ୍ରାନାଇଟ୍ ଇତ୍ୟାଦି ଖଣିଜ ସମ୍ପଦରେ ଭରପୁର। ତତ୍କାଳୀନ କଂଗ୍ରେସ ସରକାର ଏହି ଅଞ୍ଚଳର ଖଣିଜ ସମ୍ପଦକୁ ୪୭ ବର୍ଷ ପାଇଁ ବାଲ୍‌କୋ କମ୍ପାନୀକୁ ଲିଜ୍ ଦେଇଥିଲେ। ଖଣି କାର୍ଯ୍ୟକଳାପ ପରିବେଶ ଉପରେ ପ୍ରଭାବ ପକାଇଛି ଏବଂ ସାଂସ୍କୃତିକ, ଧାର୍ମିକ ଏବଂ ପୌରାଣିକ ଭାବନାକୁ ବି ଆଘାତ ଦେଇଛି। ଏହା ବିରୁଦ୍ଧରେ କିଭଳି ସଂଗ୍ରାମ ଚାଲିଛି ତାହା ଗୃହମନ୍ତ୍ରୀଙ୍କୁ କହିଛନ୍ତି ସାଂସଦ। ଗନ୍ଧମାର୍ଦ୍ଦନ ପର୍ବତମାଳାର ଜୈବ ବିବିଧତା, ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଧାର୍ମିକ, ପୌରାଣିକ ଏବଂ ଐତିହାସିକ ଗୁରୁତ୍ୱ ପରିପୂର୍ଣ୍ଣ। ଏଣୁ ଏହି ଅଞ୍ଚଳକୁ ଗସ୍ତ କରିବାକୁ ଅମିତ ଶାହଙ୍କୁ ନିବେଦନ କରିଛନ୍ତି ସାଂସଦ। ଏହଦ୍ୱାରା ଏହି ଅଞ୍ଚଳ ଗୁରୁତ୍ୱ ବୃଦ୍ଧି ପାଇବ ବୋଲି କହିଛନ୍ତି ସାଂସଦ।

# ବ୍ରେଡ ମଲାଇ ରୋଲ

ଆବଶ୍ୟକୀୟ ସାମଗ୍ରୀ : ଗୋଟିଏ ଚାମଚ ଲହୁଣୀ, କ୍ଷୀର ଗୋଟେ କପ, ୨ଚାମଚ କ୍ରିମ, ୨କପ ମିଲ୍କ ପାଉଡର, ଚିନି ଏକ କପ, ଗୁଜୁରାତି ପାଉଡର ଏକ ଚାମଚ,ବ୍ରେଡ ପିସ ୪ଟି, କାଜୁ ୪ଟି, ବାଦାମ ୪ଟି, କେଶର ଯୁକ୍ତ କ୍ଷୀର ୨ଚାମଚ, ଚେରି।

ପ୍ରସ୍ତୁତ ପ୍ରଣାଳୀ: ଏକ ତାୱା ଗରମ କରି ସେଥିରେ ଏକ କପ କ୍ଷୀର, କ୍ରିମ୍, ଏକ ଚାମଚ ଲହୁଣୀ ଦିଅନ୍ତୁ। ଭଲ ଭାବେ ହଲାଇ ମିଶାଇ ଦିଅନ୍ତୁ। ଏବେ ସେଥିରେ କିଛି ମିଲ୍କ ପାଉଡର ଦିଅନ୍ତୁ ଓ ଭଲ ଭାବେ ମିଶାଇ ଦିଅନ୍ତୁ। ମିଶ୍ରଣଟି ବହଳିଆ ହେବା ପରେ ତାକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଏବେ ଏକ କଡାଇରେ ଏକ କପ କ୍ଷୀର ଗରମ କରନ୍ତୁ। ସେଥିରେ ବଳକା ଥିବା କ୍ରିମ ଦିଅନ୍ତୁ। ଏବେ ସେଥିରେ ଚିନି ଦିଅନ୍ତୁ। ଚିନି ଯେମିତି ଭଲ ଭାବେ ମିଶିଯିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଏବେ ସେଥିରେ ଗୁଜୁରାତି ଗୁଣ୍ଡ ଦିଅନ୍ତୁ। ଏବେ ବ୍ରେଡ ସ୍ଲାଇସ ନିଅନ୍ତୁ ଓ ତାର ଚାରି ପାଖରେ ଟ୍ରିମିଙ୍ଗ ରୋଲ କରନ୍ତୁ। ଏକ ଚାମଚ ମାବା ପେଷ୍ଟ ଓ କଟା ଯାଇଥିବା କାଜୁ ଓ ବାଦାମ ଭଲ ଭାବେ ଲଗାନ୍ତୁ। ଏବେ ତାକୁ ମୋଡି ଏକ ଟାଇମ ରୋଲ ପ୍ରସ୍ତୁତ କରନ୍ତୁ। ଏବେ ଏହି ରୋଲ ଗୁଡ଼ିକୁ ଧୀରେ ଧୀରେ କ୍ଷୀରରେ ପକାନ୍ତୁ। ପ୍ରସ୍ତୁତ ହେବା ପରେ ଭଲ ଭାବେ ଥଣ୍ଡା କରି ଦିଅନ୍ତୁ। ଥଣ୍ଡା ହେବା ପରେ ପରଷନ୍ତୁ।



ଖବର

# ରିଲିଜ୍ ପୂର୍ବରୁ କମାଲ ଦେଖାଇଲା 'ଛାବା'





ଭିକି କୌଶଳଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଛାବା'। ଫିଲ୍ମ ରିଲିଜ୍ ପୂର୍ବରୁ ବକ୍ସ ଅଫିସରେ ଧମାଲ ସୃଷ୍ଟି କରିଛି। ଫିଲ୍ମଟି ଏହାର ଆଡଭାନ୍ସ ବୁକିଂ ମାଧ୍ୟମରେ ୨.୨୯ କୋଟି ଟଙ୍କା ରୋଜଗାର କରିଛି, ଯାହାକୁ ମାର୍ଭେଲର 'କ୍ୟାପ୍ଟେନ୍ ଆମେରିକା: ବ୍ରେଭ୍ ନ୍ୟୁ ୱାର୍ଲ୍ଡ' ସହିତ ଏହାର ଟକ୍କରକୁ ଦୃଷ୍ଟିରେ ରଖି ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି। ନିର୍ଦ୍ଦେଶକ ଲକ୍ଷ୍ମଣ ଉତେକରଙ୍କ ଏହି ପିରିୟଡିକ ଡ୍ରାମା ଫିଲ୍ମକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ସ୍ପଷ୍ଟ ଭାବରେ ଦେଖାଯାଉଛି। ବ□ମାନ ଏହି ଫିଲ୍ମ ଆଡଭାନ୍ସ ବୁକିଂରେ ନମ୍ବର ୱାନ୍ରେ ରହିଛି।ଥିଏଟରରେ 'ଛାବା'ର ଆଗୁଆ ବୁକିଂରୁ ମିଳିଥିବା ସୂଚନା ଅନୁଯାୟୀ, ଫିଲ୍ମଟି ୨.୨୯ କୋଟି ଟଙ୍କା ରୋଜଗାର କରିଛି। ଏଥିମଧ୍ୟରୁ, ହିନ୍ଦୀ ୨ଡି ଶୋ' ୨.୨୦ କୋଟି ଟଙ୍କା ରୋଜଗାର କରିଥିଲା। ଯେତେବେଳେ ଓଗଇଢ ୨ଡ ସ୍କ୍ରିନିଂ ୫.୭୯ ଲକ୍ଷ ଟଙ୍କା ରୋଜଗାର କରିଥିଲା। ଏହା ବ୍ୟତୀତ, ୪ଡଢ ଏବଂ ଓଡର ଫର୍ମାଟ ମଧ୍ୟ ଫିଲ୍ମର ମୋଟ ଆୟରେ ଅବଦାନ ରଖିଛି। ଯଦି ବୁକ୍ ହୋଇଥିବା ସିଟ୍ ମଧ୍ୟ ସାମିଲ କରାଯାଏ, ତେବେ ଫିଲ୍ମର ମୋଟ ଆଡଭାନ୍ସ କଲେକସନ ୩.୪୧ କୋଟି ଟଙ୍କାରେ ପହଞ୍ଚିବ।ଫିଲ୍ମଟିର ସର୍ବାଧିକ ବୁକିଂ ମହାରାଷ୍ଟ୍ରରେ ଦେଖାଯାଇଛି। ଯେଉଁଠାରେ ଏହା ୧.୫୬ କୋଟି ଟଙ୍କା ରୋଜଗାର କରିଛି। ଏହା ବ୍ୟତୀତ ଦିଲ୍ଲୀ, କର୍ଣ୍ଣାଟକ, ଗୁଜରାଟ ଏବଂ ତେଲେଙ୍ଗାନାରେ ମଧ୍ୟ ଭଲ ବୁକିଂ ଦେଖିବାକୁ ମିଳିଛି। ଯେଉଁଠାରେ ସଂଗ୍ରହ ୮.୨୧ ଲକ୍ଷ ଟଙ୍କାରୁ ୧୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି।'ଛାଭା'ରେ ଭିକି କୌଶଲଙ୍କ ବ୍ୟତୀତ ରଶ୍ମିକା ମନ୍ଦାନା, ଅକ୍ଷୟ ଖାଓ୍ଵା, ଆଶୁତୋଷ ରାଣା ଏବଂ ଦିବ୍ୟା ଦତ୍ତା ମଧ୍ୟ ଅଭିନୟ କରିଛନ୍ତି। ଚଳଚ୍ଚିତ୍ରର କାହାଣୀ ଛତ୍ରପତି ଶିବାଜୀ ମହାରାଜଙ୍କ ପୁଅ ଛତ୍ରପତି ସମ୍ଭାଜୀ ମହାରାଜଙ୍କ ଜୀବନ ଉପରେ ଆଧାରିତ। ଏହି ମହାନ ନେତାଙ୍କ ସଂଘର୍ଷ ଏବଂ ସାହସିକତାକୁ ଚଳଚ୍ଚିତ୍ରରେ ପ୍ରଦର୍ଶିତ କରାଯିବ। ଏହି ଶୁକ୍ରବାର, ୧୪ ଫେବୃଆରୀରେ ମୁକ୍ତିଲାଭ କରୁଥିବା 'ଛାଭା'ର ଆଡଭାନ୍ସ ବୁକିଂରେ ଯେଉଁ ଉତ୍ସାହ ଏବଂ ପ୍ରତିକ୍ରିୟା ମିଳୁଛି।

# ଏହି ସ୍ଥାନରେ ରଖନ୍ତୁ ଶଙ୍ଖ, ଟଙ୍କାରେ ଭରିଯିବ ଘରି

ବାସ୍ତୁ ଶାସ୍ତ୍ର ଅନୁସାରେ ଘରେ ଶଙ୍ଖ ରହିବା ଶୁଭ ବୋଲି କୁହାଯାଏ। ଏଥିରେ ପରିବାରରେ ଖୁସି ଆସିବା ସହ ଶୁଭ ଖବର ମିଳିଥାଏ । ଶଙ୍ଖକୁ ଠାକୁରଘରେ ରଖିବା ଅଧିକ ଶୁଭ ବୋଲି ସମସ୍ତେ ମାନିଥାନ୍ତି । ଖାଲି ସେତିକି ନୁହେଁ, ଏହା ଦ୍ୱାରା ବାସ୍ତୁ ଦୋଷ ଦୂର ହୋଇଥାଏ । ଘରର ସମସ୍ତ ଆର୍ଥିକ ସମସ୍ୟା ଦୂର ହେବା ସହ ପରିବାରର ଆୟ ବୃଦ୍ଧି କରିବାରେ ଏହା ସହାୟକ ହୋଇଥାଏହିନ୍ଦୁ ଧର୍ମର ମାନ୍ୟତା ଅନୁସାରେ ଶଙ୍ଖ ମା ଲକ୍ଷ୍ମୀ ଏବଂ ବିଷ୍ଣୁଙ୍କ ଅତି ପ୍ରିୟ । ଠାକୁର ଘରେ ଶଙ୍ଖ ରଖିବା ଦ୍ୱାରା ଘରେ ସକାରାତ୍ମକ ଶକ୍ତି ଖେଳିଥାଏ ଏବଂ ପରିବାରରେ ଶାନ୍ତି ବିରାଜମାନ କରିଥାଏ । ବାସ୍ତୁ ଶାସ୍ତ୍ର ଅନୁସାରେ ଠାକୁରଘରେ ଥିବା ଜଳପାତ୍ର କେବେ ବି ଖାଲି ରଖିବା ଉଚିତ ନୁହେଁ । ଏମିତି ହେବା ଦ୍ୱାରା ନାନା ସମସ୍ୟା ଦେଖାଦେଇଥାଏ । ଏହି ପାତ୍ରରେ ତୁଳସୀ କିମ୍ବା ଗଙ୍ଗାଜଳ ରଖିବା ଉଚିତ।



# ଖଜୁରୀ ଖାଇବାର ଫାଇଦା

ଯଦି ଆପଣ ଡ଼ାଏଟରେ ମିଠା ଅନ୍ତର୍ଭୁକ୍ତ କରିବାକୁ ଚାହୁଁଛନ୍ତି ତେବେ ଏଥିରେ କିଛି ଭୁଲ ନାହିଁ। ଏହା ପରିବର୍ତ୍ତେ,ଆପଣ ଶକ୍ତି ପାଇବେ ଏବଂ ଫିଟ ଅନୁଭବ କରିବେ। ଯଦି ଆପଣ ଖଜୁର ଖାଇବାକୁ ପସନ୍ଦ କରନ୍ତି । ତେବେ ଏହା ଆପଣଙ୍କ ପାଇଁ ଅଧିକ ଖୁସି ଖବର। ଖଜୁର ଉଭୟ ଶରୀର ଏବଂ ମନ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ।

ଆପଣ ଜାଣନ୍ତି କି,ଗୋଟିଏ ସପ୍ତାହ ପାଇଁ ପ୍ରତିଦିନ ତିନିଟି ଖଜୁର ଖାଇ ଆପଣ ଅନେକ ରୋଗ ଦୂର କରିପାରିବେ। ଆସନ୍ତୁ ଜାଣିବା ପ୍ରତିଦିନ ଖଜୁର ଖାଇବାର ଉପକାର।

ଖଜୁରରେ କୋଲନ କର୍କଟ ହେବାର ଆଶଙ୍କା କମଥାଏ। ହଜମ ପାଇଁ ଖଜୁର ଭଲ ବୋଲି ବିବେଚନା କରାଯାଏ। ପ୍ରତିଦିନ ଖଜୁରୀ ଖାଇବା ପେଟକୁ ଠିକ ରଖେ ଏବଂ କ୍ଷତିକାରକ ଜୀବାଣୁ ମଧ୍ୟରେ ଦୂରରେ ରୁହନ୍ତି। ହଜମ ପ୍ରକିୟା ଠିକ ଭାବରେ ପରିଚାଳିତ ହେଲେ କୋଲନ କର୍କଟ ହେବାର ଆଶଙ୍କା କମିଯାଏ।

ଖଜୁରୀ ସବୁବେଳେ ଶକ୍ତି ଦେଇଥାଏ। ଖଜୁରୀ ଗୁଡ଼ିକରେ ପ୍ରାକୃତିକଚିନି,ଗ୍ଲୁକୋଜ,ଫ୍ରୁକଟୋଜ ଏବଂ ସୁକ୍ରୋଜ ଥାଏ। ଯାହାକି ଆପଣ ଯେତେବେଳେ ଆବଶ୍ୟକ କରନ୍ତି ଯେତେବେଳେ ଆବଶ୍ୟକ କରନ୍ତି ତୁରନ୍ତ ଶକ୍ତି ପ୍ରଦାନ କରନ୍ତି। ଖଜୁରୀ ଗୁଡ଼ିକରେ ଫାଇବର, ପୋଟାସିୟମ, ମାଗ୍ନେସିୟମ, ଭିଟାମିନ ଏବଂ ଆଣ୍ଟିଅକ୍ସିଡ଼ାଣ୍ଟ ଥାଏ ଯାହା ଶକ୍ତି ସ୍ତର ବଜାୟ ରଖେ।



ଡ଼ାଇଜେସନରେ ଉନ୍ନତି ଆଣିଥାଏ। ଯଦି ତୁମେ ତୁମର ହଜମ ପ୍ରକିୟାକୁ ଭଲ ରଖିବାକୁ ଚାହଁଛ, ତେବେ ଖଜୁରୀ ଖାଇବା ତୁମ ପାଇଁ ଏକ ଉତ୍ତମ ବିକଳ୍ପ। ଆପଣ କେବଳ ଗୋଟିଏ କପ ଖଜୁରୀରେ ୧୨ଗ୍ରାମ ଫାଇବର ପାଇବେ, ଯାହା ଆପଣଙ୍କର ନିୟମିତ ଖାଦ୍ୟରେ ୪୮ପ୍ରତିଶତ ଅଟେ।ଖଜୁରୀ ଗୁଡ଼ିକରେ ଭିଟାମିନ ବି୬ଥାଏ। ଯାହା ଶରୀରକୁ ସେରୋଟୋନିନ ଏବଂ ନୋରପାଇଫ୍ରିନ ତିଆରି କରିବାରେ ସାହାର୍ଯ୍ୟ କରି ଥାଏ। ସେରୋଟୋର୍ନିନ ମନୋବଳକୁ ନିୟନ୍ତ୍ରଣ କରିଥାଏ ଏବଂ ନୋରପାଇଫ୍ରିନ ଶରୀରକୁ ଚାପକୁ ସାମ୍ନା କରିବାରେ ସାହାଯ୍ୟ କରିଥାଏ। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଭିଟାମିନ ବି ୬ର ଅନବତି ମଧ୍ୟ ଅବସାଦର କାରଣ ହୋଇପାରେ।

# ସାବଧାନ! ରାତିରେ ଭାତ ଖାଇଲେ ଏହି ସବୁ ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ



ଭାତ ଆମ ଦୈନନ୍ଦିନ ଖାଦ୍ୟ ତାଲିକାର ଏକ ପ୍ରମୁଖ ଉପାଦାନ। ଅଧିକାଂଶ ଲୋକ ଗୋଟିଏ ଦିନରେ ଏକାଧିକ ଥର ଭାତ ଖାଇଥାନ୍ତି। କିନ୍ତୁ ଜାଣନ୍ତି କି ରାତିରେ ଭାତ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ? ଭାତ ଖାଇବା ଦ୍ୱାରା ମେଦବହୁଳତା ବୃଦ୍ଧିପାଏ ବୋଲି ଜାଣିଥିବେ, କିନ୍ତୁ ଏହି କାରଣରୁ ଅନ୍ୟ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ହୋଇପାରେ। କେଉଁମାନେ ରାତିରେ ଭାତ ଖାଇବା ଅନୁଚିତ, ଜାଣନ୍ତୁ...

ମେଦବହୁଳତା ବୃଦ୍ଧି ହେବାର ଆଶଙ୍କା

ରାତିରେ ଭାତ ଖାଇବା ଦ୍ୱାରା ଓଜନ ବୃଦ୍ଧି ହେବାର ଆଶଙ୍କା ବଢିପାରେ। ଚାଉଳରେ କାର୍ବୋହାଇଡ୍ରେଟ୍ ଅଧିକ ଥାଏ, ଯାହା ଶରୀରରେ ଚର୍ବି ବୃଦ୍ଧି କରିପାରେ। ଯଦି ଓଜନ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି, ତେବେ ରାତ୍ରି ଭୋଜନରେ ଭାତ ଖାଇବାଠୁ ଦୂରେଇ ରୁହନ୍ତୁ।

ମଧୁମେହ ରୋଗୀ

ମଧୁମେହ ରୋଗୀ ରାତିରେ ଆଦୌ ଭାତ ଖାଇବା କଥା ନୁହେଁୟ କାରଣ ଏଥିରେ ଶର୍କରା ଥାଏ। ଚାଉଳରେ ଉଚ୍ଚ ଗ୍ଲାଇସେମିକ୍ ଇଣ୍ଡେକ୍ସ ଥିବାରୁ ଏହା ରକ୍ତରେ ଶର୍କରା ସ୍ତରକୁ ଶୀଘ୍ର ବଢାଇପାରେ। ଏପରି ହେଲେ ମଧୁମେହ ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଆହୁରି ବିଗିଡ଼ି ଯାଇପାରେ।

ହଜମ ପ୍ରକ୍ରିୟା ସମସ୍ୟା

ଯେଉଁମାନଙ୍କର ହଜମ ପ୍ରକ୍ରିୟାରେ ସମସ୍ୟା ଥିବ, ସେମାନେ ରାତିରେ ଭାରତ ଖାଆନ୍ତୁ ନାହ। କାରଣ ଭାତ ହଜମ ହେବାକୁ ଅଧିକ ସମୟ ନେଉଥିବା ବେଳେ ରାତିରେ ହଜମ ପ୍ରକ୍ରିୟା ମ୍ୟର ହୋଇଯାଏ। ଏପରି ସମସ୍ୟା ଥିବା ଲୋକେ ଯଦି ରାତିରେ ଭାତ ଖାଆନ୍ତି ତେବେ, ସେମାନଙ୍କର କୋଷ୍ଠକାଠିନ୍ୟ, ଅମ୍ଳତା ଏବଂ ଅନ୍ୟାନ୍ୟ ହଜମ ସମସ୍ୟା ହୋଇପାରେ।

ଆର୍ଥ୍ରାଇଟିସ୍ ରୋଗୀ

ଆର୍ଥ୍ରାଇଟିସ୍ ରୋଗୀ ରାତିରେ ଭାତ ଖାଇବା ଅନୁଚିତ। ଚାଉଳରେ ଏପରି ଉପାଦାନ ଥାଏ ଯାହା ଶରୀରରେ ପ୍ରଦାହକୁ ବଢାଇପାରେ, ଫଳରେ ଆର୍ଥ୍ରାଇଟିସ ରୋଗୀଙ୍କ ଯନ୍ତ୍ରଣା ବଢିଯାଇଥାଏ।

ଶୋଇବା ସମ୍ବନ୍ଧୀୟ ସମସ୍ୟା

ଭାତ ଖାଇବା ଦ୍ୱାରା ଶରୀରରେ ଟ୍ରାଇପ୍ଟୋଫାନର ପରିମାଣ ବଢିଯାଏ, ଯାହା ଶୋଇବାରେ ସାହାଯ୍ୟ କରିଥାଏ। ତଥାପି, ଏହା କିଛି ଲୋକଙ୍କଠାରେ ସମସ୍ୟା ସୃଷ୍ଟି କରିପାରେ ଏବଂ ସେମାନଙ୍କର ଶୋଇବା ଗୁଣ ଉପରେ ପ୍ରଭାବ ପକାଇପାରେ। ଯଦି ଶୋଇବା ସମସ୍ୟା ଅଛି, ତେବେ ରାତିରେ ଭାତ ଖାଇବାଠାରୁ ଦୂରେଇ ରୁହନ୍ତୁ।

ରାତିରେ କଣ ଖାଇପାରିବେ

ରାତିରେ ଚାଉଳ ବଦଳରେ ଶସ୍ୟଜାତୀୟ ଖାଦ୍ୟ, ଓଟ୍ସ କିମ୍ବା ଅନ୍ୟାନ୍ୟ ହାଲୁକା ଏବଂ ପୁଷ୍ଟିକର ଖାଦ୍ୟ ଖାଇପାରିବେ। ଏହା କେବଳ ହଜମ କରିବାରେ ସାହାଯ୍ୟ କରିବ ନାହିଁ, ବରଂ ସ୍ୱାସ୍ଥ୍ୟକୁ ମଧ୍ୟ ଭଲ ରଖିବ।



# ବସିବା ଅଭ୍ୟାସ ଶରୀରକୁ ପହଞ୍ଚାଏ ହାନି

ସାଧାରଣତଃ ଆଜିକାଲିର ଯୁବପୀଢି ନିଜକୁ ଷ୍ଟାଇଲିସ୍ ଲୁକ୍ ଦେବା ପାଇଁ ବିଭିନ୍ନ ଚାଲିଚଳନକୁ ଆପଣାଇଥାନ୍ତି । ଅଧିକାଂଶ ଯୁବକଯୁବତୀ ଏବେ ବସିବା ସମୟରେ ସିଧା ହୋଇ ନବସି ଗୋଡ ଉପରେ ଗୋଡ ପକାଇ



କରି ବସୁଥିବା ଦେଖିବାକୁ ମିଳୁଛି । କିନ୍ତୁ ଆପଣ ଜାଣନ୍ତି କି ଆପଣଙ୍କର ଏହି ବସିବା ଷ୍ଟାଇଲ ଆପଣଙ୍କ ଶରୀରକୁ ହାନି ପହଞ୍ଚାଇଥାଏ । ଆସନ୍ତୁ ଜାଣିବା ଏପରି ବସିବା ଶରୀର ଉପରେ କ'ଣ ପ୍ରଭାବ ପକାଇଥାଏ ।

ପେଲଭିକ୍ ଇନବାଲାନ୍ସ: ଏପରି ବସିବା ଦ୍ୱାରା ମଣିଷ ଶରୀରର ପେଲଭିକ୍ ମାଂସପେଶୀ ଅସନ୍ତୁଳନ ହୋଇଥାଏ । ଏପରି ପ୍ରତିଦିନ ଅଧିକ ଘଣ୍ଟା ବସିବା ଦ୍ୱାରା ଜଘଂ ସଙ୍କୁଚିତ, ଫୁଲିବା ଇତ୍ୟାଦି ସମସ୍ୟା ଦେଖିବାକୁ ମିଳିଥାଏ ।

ବ୍ଲଡ ସର୍କୁଲେସନ ଉପରେ ପ୍ରଭାବ

ଗୋଡ ଉପରେ ଗୋଡ ରଖି ବସିବା ଦ୍ୱାରା କେବଳ ବ୍ଲଡ ପ୍ରେସର ନୁହେଁ ବରଂ ବ୍ଲଡ ସର୍କୁଲେସନ ମଧ୍ୟ ପ୍ରଭାବିତ ହୋଇଥାଏ । ଏପରି ସ୍ଥିତିରେ ବସିବା ସମୟରେ ଦୁଇଟି ଯାକ ଗୋଡରେ ସମାନ ପରିମାଣରେ ବ୍ଲଡ ସକୁ୍ୟଲେସନ ହୋଇନଥାଏ । ଏହି କାରଣରୁ ଗୋଡ ଝିମିଝିମ୍ ହୋଇଯାଇଥାଏ ।

ବ୍ଲଡପ୍ରେସର ଉପରେ ପ୍ରଭାବ

ଗୋଡ ଉପରେ ଗୋଡ ରଖି ବସିବା ଦ୍ୱାରା ରକ୍ତଚାପ ବଢିଥାଏ । ସେଥିପାଇଁ ଉଚ୍ଚ ରକ୍ତଚାପ ଥିବା ବ୍ୟକ୍ତି ଏପରି ପୋଜିସନରେ ବସିବା ଉଚିତ୍ ନୁହେଁ। ଏହାଛଡା ଯାହାର ରକ୍ତଚାପ ସମସ୍ୟା ନଥାଏ, ସେମାନେ ମଧ୍ୟ ଏପରି ସ୍ଥିତିରେ ବସନ୍ତୁ ନାହିଁ ।

ଲୋୟର ବ୍ୟାକ୍ ଯନ୍ତ୍ରଣା

ଆପଣ ବସିବା ଉଠିବା ସମୟରେ ଅଣ୍ଟାର ତଳ ଭାଗରେ ଯନ୍ତ୍ରଣା ହେଉଛି କି ? ଯଦି ଏପରି ହେଉଥାଏ, ତେବେ ଗୋଡ ଉପରେ ଗୋଡ ପକାଇ ବସନ୍ତୁ ନାହିଁ।

ଜଏଣ୍ଟ ପେନ୍

ଅଫିସରେ ୮ରୁ ୯ ଘଣ୍ଟା ଚେୟାରରେ ବସିବା ଦ୍ୱାରା ଗୋଡର ଗଣ୍ଠି ଯନ୍ତ୍ରଣା ଅନୁଭୂତ ହୋଇଥାଏ । ଯଦି ଆପଣ ଏପରି ସମସ୍ୟାରେ ଗତି କରୁଥାନ୍ତି ଏବଂ ଯୋଗ, ବ୍ୟାୟାମ କରି ମଧ୍ୟ ଏହି ଯନ୍ତ୍ରଣା କମ୍ ହେଉନି । ତେବେ ଆପଣ ଗୋଡ ଉପରେ ଗୋଡ ପକାଇ ବସିବା ଅଭ୍ୟାସ ବନ୍ଦ କରିଦିଅନ୍ତୁ। ଏହାହିଁ ଜଏଣ୍ଟ ପେନର ପ୍ରମୁଖ କାରଣ ।

# ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କ ନିଯୁକ୍ତି ପ୍ରବେଶ ପ୍ରଶିକ୍ଷଣ



**ଭୁବନେଶ୍ୱର,୧୦।୨ (ମହାଭାରତ):** ନବ ନିଯୁକ୍ତ ଓଡ଼ିଶା ପ୍ରଶାସନିକ ସେବା (ପ୍ରତ୍ୟେକ୍ଷ ନିଯୁକ୍ତି-୨୦୨୨) ଓ ପଦୋନ୍ନତି ନିଯୁକ୍ତି (୨୦୨୦-୨୪) ବ୍ୟାଚ୍ ପାଇଁସେବା ନିଯୁକ୍ତି ପ୍ରବେଶ ପ୍ରଶିକ୍ଷଣ (ଇଣ୍ଡକ୍ସନ ଟ୍ରେନିଂ) କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାକୁ ରାଜ୍ୟ ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଗୋପବନ୍ଧୁ ପ୍ରଶାସନ ଏକାଡେମୀର ମହାନିର୍ଦ୍ଦେଶକ ଜି. ମାଥିଭାଥନନ୍ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଅଧିକାରୀ ପ୍ରଶିକ୍ଷାର୍ଥୀମାନଙ୍କୁ ଅତ୍ୟାବଶ୍ୟକ ତଥା ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ଏବଂ ଶାସନ ଦକ୍ଷତା ପ୍ରଦାନ କରିବାରେ ସହାୟକ ହେବ ଶ୍ରେଣୀଭିତ୍ତିକ ଶୈକ୍ଷିକ ଅଧିବେଶନ ତଥା କ୍ୟାମ୍ପସ ବାହାରେ ଶିକ୍ଷଣ କାର୍ଯ୍ୟକଳାପ ସହିତ ବିଭିନ୍ନ ମଡ୍ୟୁଲକୁ ନେଇ ପ୍ରସ୍ତୁତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓଡ଼ିଶା ପ୍ରଶାସନିକ ସେବା ପ୍ରତ୍ୟେକ୍ଷ ନିଯୁକ୍ତି -୨୦୨୨ବ୍ୟାଚ୍ ଏବଂ ପଦୋନ୍ନତି ନିଯୁକ୍ତି୨୦୨୦-୨୪ବ୍ୟାଚ୍ ପାଇଁ ଯଥାକ୍ରମେ ୨୨ ଏବଂ ୧୦ ସପ୍ତାହ ପର୍ଯ୍ୟନ୍ତ ଚାଲିବ।

ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଶ୍ରୀ ଭାଥନନ କହିଥିଲେ ଅନ୍ତର୍ଭୁକ୍ତିକରଣ, ନାଗରିକଙ୍କ ପ୍ରତି ସମ୍ବେଦନଶୀଳତା ଏବଂ ସୁଶାସନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଜନସେବାରେ ନୈତିକତା ଓ ସଚ୍ଚୋଟତାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ପାଇଁ ସେ ଅଧିକାରୀ ପ୍ରଶିକ୍ଷଣାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ। ସେମାନଙ୍କୁ ନିଜ ନିଜ ବ୍ୟକ୍ତିଗତ ତଥା ବୃତ୍ତିଗତ ଜୀବନରେ ସର୍ବୋଚ୍ଚ ଶିଖରରେ ପହଁଚିବା ପାଇଁ ସକାରାତ୍ମକ ମନୋଭାବ ବିକଶିତ କରିବାକୁ କହିଥିଲେ ଅଫିସର ପ୍ରଶିକ୍ଷାର୍ଥୀମାନଙ୍କୁ ମାନସିକ ଓ ଶାରୀରିକ ଭାବେ ସୁସ୍ଥ ରହିବାକୁ ସେ ପରାମର୍ଶ ଦେବା ସହ ପ୍ରଶିକ୍ଷାର୍ଥୀଙ୍କ ସାମଗ୍ରିକ ବ୍ୟକ୍ତିତ୍ୱ ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଉଭୟ ବ୍ୟାଚ୍ ଅଫିସର ପ୍ରଶିକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା ପାରସ୍ପରିକ ଭାଗିଦାରୀଭିତ୍ତିକ ତାଲିମ ଶୈକ୍ଷିକ ଗୁରୁତ୍ୱ ସହ ବ୍ୟବହାରିକ ପ୍ରଶାସନିକ ପ୍ରଦର୍ଶନର ସମ୍ମିଶ୍ରଣରେ ଏକ ଜୀବନବ୍ୟାପୀ ଶିକ୍ଷଣ ଅନୁଭୂତି ପ୍ରଦାନ କରିବ। ଏକାଡେମୀ ତରଫରୁ ପ୍ରଶିକ୍ଷଣ ସମ୍ବନ୍ଧୀୟ ସର୍ବୋତ୍ତମ ସହାୟତା ପ୍ରଦାନ କରିବାକୁ ସେ ପ୍ରଶିକ୍ଷଣର୍ଥୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

ଏକାଡେମୀର ଉପମହାନିର୍ଦ୍ଦେଶକ ଲାଲା ମନୋଜ କୁମାର ରାୟ ପ୍ରାରମ୍ଭରେ ଅଧିକାରୀ ପ୍ରଶିକ୍ଷାର୍ଥୀମାନଙ୍କୁ ସ୍ୱାଗତ କରିବା ସହ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ପ୍ରଶିକ୍ଷଣଢାଞ୍ଚା ରୂପରେଖ ସଂପର୍କରେ ଆଲୋକପାତ କରି ଏହା କିପରି ଅଧିକ ପ୍ରଭାବୀ ହୋଇପାରିବ, ସେ ସଂପର୍କରେ ସଂଯୋଜନା କରାଯାଇଥିବା ପ୍ରକାଶ କରିଥିଲେ। ଜିଏଏର ଅତିରିକ୍ତ ନିର୍ଦ୍ଦେଶିକା ଡ. ମୋନାଲିସା ଲେଙ୍କା ଅଫିସର ପ୍ରଶିକ୍ଷଣର୍ଥୀଙ୍କ ପାଇଁ ପ୍ରସ୍ତୁତ ପ୍ରଶିକ୍ଷଣ ପାଠ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ।

# ଷଣ୍ଡ ଆକ୍ରମଣରେ ମହିଳା ମୃତ

**ଭୁବନେଶ୍ୱର,୧୦।୨ (ମହାଭାରତ):** ରାଜଧାନୀରେ ଷଣ୍ଢ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ଘଟଣା। ଉତ୍ପାତିଆ ଷଣ୍ଢକୁ ଟ୍ରାଙ୍କୁଲାଇଜ କରିବ ବିଏମ୍‌ସି। କିଛି ଦିନ ହେବ ଷଣ୍ଢ ଉତ୍ପାତରେ ତ୍ରାହି ତ୍ରାହି ଡାକୁଥିଲେ ସ୍ଥାନୀୟ ଲୋକେ। ହେଲେ ସୋମବାର ସବୁ ସୀମା ଟପିଗଲା। ଷଣ୍ଢ ଆକ୍ରମଣରେ ଜଣେ ମହିଳାଙ୍କ ଜୀବନ ଚାଲିଯାଇଥିବାବେଳେ ୫ ଜଣ ଆହତ ହୋଇଥିଲେ। ଦୀର୍ଘଦିନ ଧରି ଏହାର ସ୍ଥାୟୀ ପ୍ରତିକାର ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ କେହି ଶୁଣୁନଥିଲେ। ହେଲେ ଆଜି ଜଣଙ୍କ ଜୀବନ ଯିବାପରେ ଲୋକଙ୍କ ରାଗ ଓ ଅସନ୍ତୋଷ ବଢିଯାଇଛି। ସ୍ଥାୟୀ ପ୍ରତିକାର ଦାବିରେ ଇଞ୍ଜଣା ରୋକଟ ଓ ମଞ୍ଚେଶ୍ୱରକୁ ସଂଯୋଗ କରୁଥିବା ରାସ୍ତାରେ ଧାରଣାରେ ବସିଛନ୍ତି ଲୋକେ। ଷଣ୍ଢ ଆୟତ୍ତ ନହେବା ଯାଏ ରାସ୍ତାରୋକ କରିବାକୁ ଚେତାବନୀ ଦେଇଛନ୍ତି। ଘଟଣାସ୍ଥଳରେ ମଞ୍ଚେଶ୍ୱର ପୋଲିସ ଲୋକଙ୍କୁ ବୁଝାସୁଝା କରିଛି।

# ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଓଡ଼ିଶାର ପ୍ରତିଟି ବ୍ଲକରେ ପହଞ୍ଚିବ

**ଭୁବନେଶ୍ୱର,୧୦।୨ (ମହାଭାରତ):** ଓଡ଼ିଶାର ସମସ୍ତ ୩୧୪ ଗୋଟି ବ୍ଲକରେ ଷ୍ଟାଡିୟମ ନିର୍ମାଣ କରାଯିବ। ବ୍ଲକ ସ୍ତରୀୟ ଷ୍ଟାଡିୟମ ନିର୍ମାଣ କରିବା ନିମନ୍ତେ ୪୧୨୪ କୋଟି ଟଙ୍କାର ବ୍ୟୟ ଅଟକଳ ସ୍ଥିର କରାଯାଇଛି। ଏହି ବ୍ଲକ ସ୍ତରୀୟ ଷ୍ଟାଡିୟମ ପ୍ରାୟ ୮ ରୁ ୧୦ ଏକର ସ୍ଥାନରେ ନିର୍ମାଣ କରାଯିବ। ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ହେବା ସହ କ୍ରୀଡ଼ା ପ୍ରତିଭାର ସାମଗ୍ରିକ ବିକାଶ କରିବାରେ ଏହା ନିଶ୍ଚିତ ରୂପେ ସହାୟକ ହେବ। କ୍ରୀଡ଼ାର ବିକାଶ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଯେପରି ବ୍ଲକ ସ୍ତରରେ ପହଂଚି ପାରିବ, ପ୍ରତିଟି ଗାଁରେ ଯେପରି କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ ତାହା ଲକ୍ଷ୍ୟ ରଖାଯାଇଛି ବୋଲି କହିଛନ୍ତି କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ଆଜି କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟର ଅଡ଼ିଟୋରିୟମ୍ ଠାରେ ଆୟୋଜିତ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ବ୍ଲକ ସ୍ତରୀୟ ଷ୍ଟାଡିୟମ ନିର୍ମାଣ ନିମନ୍ତେ ପ୍ରସ୍ତାବିତ ହୋଇଥିବା ମାଷ୍ଟର ପ୍ଲାନ ସମ୍ବନ୍ଧରେ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଷ୍ଟାଡ଼ିୟମର ମାଷ୍ଟର ପ୍ଲାନ ଏବଂ ରୂପରେଖକୁ ଏକ ପ୍ରେସେଣ୍ଟେସନ ଓ ପ୍ରତିକାତ୍ମକ ଭିଡ଼ିଓ ମାଧ୍ୟମରେ ମନ୍ତ୍ରୀ ଶ୍ରୀ ସୂରଜ ଉପସ୍ଥାପିତ କରିଥିଲେ। ପ୍ରସ୍ତାବିତ ହୋଇଥିବା ମାଷ୍ଟର ପ୍ଲାନ ଅନୁଯାୟୀ ବ୍ଲକ ସ୍ତରୀୟ ଷ୍ଟାଡିୟମରେ ବିଭିନ୍ନ କ୍ରୀଡ଼ା ନିମନ୍ତେ ବ୍ୟବସ୍ଥା ଉପଲବ୍ଧ ହେବ। କ୍ରୀଡ଼ା ପ୍ରତିଭାମାନଙ୍କ ପାଇଁ ଏହା ଏକ କ୍ରୀଡ଼ା ନର୍ସରୀ ଭାବେ କାର୍ଯ୍ୟ କରିବ। ଷ୍ଟାଡିୟମରେ ଫୁଟବଲ/କ୍ରିକେଟ ପଡିଆ, ଆଥଲେଟିକ ଟ୍ରାକ, ଥ୍ରୋ ଏରିଆ, ଜମ୍ପ ଏରିଆ, ଭଲିବଲ କୋର୍ଟ ଆଦିର ନିର୍ମାଣ କରାଯିବ।

ଏଥିସହିତ ଦେଶୀୟ ବା ଆଞ୍ଚଳିକ କ୍ରୀଡ଼ା ଯଥା ଖୋଖୋ, କବାଡ଼ି ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ଷ୍ଟାଡିୟମର ଇଣ୍ଡୋର ହଲରେ ବ୍ୟାଡ୍‌ମିଣ୍ଟନ କୋର୍ଟ, ଟେବୁଲ ଟେନିସ, ଜିମନାଷ୍ଟିକ, ଭାରୋତ୍ତୋଳନ ଆଦି ନିମନ୍ତେ ମଧ୍ୟ ବ୍ୟବସ୍ଥା ରହିବ।

ଏଥିସହ ପ୍ରତିଟି ଷ୍ଟାଡିୟମରେ ସାଧାରଣ ସୁବିଧା କେନ୍ଦ୍ର ରହିବା ସହ ଷ୍ଟାଡିୟମର ବାହ୍ୟ ବିକାଶ, ବିଭିନ୍ନ ବ୍ୟବସ୍ଥା ଯଥା ଜଳ ଯୋଗାଣ, ନିଷ୍କାସନ ବା ସ୍ୱେରେଜ, ଆଲୋକୀକରଣ ଉପରେ ମଧ୍ୟ ପ୍ରାଧାନ୍ୟ ଦିଆଯିବ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରାଯାଇ ତୃଣମୂଳ ସ୍ତରରୁ କ୍ରୀଡ଼ା ପ୍ରତିଭାର ମଧ୍ୟ ଚୟନ କରାଯିବ।

କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ।ତୃଣମୂଳ ସ୍ତରରେ ସୁଦୃଢ଼ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ ହେବା ସହ କ୍ରୀଡ଼ାବିତମାନେ କ୍ରୀଡ଼ା ଜଗତରେ ଯେପରି ନିଜର ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିପାରିବେ ସେ ଦିଗରେ ଗୁରୁତ୍ୱାରୋପ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଛନ୍ତି।

# ବିଶୁଦ୍ଧ ପାନୀୟଜଳ ଯୋଗାଣ ସରକାରଙ୍କ ପ୍ରାଥମିକତା



**ଭୁବନେଶ୍ୱର,୧୦।୨ (ମହାଭାରତ):** ଜନ ସାଧରଣଙ୍କ ହିତକୁ କେନ୍ଦ୍ରରେ ରଖି ଗ୍ରୀଷ୍ମପ୍ରବାହ ପୂର୍ବରୁ ଗ୍ରାମାଞ୍ଚଳରେ ପାନୀୟ ଜଳଯୋଗଣକୁ ନେଇ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି । ରାଜ୍ୟର ଗ୍ରାମାଞ୍ଚଳକୁ ବିଶୁଦ୍ଧ ପାନୀୟଜଳ ଯୋଗାଇବା ହେଉଛି ସରକାରଙ୍କ ପ୍ରାଥମିକତା। ସେଥିପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଆଜି ଗଣମାଧ୍ୟମକୁ ସମ୍ବୋଧିତ କରି ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରକାଶ କରିଛନ୍ତି।

ବିଗତ ବର୍ଷମାନଙ୍କରେ ବିଦ୍ୟୁତ ଦେୟ ପଇଠ ହୋଇନଥିବା ଯୋଗୁଁ ଗ୍ରାମାଞ୍ଚଳର ଅନେକ ପାନୀୟ ଜଳ ପ୍ରକଳ୍ପର ବିଦ୍ୟୁତ ସରବରାହ ବନ୍ଦ ହୋଇ ଯାଉଥିଲା। ତେଣୁ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ବାଧା ପ୍ରାପ୍ତ ହେଉଥିଲା। ସେଥିଯୋଗୁଁ ବିଭିନ୍ନ ଜିଲ୍ଲାର ଗ୍ରାମାଞ୍ଚଳମାନଙ୍କରେ ବିଶୁଦ୍ଧ ଜଳଯୋଗାଣ ପାଇଁ ଅସୁବିଧା ହେଉଥିଲା ଓ ଜନସାଧାରଣ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ସମସ୍ତ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଗ୍ରାମାଞ୍ଚଳର ବୃହତ ପାନୀୟ ଜଳପ୍ରକଳ୍ପର ବକେୟା ବିଦ୍ୟୁତ ଦେୟ ପାଇଁ ବସୁଧା ଯୋଜନା ଅଧିନସ୍ଥ ଅନୁଦାନକୁ ବ୍ୟବହାର କରିବା ପାଇଁ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ନିର୍ଦ୍ଦେଶନାମା ଯୋଗେ ଜଣାଇ ଦିଆଯାଇଥିବା ନେଇ ମନ୍ତ୍ରୀ ଶ୍ରୀ ନାଏକ ପ୍ରକାଶ କରିଛନ୍ତି।

ଏହା ସହ ନଳକୂପ ଖନନକୁ ପୁନଃ ଅନୁମତି ପ୍ରଦାନ କରାଯାଇଥିବା ନେଇ ମନ୍ତ୍ରୀ ଶ୍ରୀ ନାଏକ ପ୍ରକାଶ କରିଛନ୍ତି। ଗ୍ରାମାଞ୍ଚଳରେ ଅଚଳ ହୋଇଯାଇଥିବା ନଳକୂପ ବଦଳରେ ନୂତନ ନଳକୂପ, ନଳକୂପ ନଥିବା ନୂତନ ଜନବସତି, ପାଇପ୍ ଜଳଯୋଗାଣ ହୋଇନଥିବା ତଥା ବ୍ୟକ୍ତିଗତ ନଳକୂପ ନଥିବା ଅଞ୍ଚଳରେ ଯଦି ପ୍ରତି ନଳକୂପ ପିଛା ସତୁରୀ ଜଣରୁ ଉର୍ଦ୍ଧ୍ୱ ଲୋକ ରହିଥିବେ, ତେବେ ସେହିଭଳି ସମସ୍ତ ଅଞ୍ଚଳରେ ନୂତନ ନଳକୂପ ଖନନ ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଥିବା ନେଇ ମନ୍ତ୍ରୀ ପ୍ରକାଶ କରିଥିଲେ। ରାଜ୍ୟର ଗ୍ରାମାଞ୍ଚଳମାନଙ୍କରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସବୁମତେ ପ୍ରୟାସ କରାଯାଉଛି ବୋଲି ମନ୍ତ୍ରୀ ପ୍ରକାଶ କହିଥିଲେ। ଏହା ସହ ୨୦୨୫ ମାର୍ଚ୍ଚ ମାସ ଶେଷ ସୁଦ୍ଧା ୭୨ଟି ବୃହତ ପାନୀୟଜଳ ପ୍ରକଳ୍ପ, ଡିସେମ୍ବର ଶେଷ ସୁଦ୍ଧା ୫୪ଟି ବୃହତ ପାନୀୟ ଜଳ ପ୍ରକଳ୍ପ ଏବଂ ୨୦୨୬ ଜୁନ୍ ଶେଷ ସୁଦ୍ଧା ୮୧ଟି ବୃହତ ପାନୀୟଜଳ ପ୍ରକଳ୍ପ (ମୋଟ ୨୦୭)ର ନିର୍ମାଣ କାର୍ଯ୍ୟ ଶେଷ ହୋଇ କାର୍ଯ୍ୟକ୍ଷମ ହେବା ନେଇ ମନ୍ତ୍ରୀ ପ୍ରକାଶ କରିଥିଲେ। ଦୁର୍ଗମ ଓ ଉପାନ୍ତ ଅଞ୍ଚଳମାନଙ୍କରେ ଟ୍ୟାଙ୍କର ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଇବା ନେଇ ସମସ୍ତ ଜିଲ୍ଲା ପ୍ରଶାସନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଜନସାଧାରଣଙ୍କଠାରୁ ଅଭିଯୋଗ ଶୁଣାଣି ମାଧ୍ୟମରେ ଯେଉଁ ସବୁ ପ୍ରସ୍ତାବ ଆସୁଛି ସେସବୁ ଉପରେ ମଧ୍ୟ କାର୍ଯ୍ୟ ଚାଲିଛି। ସାମଗ୍ରିକ ଭାବରେ ରାଜ୍ୟବାସୀଙ୍କ ପାନୀୟ ଜଳ ସଙ୍କ୍ରାନ୍ତୀୟ ଆବଶ୍ୟକତାକୁ ପୂରଣ କରିବା ପାଇଁ ସରକାର ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରୁଥିବା ନେଇ ମାନ୍ୟବର ମନ୍ତ୍ରୀ ଶ୍ରୀ ନାଏକ ମତପ୍ରକାଶ କରିଥିଲେ।

# ୧୬ରେ ବିଧାନସଭା ଘେରିବେ ପ୍ରାଥମିକ ଶିକ୍ଷକ

**ଭୁବନେଶ୍ୱର,୧୦।୨ (ମହାଭାରତ):** ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ ନିଯୁକ୍ତି ଉଚ୍ଛେଦ ଓ ନିଯୁକ୍ତ ପାଇଥିବା ଷ୍ଟିମାଟିକ ଶିକ୍ଷକଙ୍କୁ ତୁରନ୍ତ ନିୟମିତ ଶିକ୍ଷକ କରିବା ଆଦି ତିନି ଦଫା ଦାବି ନେଇ ଆସନ୍ତା ୧୬ ତାରିଖରେ ବିଧାନସଭା ଘେରାଉ କରିବେ ପ୍ରାଥମିକ ଶିକ୍ଷକ। ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ରବିବାର ଶ୍ରମିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା ଏହି ଚେତାବନୀ ଦେଇଛନ୍ତି। ୮ ଓ ୬ ବର୍ଷର ଶିକ୍ଷା ସହାୟକ/ କନିଷ୍ଠ ଶିକ୍ଷକଙ୍କ କାର୍ଯ୍ୟକାଳକୁ ନୋଶନାଲ ଇନକ୍ରିମେଣ୍ଟ ଦେଇ ଗଣନା କରିବା, ଅନ୍ୟରାଜ୍ୟ ଭଳି ପ୍ରାଥମିକ ଶିକ୍ଷକଙ୍କୁ ଅବିକଳ କେନ୍ଦ୍ରୀୟ ହାରରେ ୩୫,୪୦୦ ଦରମା ଦେବା ଓ ଶିକ୍ଷକଙ୍କୁ ପୁରୁଣା ପେନସନ ପ୍ରଦାନ କରିବା ଆଦି ଦାବି ନେଇ ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ। ପ୍ରାଥମିକ ଶିକ୍ଷାକ୍ଷେତ୍ରରେ ଯାହା ପରିସ୍ଥିତି ସୃଷ୍ଟି ହେବ, ସେଥିପାଇଁ ଶିକ୍ଷକମାନେ ନୁହନ୍ତି, ବରଂ ସରକାର ଦାୟୀ ରହିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ, କନିଷ୍ଠ ଶିକ୍ଷକ ସଂଘର ରାଜ୍ୟ ଆବାହକ ଶେଷଦେବ ଯଜ୍ଞକାମ ଦେଓ, ଅଲୋଷ୍ଟା ସଭାପତି ବିକ୍ରମ କୁମାର ଦାଶ, ଗୋପାଳ କିଶୋର ସେନ, ଟୁଲୁ ଦେଇ, ଅଲୋଷ୍ଟା ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, ଯୁଧିଷ୍ଠିର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ଛାତ୍ରଙ୍କ ଆତ୍ମବିଶ୍ୱାସକୁ ଦୃଢ କରିଛି : ଶିକ୍ଷାମନ୍ତ୍ରୀ

**ଭୁବନେଶ୍ୱର,୧୦।୨ (ମହାଭାରତ):** ନୂଆଦିଲ୍ଲୀର ସୁନ୍ଦର ନର୍ସରୀ ଠାରେ ନୂଆ ରୂପରେ ଆୟୋଜିତ 'ପରୀକ୍ଷା ପେ ଚର୍ଚ୍ଚା(ପିପିସି)-୨୦୨୫ର ଅଷ୍ଟମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମଗ୍ର ଭାରତବର୍ଷରୁ ବଛା ହୋଇ ଆସିଥିବା ଛାତ୍ରଛାତ୍ରୀଙ୍କ ସହ ସାକ୍ଷାତ ଆଲୋଚନା କରିବା ସହ ସେମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଛନ୍ତି। ପରୀକ୍ଷା ପ୍ରସ୍ତୁତି, ପରୀକ୍ଷାରୁ ଚାପ କମ କରିବା ତଥା ଆଗାମୀ ଭବିଷ୍ୟତ ପାଇଁ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀ ଓ 'ଏଗଜାମ ୱାରିୟର୍ସ'ଙ୍କୁ ଦେଇଥିବା ଉପାଦେୟ ପରାମର୍ଶ ସେମାନଙ୍କ ମନୋବଳକୁ ଅଧିକ ଦୃଢ କରିଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ ସୋମବାର ନୂଆଦିଲ୍ଲୀର ନ୍ୟାସନାଲ ମିଡିଆ। ସେଣ୍ଟରରୁ ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚାର ସିଧା ପ୍ରସାରଣ ଦେଖିଥିଲେ। ସେ କହିଛନ୍ତି ଯେ ଦେଶର କୋଣ ଅନୁକୋଣରୁ ବଛା ହୋଇଥିବା ଛାତ୍ରଛାତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀ ଆଜି ଆଲୋଚନା କରିଛନ୍ତି। ଜଣେ ବନ୍ଧୁ, ଅଭିଭାବକ ବା ପରିବାରର ସଦସ୍ୟ ଭଳି ସେ ବିଦ୍ୟାର୍ଥୀମାନଙ୍କ ସହ କଥା ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ମନରେ ଥିବା ଅନେକ ଅସମାହିତ ପ୍ରଶ୍ନର ସେ ଉତ୍ତର ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କାର୍ଯ୍ୟବ୍ୟସ୍ତତାରେ ଥାଇ ମଧ୍ୟ ସେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଉଥିବା ପରୀକ୍ଷା ଯୋଦ୍ଧାଙ୍କ ସହ ଆଲୋଚନା କରି ସେମାନଙ୍କୁ ପରୀକ୍ଷାରୁ ଚାପମୁକ୍ତ ହେବାର ମନ୍ତ୍ର ଦେଉଛନ୍ତି, ଯାହା ବହୁତ ଗୁରୁତ୍ୱ ରଖୁଛି । ପରୀକ୍ଷା ପୂର୍ବରୁ ଏହି ଆଲୋଚନା ଛାତ୍ରଛାତ୍ରୀ ଓ ପରୀକ୍ଷା ଯୋଦ୍ଧାଙ୍କୁ ଅନୁପ୍ରାଣିତ କରିଛି।

ଦେଶର ପରୀକ୍ଷା ଯୋଦ୍ଧାଙ୍କୁ ମାର୍ଗଦର୍ଶନ, ପ୍ରେରଣା ଏବଂ ସମର୍ଥନ ଦେଇଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ପରୀକ୍ଷା ପେ ଚର୍ଚ୍ଚା ଏବେ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି । ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାକୁ ଶୁଣିବା ପାଇଁ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ବହୁତ ଉତ୍କଣ୍ଠା ଓ ଆଗ୍ରହର ସହ ଅପେକ୍ଷା କରିଥା'ନ୍ତି । ଚଳିତ ସଂସ୍କରଣରେ ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ ଦେଶର କଳା, ସାମାଜିକ ଏବଂ ବିଭିନ୍ନ କ୍ଷେତ୍ରର ୭ ଜଣ ବିଶିଷ୍ଟ ବ୍ୟକ୍ତି ବିଶେଷମାନେ ମାନସିକ ସ୍ୱାସ୍ଥ୍ୟ ଓ ଗୋଟିଏ ବିଷୟରେ ଧ୍ୟାନ ଦେବା ଉପରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେବେ। ଆଗାମୀ ଦିନରେ ଏହାର ଆହୁରି ଏପିସୋଡ୍ ବା ଅଧ୍ୟାୟ ଆସିବ ବୋଲି ସେ କହିଛନ୍ତି।

# ଶ୍ରୀଜଗନ୍ନାଥ ପାଞ୍ଚ ରାତ୍ର ପ୍ରଚାର ସମିତିର ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୧୦।୨ (ମହାଭାରତ):** ଭୁବନେଶ୍ୱରର ଶ୍ରୀଜଗନ୍ନାଥ ପାଞ୍ଚ ରାତ୍ର ପ୍ରଚାର ସମିତି ଦ୍ୱାରା ଅନୁଷ୍ଠାନର ସପ୍ତମ ବାର୍ଷିକ ଉତ୍ସବ ଚକାଡ଼ୋଲା ବିହାର ସ୍ଥିତ ଆରସିଏମ୍ କଲେଜ କ୍ୟାମ୍ପସରେ ଆୟୋଜିତ ହୋଇଯାଇଛି। ବିଗତ ଛଅ ବର୍ଷ ଧରି ଏହି ଅନୁଷ୍ଠାନ ତାର ବାର୍ଷିକ ଉତ୍ସବ ମହାସମାରୋହରେ ଆୟୋଜନ କରିଆସୁଅଛି। ବିଦେଶରେ ବିଭିନ୍ନ ପ୍ରଥମେ ଅନୁଷ୍ଠାନର ସାଧାରଣ ସଭା ହୋଇ ଥିଲା। ସଭାରେ ସମ୍ପାଦକ ଆୟ ଓ ବ୍ୟୟର ହିସାବ ଉପସ୍ଥାପନା କରିଥିଲେ ଏବଂ ଏହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ପରେ ପରେ ଶ୍ରୀ ଜଗନ୍ନାଥଙ୍କ ଭକ୍ତ ମନେଇ ସାହୁ ଓ କରମା ବାଇ ଖେଚୁଡ଼ି ବିଷୟରେ ଡକ୍ଟର ଆରତୀ କର ସମ୍ୟକ ଭାବେ କହିଥିଲେ। ମହାପ୍ରଭୁଙ୍କ ଗୀତଗୋବିନ୍ଦ ଭଜନ ଓ ପୁରାତନ ଭଜନର କାର୍ଯ୍ୟକ୍ରମ ହୋଇଥିଲା, ଶ୍ରୀ ଜଗନ୍ନାଥ ପାଞ୍ଚ ରାତ୍ର ଅନୁଷ୍ଠାନ ଉଦେଶ୍ୟ ସ୍କନ୍ଦ ପୁରାଣର ବାର୍ତ୍ତା ଓ ଶ୍ରୀ ଜଗନ୍ନାଥ ଚେତନାର ଜାଗରଣ ରାଜ୍ୟ ଦେଶ ଓ ଦେଶ ବାହାରେ। ପ୍ରଚାର ଓ ପ୍ରସାର ଏକ ପ୍ରୟାସ। ବାର୍ଷିକ ଉତ୍ସବଟିକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ପୁରୀ ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ପୁରୀ ଝାଞ୍ଜପିଟା ମଠର ମଠାଧୀଶ ବାବାଜୀ ସଚ୍ଚିଦାନନ୍ଦ ଦାସ ମହାରାଜ, ପୁରୀ ଭାଗବତ ଆଶ୍ରମର ବାବା ବ୍ରଜବନ୍ଧୁ ଦାସ, ପୁରୀ ଶ୍ରୀମନ୍ଦିର ମା' ଶୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର। ମୁଖ୍ୟ ବକ୍ତା ଭାବରେ ବ୍ରହ୍ମଚାରୀ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜାଙ୍କ ଦ୍ୱାରା ଶ୍ରୀ ଜଗନ୍ନାଥ କଥାମୃତ ପରିବେଶିତ ହୋଇଥିଲା। ଉତ୍ସବରେ ସମ୍ମାନୀୟ ଅତିଥି ଭାବରେ ପଦ୍ମଶ୍ରୀ (ଡକ୍ଟର) ଅଶୋକ କୁମାର ମହାପାତ୍ର, ଖଣ୍ଡପଡ଼ାର ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମାଜସେବୀ ବ୍ରହ୍ମାନନ୍ଦ ମଙ୍ଗରାଜ ଏବଂ ଆରସିଏମ୍ କଲେଜର ଅଧକ୍ଷ ପ୍ରବୀର ପାଲ ଯୋଗଦେଇଥିଲେ।

# ପ୍ରୟାଗରାଜରେ ୧୬ରୁ ଆନ୍ତର୍ଜାତିକ ପକ୍ଷୀ ମହୋତ୍ସବ

**ଭୁବନେଶ୍ୱର,୧୦।୨ (ମହାଭାରତ):** ଆସନ୍ତା ୧୬ ତାରିଖରୁ ପ୍ରୟାଗରାଜଠାରେ ଆରମ୍ଭ ହେବ ୩ ଦିନିଆ ଆନ୍ତର୍ଜାତିକ ପକ୍ଷୀ ମହୋତ୍ସବ। ମହାକୁମ୍ଭ ୨୦୨୫କୁ ଆସୁଥିବା ଶ୍ରଦ୍ଧାଳୁ ତଥା ପରିଦର୍ଶକମାନଙ୍କ ପାଇଁ ଏହା ଏକ ବିଶେଷ ଆକର୍ଷଣ ହେବ। ସେମାନେ ଏଠାରେ ୨୦୦ ରୁ ଅଧିକ ପ୍ରବାସୀ ଏବଂ ସ୍ଥାନୀୟ ପକ୍ଷୀମାନଙ୍କର ସମାବେଶ ଦେଖିବା ସହ ସେମାନଙ୍କ ସମ୍ପର୍କରେ ବିଶେଷଜ୍ଞଙ୍କଠାରୁ ସିଧାସଳଖ ଜ୍ଞାନ ଆହରଣ କରିବାର ସୁଯୋଗ ପାଇବେ ବୋଲି ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ବିଭାଗ ପକ୍ଷରୁ କୁହାଯାଇଛି।

ପରିବେଶ ସଂରକ୍ଷଣ ଏବଂ ଜୈବ ବିବିଧତାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ, ଏହି କାର୍ଯ୍ୟକ୍ରମ ପ୍ରକୃତି ପ୍ରେମୀ, ପକ୍ଷୀବିଜ୍ଞାନୀ ଏବଂ ଭକ୍ତମାନଙ୍କୁ ବିରଳ ପକ୍ଷୀ ପ୍ରଜାତିଗୁଡ଼ିକୁ ନିରୀକ୍ଷଣ କରିବା ଏବଂ ସେମାନଙ୍କର ସଂରକ୍ଷଣର ଗୁରୁତ୍ୱ ବୁଝିବାପାଇଁଏକଅନନ୍ୟସୁଯୋଗପ୍ରଦାନକରିବ।

ଏହି ଆନ୍ତର୍ଜାତିକ ପକ୍ଷୀ ମହୋତ୍ସବରେ ଆଗନ୍ତୁକମାନେ ପକ୍ଷୀ ସଂରକ୍ଷଣ ବିଷୟରେ ଜ୍ଞାନ ଆହରଣ କରିପାରିବେ। ଅର୍ଥାତ୍ ଏଠାରେ କେବଳ ପକ୍ଷୀମାନଙ୍କ ସମାଗମକୁ ଉପଭୋଗ କରିବେ ନାହିଁ ବରଂ ବିଭିନ୍ନ ପ୍ରତିଯୋଗିତା ଏବଂ ଶିକ୍ଷାଗତ କାର୍ଯ୍ୟକଳାପ ମାଧ୍ୟମରେ ପରସ୍ପର ସହ ଭାବ ଆଦାନପ୍ରଦାନ କରିପାରିବେ। ଏଥିଲାଗି ମହୋତ୍ସବରେ ଫଟୋଗ୍ରାଫି, ଚିତ୍ରକଳା, ସ୍ଲୋଗାନ ଲିଖନ,ବିତର୍କ ଏବଂ କୁଇଜ୍ ପ୍ରତିଯୋଗିତା ପ୍ରଭୃତି ଅନ୍ତର୍ଭୁକ୍ତ କରାଯାଇଛି। ଏହା ସହିତ, ଜାତୀୟ ଏବଂ ଆନ୍ତର୍ଜାତିକ ପକ୍ଷୀବିଜ୍ଞାନୀ, ପରିବେଶବିତ୍ ଏବଂ ସଂରକ୍ଷଣ ବିଶେଷଜ୍ଞମାନେ ବୈଷୟିକ ଅଧିବେଶନ ଏବଂ ପ୍ୟାନେଲ୍ ଆଲୋଚନା ପ୍ରଭୃତି କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି।

ଏ ବିଷୟରେ ଅଧିକ ସୂଚନା ଦେଇ ବନ ବିଭାଗର ଆଇଟି ମୁଖ୍ୟ ଆଲୋକ କୁମାର ପାଣ୍ଡେ କହିଛନ୍ତି, ଲୋକମାନେ ମହୋତ୍ସବ ବିଷୟରେ ଅଧିକ ବିବରଣୀ ପାଇଁ ହ୍ୱାଟ୍ସଆପ୍ନମ୍ବର ୯୩୧୯୨୭୭୦୦୪ରେ ଯୋଗାଯୋଗ କରିପାରିବେ। ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ ହେଉଛି ଯୁବପିଢ଼ି, ପ୍ରକୃତି ପ୍ରେମୀ ଏବଂ ଶ୍ରଦ୍ଧାଳୁମାନଙ୍କୁ ପକ୍ଷୀ ସଂରକ୍ଷଣ ଏବଂ ସେମାନଙ୍କର ପ୍ରାକୃତିକ ବାସସ୍ଥାନର ସୁରକ୍ଷାକୁ ଧ୍ୟାନ ଦେବା ପାଇଁ ପ୍ରେରଣା ପ୍ରଦାନ କରିବା। ସରକାର ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ୧୦ ହଜାର ଟଙ୍କାରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୋଟ ୨୧ ଲକ୍ଷ ଟଙ୍କା ମୂଲ୍ୟର ପୁରସ୍କାର ପ୍ରଦାନ କରିବାକୁ ସ୍ଥିର କରିଛନ୍ତି। ଫଳରେ ଏହି କାର୍ଯ୍ୟକ୍ରମ ଆହୁରି ଆକର୍ଷଣୀୟ ହେବ। ଆନ୍ତର୍ଜାତିକ ପକ୍ଷୀ ମହୋତ୍ସବ ସମୟରେ, ଭକ୍ତମାନେ ବିଲୁପ୍ତପ୍ରାୟ ଭାରତୀୟ ସ୍କିମର, ଫ୍ଲେମିଙ୍ଗୋ ଏବଂ ସାଇବେରିଆନ୍ କ୍ରେନ୍ ଭଳି ବିରଳ ପକ୍ଷୀମାନଙ୍କୁ ଦେଖିବାର ସୁଯୋଗ ପାଇବେ। ଏହି କାର୍ଯ୍ୟକ୍ରମ ପରିଦର୍ଶକମାନଙ୍କୁ ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଜୈବ ବିବିଧତାର ଗୁରୁତ୍ୱ ବୁଝିବାରସୁଯୋଗମଧ୍ୟପ୍ରଦାନକରିବ। ଏବେସାଇବେରିଆ, ମଙ୍ଗୋଲିଆ ଏବଂ ଆଫଗାନିସ୍ତାନ ସମେତ ୧୦ରୁ ଅଧିକ ଦେଶରୁ ହଜାର ହଜାର ପ୍ରବାସୀ ପକ୍ଷୀ ପ୍ରୟାଗରାଜର ଗଙ୍ଗା-ଯମୁନା କୂଳରେ ପହଂଚିଛନ୍ତି, ସେମାନଙ୍କର ଅନନ୍ୟ ଉଡ଼ାଣ ଏବଂ ଗୋଷ୍ଠୀ ପ୍ରବାସ ଢାଂଚାରେ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରୁଛନ୍ତି। ପ୍ରୟାଗରାଜ ଡିଏଫଓ ଅରବିନ୍ଦ କୁମାର ଯାଦବ ଏ ବିଷୟରେ କହିଛନ୍ତି, ଏହି ମହୋତ୍ସବ କେବଳ ମନୋରଞ୍ଜନ ପାଇଁ ନୁହେଁ ବରଂ ପରିବେଶ ସନ୍ତୁଳନ ଏବଂ ଜୈବ ବିବିଧତା ସଂରକ୍ଷଣ ଅଭିଯାନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣକରିବ।

# ବାବା ସାହେବ ମେକାନିକ ସଂଘର ବାର୍ଷିକ ଉତ୍ସବ




**ଭୁବନେଶ୍ୱର,୧୦।୨ (ମହାଭାରତ):** ପାତ୍ରପଡାଠାରେ ବାବା ସାହେବ ମେକାନିକ ସଂଘର ସାଧାରଣ ଏବଂ ବାର୍ଷିକଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବର ଉଦ୍ଦେଶ୍ୟ ରହିଛି ଯାହା ସଂଘର କେତେକ ମୌଳିକ ସମସ୍ୟାର ସମାଧାନ କରିବା ଏବଂ ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ଅଞ୍ଚଳରେ ଏକ ଅଟୋ ନଗର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପାଖରେ ଅନୁରୋଧ କରାଯିବ। ଉକ୍ତ ସଭାରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତନାରାୟଣ ଜେନା, ସଭାପତି ବୃନ୍ଦାବନ ମୋହନ, ସମ୍ପାଦକ କାଶୀନାଥ ନାୟକ, ଚେୟାରମ୍ୟାନ ଜହ୍ନର ଅଲ୍ଲୀ ଖାନ, ରାଜେନ୍ଦ୍ର ମକର, ବିପିନ ମହାନ୍ତ, କବିରାଜ ମହାପାତ୍ର, ସୁରେନ୍ଦ୍ରନାଥ ସାହୁ, ନେପାଳ ନାୟକ, ଜଗା ରାଓ, ପିଣ୍ଟୁ ଜେନା, ବିକାଶ ବେହେରା, କବିସୂର୍ଯ୍ୟ ମହାରଣା, ଲିଟୁ ପ୍ରଧାନ, ମନୋଜ ପାତ୍ର, ସନ୍ତୋଷ ପରିଡା, ନିତ୍ୟାନନ୍ଦ ପ୍ରଧାନଙ୍କ ସମେତ ସାଧାରଣ ସଭ୍ୟମାନେ ଉପସ୍ଥିତ ଥିଲେ।

# ମେଡିକାଲ କଲେଜ ନିର୍ମାଣର ତଦାରଖ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୦।୨ (ମହାଭାରତ):** ଫୁଲବାଣୀରେ ୬୫୦ ବେଡ଼ ବିଶିଷ୍ଟ ମେଡିକାଲ କଲେଜ ନିର୍ମାଣ କାର୍ଯ୍ୟର ତଦାରଖ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ। ଏନେଇ ଏକ୍ସ ହ୍ୟାଣ୍ଡେଲରେ ମନ୍ତ୍ରୀ କହିଛନ୍ତି ଯେ, ଫୁଲବାଣୀ ଠାରେ ନିର୍ମାଣାଧିନ ୬୫୦ ବେଡ଼ ବିଶିଷ୍ଟ ମେଡିକାଲ କଲେଜର ନିର୍ମାଣ କାର୍ଯ୍ୟ ତଦାରଖ କଲି। ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି। ଏହି ଅବସରରେ ମାନ୍ୟବର ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, କନ୍ଧମାଳ ଜିଲ୍ଲାପାଳ ଅମ୍ରିତ ରତୁରାଜ ଏବଂ ମେଡ଼ିକାଲ୍ କଲେଜର ଡିନ ଓ ପ୍ରିନ୍ସିପାଲ ଡ. ନରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଫାଇଲେରିଆ ସଚେତନତା ରଥର ଶୁଭାରମ୍ଭ



**ଭୁବନେଶ୍ୱର,୧୦।୨ (ମହାଭାରତ):** ଫାଇଲେରିଆ ନିରାକରଣ ଅଭିଯାନ-୨୦୨୫ ଅଧିନରେ ଆଜିଠାରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମର ଆଭାସୀ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ମାନ୍ୟବର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା। ଏହି ଅବସରରେ ଆଜି କନ୍ଧମାଳ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଫୁଲବାଣୀ ଠାରେ ଆୟୋଜିତ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମରେ ସାମିଲ ହୋଇ ଏହି କାର୍ଯ୍ୟକ୍ରମର ଉଦ୍ଘାଟନ କରିବା ସହ ଫାଇଲେରିଆ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ସଚେତନତା ରଥ ଗାଁ ଗାଁ ବୁଲି ଫାଇଲେରିଆ ସମ୍ପର୍କିତ ସଚେତନ ବାର୍ତ୍ତା ଲୋକମାନଙ୍କ ପାଖରେ ପହଞ୍ଚାଇବ । ଏହି କାର୍ଯ୍ୟକ୍ରମରେ ମାନ୍ୟବର ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ଏବଂ ମାନ୍ୟବର ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ । ଏହି ଅଭିଯାନ ଜରିଆରେ ଫେବୃଆରୀ ୧୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ୬ ଟି ଜିଲ୍ଲାର ୪୭ ଟି ବ୍ଲକରେ ସ୍ୱାସ୍ଥ୍ୟକର୍ମୀମାନେ ଲୋକଙ୍କ ପାଖକୁ ଯାଇ ସାମୁହିକ ଔଷଧ ସେବନ କରାଇବେ। ବିନା କୌଣସି ଭୟରେ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମରେ ଡ଼ିଇସି ଓ ଆଲବେଣ୍ଡାଜଲ୍ ବଟିକା ଖାଇ ଓଡ଼ିଶାକୁ ଫାଇଲେରିଆ ମୁକ୍ତ କରି ଏକ ସୁସ୍ଥ ଓ ସଶକ୍ତ ରାଜ୍ୟ ଗଠନ କରିବାରେ ଆମର ଯୋଗଦାନ ଦେବାକୁ ଆହ୍ୱାନ ଦେଇଛନ୍ତି ମନ୍ତ୍ରୀ।

## ପରୀକ୍ଷା ପ୍ରସ୍ତୁତି

ଚଳିତ ମାସରେ ସିବିଏସଇ ଏବଂ ଆଇସିଏସଇ ଦ୍ୱାରା ପରିଚାଳିତ ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷା ଅନୁଷ୍ଠିତ ହେବ। ଓଡ଼ିଶାରେ ମାଧ୍ୟମିକ ଶିକ୍ଷା ବୋର୍ଡ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯଥାକ୍ରମେ ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବ। ଏହା ସହିତ ବିଭିନ୍ନ ସ୍କୁଲକଲେଜରେ ଶ୍ରେଣୀ ପରୀକ୍ଷା ବା ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବା ପାଇଁ ପରୀକ୍ଷା ମଧ୍ୟ ଅନୁଷ୍ଠିତ ହେବାକୁ ଯାଉଛି। ପରବର୍ତ୍ତୀ ସମୟରେ ସ୍ନାତକ ଏବଂ ସ୍ନାତକୋତ୍ତର ପରୀକ୍ଷା ମଧ୍ୟ ହେବ। ଏହା ସହିତ ଆଗକୁ ସର୍ବଭାରତୀୟ ଏବଂ ରାଜ୍ୟସ୍ତରୀୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି। ଏଥିଲାଗି ଛାତ୍ରଛାତ୍ରୀମାନେ ଏବେ ପ୍ରସ୍ତୁତିରେ ଲାଗିଛନ୍ତି। ଏହା ସହିତ ସେମାନେ ମାନସିକ ଚାପରେ ମଧ୍ୟ ଅଛନ୍ତି। କାଳେ ପରୀକ୍ଷାରେ ଆଶାନୁରୂପ ସଫଳତା ମିଳିବ ନାହିଁ, କାଳେ ସେମାନେ ପ୍ରତିଯୋଗିତାରେ ପଛରେ ପଡ଼ିଯିବେ, ସେମାନଙ୍କ ପରିଶ୍ରମ ବ୍ୟର୍ଥ ହୋଇଯିବ ଏବଂ ବାପା-ମା'ଙ୍କ ଆଶା ପୂରଣରେ ସେମାନେ ବିଫଳ ହେବେ ସେହି ଆଶଙ୍କାରେ ଅନେକ ଛାତ୍ରଛାତ୍ରୀ ଏବେ ମାନସିକ ଚାପରେ ଅଛନ୍ତି। ଏହା ଆମ ଶିକ୍ଷା ବ୍ୟବସ୍ଥାର ସବୁଠାରୁ ବଡ଼ ଦୁର୍ବଳତା। ଏଠାରେ ଶିକ୍ଷା ଅନେକଙ୍କ ପାଇଁ ଏକ ବୋଝ ପାଲଟିଯାଇଛି। ସେମାନେ ଶିକ୍ଷାକୁ ଏକ ସୁଯୋଗ ବା ସୁଖମୟ ଅନୁଭୂତି ଭାବେ ବିଚାର କରୁନାହାଁନ୍ତି। ଅନେକ ଛାତ୍ରଛାତ୍ରୀ ନିଜ ପସନ୍ଦ ବିରୋଧରେ ପାଠ ପଢ଼ନ୍ତି। କେଉଁ ପାଠ ପଢ଼ିଲେ ସହଜରେ ସେମାନେ ନିଯୁକ୍ତି ସୁଯୋଗ ପାଇବେ ସେଥିଲାଗି ସେମାନେ ଚିନ୍ତା କରୁଛନ୍ତି। ଅନେକ ସମୟରେ ବାପା-ମା'ଙ୍କ ଇଚ୍ଛାକୁ ସମ୍ମାନ ଦେଇ ସେମାନେ ପାଠ ପଢୁଛନ୍ତି। ଯାହାର କଳାରେ ଦଖଲ ରହିଛି, ସେ ବିଜ୍ଞାନ ପଢୁଛି। ବିଫଳ ହେଲେ ସେ ଏଥିପାଇଁ ନିଜକୁ ଦୋଷୀ ବୋଲି ବିଚାର କରୁଛି ଏବଂ ଅନେକ ସମୟରେ ମାନସିକ ଚାପ ସହ୍ୟ କରିନପାରି ଆତ୍ମହତ୍ୟା ଭଳି ଏକ ଜଘନ୍ୟ ପଥ ଆପଣାଉଛି। ଏହା ସମଗ୍ର ଦେଶ ପାଇଁ ଏକ ଚିନ୍ତାର କାରଣ ହୋଇଛି। ଛାତ୍ର ସମାଜକୁ ଏଥିରୁ ଉଦ୍ଧାର କରିବା ଜରୁରୀ। ସେମାନଙ୍କୁ ବିନା ଚାପରେ ନିଜ ଇଚ୍ଛା ମୁତାବକ ପାଠ ପଢ଼ିବାକୁ ସୁଯୋଗ ଦିଆଯିବା ଜରୁରୀ। ସଫଳତା ଆପେ ଆପେ ଆସିଯିବ। ବଡ଼ ଚାକିରୀ କରିବା ଶିକ୍ଷାର ଲକ୍ଷ୍ୟ ନୁହେଁ। ନିଜକୁ ଉପଯୁକ୍ତ ଭାବେ ଗଢ଼ିବା ଏବଂ ଏକ ନିର୍ଦ୍ଦିଷ୍ଟ ବିଷୟରେ ନିପୁଣ ହେବା ଶିକ୍ଷାର ଉଦ୍ଦେଶ୍ୟ। ଜୀବନରେ ପରିପକ୍ୱତା ଆଣିବା ଶିକ୍ଷାର ଲକ୍ଷ୍ୟ। ସ୍କୁଲ କଲେଜର ପାଠ ସବୁକିଛି ନୁହେଁ। ଜୀବନରେ ଅନେକ ପରୀକ୍ଷା ଆସିବ। ସବୁ ପରୀକ୍ଷାରେ ଆମେ ନିଜ ଶତ ପ୍ରତିଶତ ସଫଳତା ପାଇବୁ ବୋଲି ଆଶା କରିବା ଅନୁଚିତ। ଗୋଟିଏ ପରୀକ୍ଷାରେ ବିଫଳ ହେଲେ ପରବର୍ତ୍ତୀ ପରୀକ୍ଷା ନିମନ୍ତେ ନିଜକୁ ପ୍ରସ୍ତୁତ କରିବା ଉଚିତ। ବିଫଳତା ଲାଗି ଆତ୍ମହତ୍ୟା ଏକ ଅପରାଧ। ଏହା ହେଉଛି ଆତ୍ମସର୍ପଣ। ବିଫଳତା ଆଗରେ ମୁଣ୍ଡ ତଳକୁ ନକରି ଆଗାମୀ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ହେଉଛି ପ୍ରକୃତ ବିଦ୍ୟାର୍ଥୀର ଧର୍ମ। ରାଜସ୍ଥାନର କୋଟା ସହର ଦେଶର କୋଚିଂ ସେଣ୍ଟର ଭାବେ ପରିଚିତ। ବିଭିନ୍ନ ରାଜ୍ୟରୁ ଛାତ୍ରଛାତ୍ରୀମାନେ ଆସି ଏଠାରେ ସର୍ବଭାରତୀୟ ସ୍ତର ପ୍ରବେଶିକା ପରୀକ୍ଷା ନିମନ୍ତେ କୋଚିଂ ନିଅନ୍ତି। ଏଠାରେ ବହୁ ଦକ୍ଷ ଅଧ୍ୟାପକ/ଶିକ୍ଷକ ଛାତ୍ରମାନଙ୍କୁ ସଫଳତା ପାଇଁ ଠିକଣା ବାଟ ବତାନ୍ତି। ସେମାନଙ୍କ ମଧ୍ୟରୁ ଅନେକ ସଫଳତା ମଧ୍ୟ ପାଇଥାଆନ୍ତି। କିନ୍ତୁ ସମସ୍ତେ ସଫଳ ହୁଅନ୍ତି ନାହିଁ। ବିଫଳ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେତେକ ଏଥିପାଇଁ ନୈରାଶ୍ୟରେ ଆତ୍ମହତ୍ୟା କରନ୍ତି। ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଚଳିତ ବର୍ଷ କେବଳ କୋଟାରେ ୩୪ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ବାସ୍ତବରେ ଏହା ଏକ ଉଦବେଗର ବିଷୟ। ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀମାନେ ମଧ୍ୟ ମେଧାବୀ ଏବଂ ଅଧ୍ୟବସାୟୀ। କିନ୍ତୁ ପ୍ରସ୍ତୁତିରେ ସାମାନ୍ୟ ତ୍ରୁଟିରୁ ସେମାନେ ବିଫଳ ହୋଇଛନ୍ତି।

## ବ୍ୟାଙ୍କ ଗୁଡ଼ିକର ଅସରନ୍ତି ଏନପିଏ ବୋଝ

॥ ଯୁଧିଷ୍ଠିର ମହାରଣା ॥

"ଭାରତରେ ୨୦୦୮ ପର୍ଯ୍ୟନ୍ତ ବ୍ୟବସାୟରେ ବିଶାଳ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଭାବେ ଦୁଇ ଅଙ୍କ ପାଖାପାଖି ଛୁଇଁଥିଲା। ଏହି ଧାରାକୁ ଦୃଷ୍ଟିରେ ରଖି ବ୍ୟାଙ୍କମାନେ ବିପୁଳ ପରିମାଣରେ ଋଣ ମଞ୍ଜୁର କରିବାରେ ଲାଗିଲେ। କିନ୍ତୁ ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ସୁଯୋଗ ଓ ସମ୍ଭାବନା କ୍ରମଶଃ ସଙ୍କୁଚିତ ହୋଇଆସିଲା ଏବଂ ଉଭୟ ବ୍ୟବସାୟ ଓ ଅର୍ଥନୀତି ପ୍ରଭାବିତ ହେଲା।

ଭାରତରେ ବର୍ଷକୁ ବର୍ଷ ଅନାଦାୟ ବ୍ୟାଙ୍କଋଣ ଉଦବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦର ଚଳିତ ଶୀତ ଅଧିବେଶନରେ ଦେଇଥିବା ତଥ୍ୟାନୁଯାୟୀ ଗତ ପାଞ୍ଚ ବର୍ଷ ଭିତରେ ଭାରତର ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ଗୁଡ଼ିକର ଏନପିଏ ପାଖାପାଖି ୧୦.୫୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ଗ୍ରାହକଙ୍କୁ ଦେଇଥିବା ଋଣ ଅସୁଲ ନକରିପାରିବା ସମ୍ପୃକ୍ତ ବ୍ୟାଙ୍କର ପରିଚାଳନାଗତ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲେ ହେଁ ସେଥିପାଇଁ ପରିଚାଳନା ଓ ନିର୍ଦ୍ଦେଶକ ମଣ୍ଡଳୀକୁ ସିଧାସଳଖ ଦଣ୍ଡିତ କରାଯିବାର ନିୟମ ଆମ ଦେଶରେ ନାହିଁ। ଅପରପକ୍ଷରେ ବ୍ୟାଙ୍କ ଅଧିକାରୀମାନଙ୍କ ପାଇଁ ଯେଉଁ ବ୍ୟବସାୟିକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ ତାହାକୁ ପୂରଣ କରିବା ପାଇଁ କିପରି ଅଧିକରୁ ଅଧିକ ଋଣ ମଞ୍ଜୁର କରାଯାଇପାରିବ ତାହାକୁ ଅଗ୍ରାଧିକାର ଦିଆଯାଏ। ବିଡ଼ମ୍ବନା ହେଲା ଜରୁରୀ ସମ୍ବଳ ଆବଶ୍ୟକ କରୁଥିବା ସାଧାରଣ ଗ୍ରାହକଟିଏ ଋଣ ପାଇବାକୁ ନୟାନ୍ତ ହୋଇପଡୁଥିଲେ ମଧ ତାହାକୁ ନେଇ ସେ ଚିନ୍ତାରେ ପଡ଼ିଯାଏ। ସୁଧ ଓ କିସ୍ତି ପୈଠରେ ସାମାନ୍ୟ ଖିଲାପ ହେଲେ ଋଣଦାତା ବ୍ୟାଙ୍କ ବିଚରା ଋଣ ଗ୍ରହୀତାର ଘରବାଡ଼ି ସମ୍ପତ୍ତି ଜବତ କରିଦେବାର ଉଦାହରଣ ବହୁଳ। ଅପରପକ୍ଷରେ ଥିଲାବାଲା ବା ଅତ୍ୟୁଚ୍ଚ ଧନୀମାନେ କିସ୍ତି ଓ ସୁଧ ପୈଠରେ ଉଦ୍ଦେଶ୍ୟମୂଳକ ଖିଲାପ କରି ଆସୁଥିଲେ ମଧ ସେମାନଙ୍କୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅକୁଣ୍ଠ ଚିତ୍ତରେ ହଜାର ହଜାର କୋଟି ଟଙ୍କାର ଋଣ ପୁନଃ ମଞ୍ଜୁର କରିବାରେ ଅବହେଳା କରନ୍ତିନାହିଁ। ଏଥିରେ ଉଚ୍ଚ ରାଜନୈତିକ ମହଲରୁ ଚାପ ମଧ ପଡ଼ିବାର ନଜିର ରହିଛି। ଏଥିପାଇଁ ବିଜୟ ମାଲ୍ୟା, ନିରବ ମୋଦି, ମେହୁଲ ଚୋକ୍ସିଙ୍କ ଭଳି ଅନେକ ଅଭ୍ୟାସଗତ ଋଣ ଖିଲାପୀବାଲାଙ୍କ ଉଦାହରଣ ନିଆଯାଇପାରେ। ଭାରତରେ ବ୍ୟାଙ୍କ ଏନପିଏ ଉଦବେଗଜନକ ଭାବେ ବୃଦ୍ଧି ପାଇବା ପଛରେ ଏହା ଏକ ବଡ଼ କାରଣ।

ବାଣିଜ୍ୟିକ ବ୍ୟାଙ୍କର ମୂଳ ଲକ୍ଷ୍ୟ ହେଲା ଋଣ ସହାୟତା ଜରିଆରେ ଦେଶର ବ୍ୟବସାୟ କ୍ଷେତ୍ରକୁ ସହାୟତା ତଥା ଦେଶର ଅଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା। ବ୍ୟାଙ୍କ ଦେଉଥିବା ଋଣ ତାହାର ଆସେଟ ବା ସମ୍ପଦ ଭାବରେ ପରିଗଣିତ ହୁଏ। କାରଣ ଋଣଦାତା ବ୍ୟାଙ୍କ ଏହି ଋଣରୁ ସୁଧ ଆକାରରେ ନିୟମିତ ଆୟ କରିଥାଏ। ବ୍ୟବସାୟ ଆରମ୍ଭ କରୁଥିବା କିମ୍ବା ସମ୍ପ୍ରସାରଣ କରିବାକୁ ଚାହୁଁଥିବା ବ୍ୟବସାୟୀ ଯେପରି ଠିକ ସମୟରେ ଋଣ ପାଇବାରେ ଅସୁବିଧା ନ ଭୋଗନ୍ତି ବା ପାତର ଅନ୍ତରର ଶିକାର ନହୁଅନ୍ତି ସେଥିପାଇଁ କେନ୍ଦ୍ର ସରକାର ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକର ଜାତୀୟକରଣ କରିଥିଲେ। କିନ୍ତୁ ଅସଲରେ ବ୍ୟାଙ୍କ ଜାତୀୟକରଣର ମହତ ଲକ୍ଷ୍ୟ ଯେ ପରାହତ ହୋଇଛି ତାହା ପ୍ରାୟ ୫ ଦଶନ୍ଧି ପରେ ସ୍ପଷ୍ଟ ହୋଇଛି। ବ୍ୟାଙ୍କର ଆଉ ଏକ ଦାୟିତ୍ୱ ହେଉଛି ଯେ ଠିକ ସମୟରେ ଋଣ ଗ୍ରହୀତାଙ୍କ ଠାରୁ ସୁଧ ସମେତ କିସ୍ତି ଅସୁଲ କରିବା। ଏଥିରେ ଖିଲାପ ହେଲେ ଋଣ ରାଶି ଏନପିଏ ବା ନନ ପରଫର୍ମିଂ ଆସେଟ ଭାବରେ ଗଣାଯାଏ। ବ୍ୟାଙ୍କ ଖାତାରେ କୌଣସି ଋଣ ପରିଶୋଧ ତାରିଖର ୯୦ ଦିନ ପର୍ଯ୍ୟନ୍ତ ଅନାଦାୟ ରହିଲେ ତାହାକୁ ଏନପିଏ ଭାବରେ ଘୋଷିତ କରାଯାଏ।

ଭାରତରେ ୨୦୦୮ ପର୍ଯ୍ୟନ୍ତ ବ୍ୟବସାୟରେ ବିଶାଳ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଭାବେ ଦୁଇ ଅଙ୍କ ପାଖାପାଖି ଛୁଇଁଥିଲା। ଏହି ଧାରାକୁ ଦୃଷ୍ଟିରେ ରଖି ବ୍ୟାଙ୍କମାନେ ବିପୁଳ ପରିମାଣରେ ଋଣ ମଞ୍ଜୁର କରିବାରେ ଲାଗିଲେ। କିନ୍ତୁ ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ସୁଯୋଗ ଓ ସମ୍ଭାବନା କ୍ରମଶଃ ସଙ୍କୁଚିତ ହୋଇଆସିଲା ଏବଂ ଉଭୟ ବ୍ୟବସାୟ ଓ ଅର୍ଥନୀତି ପ୍ରଭାବିତ ହେଲା। ତେଣୁ ସ୍ୱାଭାବିକ ଭାବରେ ଅନାଦାୟ ଋଣ ସମସ୍ୟା ସୃଷ୍ଟି ହେଲା। ବିଶେଷକରି ୨୦୧୪ ପରେ ଏନପିଏ ପରିମାଣ ବୃଦ୍ଧି ପାଇ ଏକ ବିଶାଳ ପାହାଡ଼ ଆକାରରେ ଦେଶର ଅର୍ଥନୀତି ଆଗରେ ଉଭା ହୋଇଥିଲା। ଭାରତରେ ଏନପିଏ ବୃଦ୍ଧି ପାଇବା ପଛରେ ଆଉ ଏକ କାରଣ ହେଉଛି ଋଣ ନେଇଥିବା ବୃହତ ଶିଳ୍ପ ସଂସ୍ଥାଗୁଡ଼ିକର ଆର୍ଥିକ ସ୍ଥିତି ଓ ଋଣ ପରିଶୋଧ କରିବାର କ୍ଷମତା ନିୟମିତ ଆକଳନ କରାଗଲା ନାହିଁ। ଅଧିକନ୍ତୁ ଶିଳ୍ପାୟନ ଆଳରେ ଶିଳ୍ପପତିମାନଙ୍କୁ ଋଣ ନିୟମକୁ କୋହଳ କରିଦିଆଗଲା। ଏହାଛଡ଼ା ଅତୀତରେ ଉଦ୍ୟୋଗପତିମାନଙ୍କ ବିପୁଳ ଋଣ ଚାହିଦା ମେଣ୍ଟାଇବା ପାଇଁ ଏକାଧିକ ବ୍ୟାଙ୍କ ମିଳିତ କନ୍‌ସୋର୍ଟିୟମ ଗଠନ କରାଗଲା। ମାଲ୍ୟାଙ୍କର କିଙ୍ଗଫିସର ପରି କମ୍ପାନୀମାନେ ବିଶାଳ ପରିମାଣର ଋଣ ପରିଶୋଧରେ କ୍ରମାଗତ ଅସଫଳ ହେବା ପରେ ଋଣଦାତା ବ୍ୟାଙ୍କ କନ୍‌ସୋର୍ଟିୟମ ସହିତ ଦେଶର ସାମଗ୍ରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ତାହା ପ୍ରଭାବିତ କଲା। ଏଥିସହିତ ମରୁଡ଼ି, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ଯୋଗୁଁ କୃଷି ଋଣ ମଧ ଅନାଦାୟ ହୋଇପଡ଼ିଲା। କେତେଜଣ ଶିଳ୍ପପତି ଜାଲ କାଗଜପତ୍ର ପ୍ରସ୍ତୁତ କରି ଅସାଧୁ ବ୍ୟାଙ୍କ କର୍ମଚାରୀଙ୍କ ସହାୟତାରେ ବିପୁଳ ପରିମାଣର ଋଣ ରାଶି ବିଦେଶରେ ଥିବା ଆକାଉଣ୍ଟକୁ ସ୍ଥାନାନ୍ତରିତ କରିଦେଲେ। ଏହିସବୁ ଘଟଣା ପ୍ରତି ଯଦି କେନ୍ଦ୍ର ସରକାର ପ୍ରାରମ୍ଭରୁ ଯତ୍ନଶୀଳ ହୋଇଥାନ୍ତେ ତେବେ ଆଜି ଭାରତୀୟ ଅର୍ଥନୀତିକୁ ଏନପିଏର ପାହାଡ଼ ମୁଣ୍ଡାଇବାକୁ ପଡ଼ିନଥାନ୍ତା। ମେହୁଲ ଚୋକ୍ସି, ନିରବ ମୋଦୀ, ବିଜୟ ମାଲ୍ୟାଙ୍କୁ ପଳାତକ ଘୋଷଣା କରାଯିବା ସହିତ ଅନାଦାୟ ଋଣ ବା ଏନପିଏ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ବିଳମ୍ବରେ ହେଲେ ମଧ ଉଦ୍ୟମ ଆରମ୍ଭ କଲେ। ଏହି ଉଦ୍ୟମର ଏକ ଅଂଶସ୍ୱରୂପ ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ଼ରେ ଆବଶ୍ୟକୀୟ ସଂଶୋଧନ କରାଗଲା। ବ୍ୟାଡ଼ ବ୍ୟାଙ୍କ ଗଠନ ପାଇଁ ମଧ ବାଟ ଫିଟିଲା। ଏହାଦ୍ୱାରା ସମ୍ପୂର୍ଣ୍ଣ ନ ହେଲେ ମଧ ବ୍ୟାଙ୍କର ଏନପିଏ ସମସ୍ୟା କେତେକାଂଶରେ ସମାଧାନ ହେବାର ଦେଖାଗଲା। ଏହି ବ୍ୟବସ୍ଥାର ସୁଫଳ ପାଇବାକୁ ହୁଏତ ଅନେକ ବର୍ଷ ଲାଗିଯାଇପାରେ।

ଶେଷରେ କୁହାଯାଇପାରେ ଯେ କୌଣସି ଦେଶର ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶରେ ବ୍ୟାଙ୍କିଙ୍ଗ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ତେବେ କେବଳ ଦେଶ ଦେବାଳିଆ ହେବନାହିଁ ବରଂ ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ। ଆମେରିକାର ଲେହମ୍ୟାନ ବ୍ରଦରସ୍ ଓ ମେରିଲ ଲିଞ୍ଚ ବ୍ୟାଙ୍କ ଭୁଶୁଡ଼ି ଯିବା ପରେ ବିଶ୍ୱ ଅର୍ଥନୀତିରେ ଯେଉଁ ମାନ୍ଦାବସ୍ଥା ସୃଷ୍ଟି ହୋଇଥିବାର ତାହାର ପ୍ରଭାବକୁ ଆଜି ମଧ ଅନେକ ଦେଶ ସମ୍ପୂର୍ଣ୍ଣ ଦୂର କରିବାରେ ସକ୍ଷମ ହୋଇପାରିନାହାନ୍ତି। ତେଣୁ ଭାରତ ସରକାର ମଝିରେ ମଝିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକୁ ବିପୁଳ ପୁଞ୍ଜି ନିବେଶ ଯୋଗାଇ ଆସୁଛନ୍ତି, ଯାହା ସିଧାସଳଖ ଦେଶର ଜନସାଧାରଣ ଦେଉଥିବା ଟିକସରୁ ଭରଣା ହେଉଛି। ଅନ୍ୟ ଅର୍ଥରେ କହିଲେ ଏନପିଏ ବୃଦ୍ଧି ସହିତ ଅତ୍ୟୁଚ୍ଚ ଧନୀ ଶିଳ୍ପପତିମାନେ ଉପକୃତ ହେଉଥିବାବେଳେ ଦେଶର ଜନସାଧାରଣ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଏହାର ଦୀର୍ଘସ୍ଥାୟୀ ନିରାକରଣ ଦିଗରେ ସରକାର ତତ୍ପରତା ପ୍ରକାଶ କରିବା ଦରକାର। ଏନପିଏ ସମସ୍ୟାର ସମାଧାନ ପାଇଁ କେବଳ ବ୍ୟାଡ଼ ବ୍ୟାଙ୍କ ଗଠନ କିମ୍ବା ଅତିରିକ୍ତ ପୁଞ୍ଜି ସହାୟତା ଯଥେଷ୍ଟ ନୁହେଁ। ସମ୍ପୃକ୍ତ ବ୍ୟାଙ୍କ ଅଧିକାରୀମାନଙ୍କୁ ମଧ ଆଇନତଃ ଉତ୍ତରଦାୟୀ କରିବା ପାଇଁ କଠୋର ନିୟମ ପ୍ରଣୟନ ହେବା ଦରକାର।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮

## ମୋ ଜୀବନର କଳ୍ପବୃକ୍ଷ

॥ ଅନୀତା ପଟ୍ଟନାୟକ ॥

କୁହାଯାଏ 'ପିତା ଧର୍ମ, ପିତା ସ୍ୱର୍ଗ, ପିତା ହିଁ ପରମ ତପ। ପିତରି ପ୍ରୀତିମାପନ୍ନେ ପ୍ରୀୟନ୍ତେ ସର୍ବଦେବତା।' ଏହାର ଅର୍ଥ ପିତା ହେଉଛି ଧର୍ମ, ସ୍ୱର୍ଗ ଓ ଜୀବନର ତପସ୍ୟାର ଫଳ। ପିତା ଯଦି ସନ୍ତୁଷ୍ଟ ହୁଅନ୍ତି ସର୍ବ ଦେବତାମାନେ ପ୍ରୀତ ହୋଇଥାନ୍ତି। ମୋର ପିତା ଜଣେ ନିଆରା ଶିକ୍ଷକ ଥିଲେ। ସେ ସକାଳ ହେଲେ ଆମ ଭାଇ ଭଉଣୀ ମାନଙ୍କୁ ଉଠାଇ ଚଲାଇ ଚଲାଇ କିଛି ବାଟ ନେଇ ବିଭିନ୍ନ ମନ୍ଦିର ପ୍ରଭୃତି ଦେଖାଇ ଗାଈର କ୍ଷୀର, ଦହି ଗଉଡଘରୁ ଧରି ଘରକୁ ଫେରୁଥିଲେ। ବାପା କେବେ ଚାହାପି ପିଇବା କିମ୍ବା କ୍ଷୀର ପିଇବା ମୁଁ ଦେଖିନାହିଁ। ବରଂ ମାକୁ ପ୍ରେମପୂର୍ଣ୍ଣ ଶବ୍ଦରେ କୁହନ୍ତି ଆଜି ମୋ ପିଲାମାନେ ସମସ୍ତେ କ୍ଷୀର ପିଇଛନ୍ତିତ? ବାପା ସବୁ ପିଲାମାନଙ୍କୁ ପାଠ ପଢ଼ିବାକୁ ପ୍ରୋତ୍ସାହିତ କରୁଥିଲେ। ତାଙ୍କର ସମସ୍ତ ଉପାର୍ଜିତ ଧନ ଆମର ସ୍କୁଲ ଡ୍ରେସ, ପାଠପଢ଼ା ଉପକରଣ, ଆମର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଖର୍ଚ୍ଚ କରିଦେଉଥିଲେ। ନିଜେ ଦୁଇହଳ ପୋଷାକରେ ଜୀବନ ଅତିବାହିତ କରିଦେଉଥିଲେ। ହଳେ ପୋଷାକ ଚିରିଗଲେ ବା ନଷ୍ଟ ହୋଇଗଲେ ଆଉ ଗୋଟିଏ ହଳ ତିଆରି କରାଉଥିଲେ।

ମୁଁ ମୋର ବାପାଙ୍କୁ କେବେ କାହାଠାରୁ କିଛି ହାତପାତି କୌଣସି ପଦାର୍ଥ ଗ୍ରହଣ କରିବା ଦେଖିନାହିଁ। ସେ ତାଙ୍କର କଷ୍ଟ ଉପାର୍ଜିତ ଧନକୁ ଅକୁଣ୍ଠିତ ହୋଇ ଦାନ କରି ଦେଉଥିଲେ। ମତେ ଉଦାହରଣ ଦେଇ ବୁଝାଇ କହୁଥିଲେ ଗ୍ରହଣ କରିଥିବା ପାପୁଲି ତଳକୁ ଥାଏ କିନ୍ତୁ ଦାନ କରୁଥିବା ପାପୁଲି ସର୍ବଦା ଉପରେ ଥାଏ। ବାପା ଆମକୁ ଶକ୍ତି, ଧନ, ବାକ୍ୟ ଓ ଖାଦ୍ୟକୁ କିପରି ସଞ୍ଚୟ କରିବାକୁ ହେବ ତାହାକୁ ସେ ଶିଖାଉଥିଲେ। ମୋ ବାପା ସ୍କୁଲରେ ସବୁ ପିଲାଙ୍କୁ ନିଜର ପିଲାପରି ଭଲ ପାଉଥିଲେ। ମୋ ଆଗରେ ଅନ୍ୟ ପିଲାଙ୍କୁ ପ୍ରଶଂସା କରୁଥିଲାବେଳେ ମୁଁ ଯେତେବେଳେ ଈର୍ଷାନ୍ୱିତ ହେଉଥିଲି, ସେ ମତେ କହୁଥିଲେ ସମସ୍ତ ଈଶ୍ୱରଙ୍କର ସନ୍ତାନ। ଈଶ୍ୱରଙ୍କର ସାନ୍ନିଧ ଲାଭ କରିବାର ସୁଯୋଗ ସମସ୍ତଙ୍କର ଅଛି। କିନ୍ତୁ ବାପାଙ୍କ ଠାରୁ ଯଦି ଠିକ ଭାବରେ ଅଧିକ ସ୍ନେହ ଦାବିକରି ମଧ ପାଇନଥାଏ ତାର ମନର ଅବସ୍ଥା ଯାହାହୁଏ ମୁଁ ଅଧିକ ସ୍ନେହ ପାଉନଥିଲା ବେଳେ ମୋର ଅବସ୍ଥା ସେପରି ହୁଏ। ଆମ ପିଲାମାନଙ୍କର ଟିକେ ଦେହ ଖରାପ ହେଲେ ସେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ କରି ଚିକିତ୍ସା କରାଇଥାନ୍ତି। ସେ ଆମ ସବୁ ପିଲାମାନଙ୍କୁ ସକାଳ ସଞ୍ଜରେ ପ୍ରାର୍ଥନା, ଖାଦ୍ୟ ଗ୍ରହଣ ଓ ଶୋଇବା ପୂର୍ବରୁ ପ୍ରାର୍ଥନା, ଗୋଶାଳାକୁ ଯାଇ ଗାଇ ମାନଙ୍କର ସେବା ନିଜେ କରନ୍ତି। ଦୀନଦରିଦ୍ରଙ୍କର ସେବା କରିବାକୁ ଓ ମାଙ୍କୁ ଖାଦ୍ୟ ପୁଡ଼ିଆ ତିଆରି କରି ଦେବା ପାଇଁ ଶିକ୍ଷା ଦେଇଥାନ୍ତି। ମୋର ବାପା ମାଧବଙ୍କର ଭଜନ ଗାନ କରିବାକୁ ଭଲ ପାଉଥିଲେ। ସେ ଏପରି କାହିଁକି କରୁଛନ୍ତି ଦିନେ ପଚାରିବାରୁ ସେ କହିଥିଲେ ମାର ଅର୍ଥ ମାୟା, ଧବର ଅର୍ଥ ପ୍ରଭୁ ସେ ଜାତ ହେଉଛନ୍ତି, ନାଶ ହେଉଛନ୍ତି, ଜୀବନ ମାୟାର ଅଂଶ। ସାଧକ ହେଉଛନ୍ତି ସର୍ବମୟ କର୍ତ୍ତା। ଏତେ ବଡ଼ ବଡ଼ କଥା ମୋ ମୁଣ୍ଡରେ ପଶୁନଥିଲା।

ଖରା ଦିନେ ସହରର ବିଭିନ୍ନ କେନ୍ଦ୍ରକୁ ନେଇ ମାଟି ହାଣ୍ଡିରେ ପାଣି ରଖି ପଥିକମାନଙ୍କୁ ସେ ପାଣି ଯୋଗାଇ ଥାନ୍ତି। ସେ ଧନାଢ଼୍ୟ ବ୍ୟକ୍ତିଙ୍କ ସହାୟତାରେ ଅନେକ ଗରୀବ ଝିଅମାନଙ୍କର ବାହାଘର କରି ତାଙ୍କର ଘର ବସାଇଛନ୍ତି। ଜାନୁଆରୀ ୨୬, ଅଗଷ୍ଟ ପନ୍ଦର ପ୍ରଭୃତି ଦିନ ମାନଙ୍କରେ ସେ ଦେଶପ୍ରେମର ବାର୍ତ୍ତା ସ୍କୁଲର ପିଲାମାନଙ୍କୁ ଦେଉଥିଲେ। ପୂଜାପାର୍ବଣ ଗୁଡ଼ିକରେ ଭଜନ, ଧ୍ୟାନ, ନୀରବତା, ସଞ୍ଚୟ ଅଭ୍ୟାସ ପ୍ରଭୃତିର ମହତ୍ୱ ଅକ୍ଷରେ ଅକ୍ଷରେ ବୁଝାଇ ଦେଉଥିଲେ। ତାଙ୍କୁ ଘରେ ବାହାରେ ସମସ୍ତେ ଏକ ପ୍ରାଣରେ ଭଲ ପାଉଥିଲେ। ମୋ ବାପା ମୋ ପାଇଁ ଏକରନମ୍ବର ଭଗବାନ ଥିଲେ କାରଣ ସେ ସଚରାଚର ଜଗତରେ ଭଗବାନ ବିଦ୍ୟମାନ ଅଛନ୍ତି ବୋଲି ବୁଝାଇବା ସହିତ ଇତର ଜଗତର ସେବା କରୁଥିଲେ। ଭଗବାନଙ୍କ ପ୍ରଦତ୍ତ ପଞ୍ଚମହାଭୂତର (ଆକାଶ, ବାୟୁ, ଜଳ, ପୃଥିବୀ, ଅଗ୍ନି) କିପରି ବ୍ୟବହାର କରିବାକୁ ହୁଏ ତାହାକୁ ଶିକ୍ଷା ଦେଉଥିଲେ। ସମସ୍ତଙ୍କୁ ଭଲ ପାଇବା ଓ ସର୍ବଦା ଆନନ୍ଦରେ ରହିବାକୁ ଉପଦେଶ ଦେଉଥିଲେ। ମୋର କାଲିପରି ମନେ ଅଛି ଯେଉଁଦିନ ମୋ ରବାପା ତାଙ୍କର ଅବସର ନେବା ବିଷୟରେ ଘୋଷଣା କଲେ, ମାଙ୍କ ମନ ଦୁଃଖି ହୋଇଯାଇଥିଲା। ଏତେ ବଡ଼ ସଂସାର ଅଧା ପଇସାରେ ଚଳିବ କିପରି ବାପା କିନ୍ତୁ ଅବସର କଥାରେ ଖୁବ ଖସି। ଡାକ୍ତର, ଇଂଜିନିୟର, ଓକିଲ ଏପରିକି ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ସମସ୍ତେ ଅବସର ନିଅନ୍ତି କିନ୍ତୁ ତାଙ୍କର ଅବସର ନେବାର ଦିନର ଆସିଯାଉଥିବା ସମୟକୁ ନେଇ ପରିବାରର ଲୋକମାନେ ଏତେ ଦୁଃଖିତ କାହିଁକି? ଏହାର କାରଣ ଥିଲା ବାପା ଥିଲେ ଆମର କଳ୍ପବୃକ୍ଷ। ଆମେ ଜାଣିଥିଲୁ ଆମେ ମାଗିବା ମାତ୍ରେ ଆମର ଉଚିତ ପ୍ରାର୍ଥନା ଗୁଡ଼ିକୁ ସେ ଶୁଣୁଥିଲେ ଓ ପୂରଣ କରୁଥିଲେ ଓ ଅବସର ପରେ ସେ ସବୁ ଊଣା ହୋଇଯିବାର ଆଶଙ୍କାରେ ଆମେ ଶଙ୍କିତ ଥିଲୁ। ମୁଁ କିନ୍ତୁ ମୋର ମନର ଭାବନାକୁ କାହା ଆଗରେ ପ୍ରକାଶ କରିନଥିଲି। ବାପାଙ୍କ ଶେଷ ସମୟ ଉପସ୍ଥିତ ହେଲା। ଭାଇ, ବନ୍ଧୁ, କୁଟୁମ୍ବ ତାଙ୍କର ଛାତ୍ର ସମାଜର ବିଭିନ୍ନ ବର୍ଗର ଲୋକ ଉପସ୍ଥିତ ଥାଇ କ୍ରନ୍ଦନ କରୁଥାନ୍ତି। ସମସ୍ତଙ୍କ ପାଟିରେ ଗୋଟିଏ କଥା, 'ଆପଣ କାହିଁକି ଆମକୁ ଛାଡ଼ି ଚାଲିଯାଉଛନ୍ତି। ଆପଣଙ୍କୁ ଖୁସି କରିବାରେ କେବେ ଅବହେଳା କରିଛୁକି? ଆପଣ କୁହନ୍ତୁ ଆପଣଙ୍କୁ ଖୁସି କରିବାକୁ ଆମେ କଣ କରିବୁ? ଦରକାର ପଡ଼ିଲେ ଆମର ସ୍ତ୍ରୀ ପିଲା ସମସ୍ତଙ୍କୁ ଛାଡ଼ି ତୁମ ପାଖକୁ ଚାଲି ଆସିବୁ। ଆମେ ଆମର ଚକ୍ଷୁ, ବୃକକ, ହୃଦୟ ସବୁ କିଛି ଦାନ କରିବାକୁ ରାଜି ଅଛୁ। ଦରକାର ପଡ଼ିଲେ ସମସ୍ତ ଧନ ମଧ ଆପଣଙ୍କୁ ଦେଇଦେବୁ ହେଲେ ଆପଣ ଆମକୁ ଛାଡ଼ି ଯାଆନ୍ତୁ ନାହିଁ। ମୋର ବାପା ଚିରନିଦ୍ରାରେ ଶୋଇଯିବା ପୂର୍ବରୁ ଯେଉଁ କେତୋଟି କଥା କହିଥିଲେ ତାହା ଆଜି ମଧ ମୋ ମନରେ ଝଙ୍କୃତ ହେଉଛି ତାହାଥିଲା 'ମୁଁ ତୁମକୁ କଷ୍ଟ ଦେବା ପାଇଁ ତୁମର ବାପା ହୋଇନଥିଲି। ମୁଁ ତୁମର ଧନ ସମ୍ପତ୍ତି କିଛି ଚାହୁଁ ନଥିଲି। ତୁମର ସ୍ତ୍ରୀ, ପିଲାଙ୍କୁ ଦୁଃଖ ପହଞ୍ଚାଇବା ପାଇଁ ମୁଁ ଆସି ନଥିଲି। ମୁଁ ତୁମ ମାନଙ୍କ ଠାରୁ ଏତିକି ଚାହୁଁଥିଲି, ତୁମେ ସବୁବେଳେ ସବୁ ସମୟରେ ଆନନ୍ଦରେ ରୁହ। ନିଃସ୍ୱାର୍ଥ ପ୍ରେମ ଓ ସେବାରେ ବ୍ରତୀ ହୁଅ।'

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

## କ'ଣ ବିଶ୍ୱରେ ସ୍ଥାୟୀ ଶାନ୍ତି ସମ୍ଭବ ?

॥ ମୌଲାନା ଫଜଲ ହକ ଖାଁ ॥

ସେ ଦିନ ଥିଲା ୨୨ ଜାନୁଆରୀ ୨୦୨୩ । ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନ ପକ୍ଷରୁ ଭୁବନେଶ୍ୱରର ତାରକା ହୋଟେଲ ପାଲ୍ ହାଇଟ୍ସ ଠାରେ ଏକ ଶାନ୍ତି ସମ୍ମିଳନୀରେ ଯୋଗଦେବାର ସୌଭାଗ୍ୟ ପାଇଥିଲି । ଦେଖିବାକୁ ପାଇଲି, ସେଠିକାର ପରିବେଶ, ପରିଭାଷା, ମନ ଓ ମତାମତ ଶାନ୍ତିକୁ ଖୋଜୁଛି । ଏହି ମହାନ ସମ୍ମିଳନୀରେ ସ୍ୱୟଂ ମହାମହିମ ରାଜ୍ୟପାଳ ପ୍ରୋଫେସର ଶ୍ରୀ ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ମଂଚରେ ବିରାଜିତ ଥିଲେ। ତାଙ୍କ ଗହଣରେ ଥିଲେ, କେତେକ ୟୁନିଭରସିଟିର ଉପକୁଳପତିମାନେ ଏବଂ ବୁଦ୍ଧିଜୀବୀମାନେ, ରାଜନେତାମାନେ । ସେହିଭଳି ହଲ୍‌ରେ ଭରି ରହିଥିଲେ ଅନେକ ପୂର୍ବତନ ସାମରିକ ଅଫିସରମାନେ, ଶିକ୍ଷା କ୍ଷେତ୍ରରେ ଥିବା ମେଧାବୀ ଛାତ୍ର-ଛାତ୍ରୀମାନେ, ରିସର୍ଚ୍ଚ ସ୍କଲାରମାନେ, ଆଇନଜୀବୀମାନେ, ଡ଼ାକ୍ତରମାନେ, ଇଂଜିନିୟରମାନେ, ସମାଜସେବୀମାନେ, ସର୍ବଭାରତୀୟ ସ୍ତରର ଅନେକ ଖେଳାଳିମାନେ, ସକଳ ଧର୍ମର ପ୍ରତିନିଧିମାନେ ତଥା ସାମ୍ବାଦିକମାନେ । ତାଙ୍କ ଭିତରେ ଚାଲିଥିଲା ଆଲୋଚନା କି କାହିଁକି ଏଭଳି ଗୋଟିଏ ବିଷୟ ଉପରେ ଚର୍ଚ୍ଚାର ଆବଶ୍ୟକ ଅନୁଭୂତ ହେଲା । ସତରେ କ'ଣ ଏମିତି ଗୋଟିଏ ଆଲୋଚନାର ପ୍ରାସଙ୍ଗିକତା ରହିଛି। ଏକ ବିକଶିତ ସମାଜରେ କାହିଁକି ଏହାର ଦରକାରିତା ସମସ୍ତଙ୍କୁ ବ୍ୟତିବ୍ୟସ୍ତ କରିପାରିଛି ।

ପ୍ରକୃତରେ ଆଜି ଆମେ ଯେଉଁ ଦିଗକୁ ଦୃଷ୍ଟି ପକାଉଛେ, କେଉଁଠି ଅଘଟଣ, ଦୃଘଟଣା ତ କେଉଁଠି ବିପଦ ଆପଦ । ଆଉ କେଉଁଠି ଅସ୍ଥିରତା ତ କେଉଁଠି ଅରାଜକତା। କେଉଁଠି ହଣା-କଟା ତ କେଉଁଠି ଟଣା-ଓଟରା । କେହି କାହାର ନେଇଗଲାଣି ତ କେହି କାହାରିକୁ ଦେଉନାହିଁ । ଏହିଭଳି ବ୍ୟକ୍ତିଗତ ଅବସ୍ଥାରୁ ଆରମ୍ଭ କରି ରାଷ୍ଟ୍ରୀୟ ଓ ଅନ୍ତରାଷ୍ଟ୍ରୀୟ ସ୍ତରରେ ବି ଦୈନନ୍ଦିନ ଜୀବନରେ ଆମେ ବ୍ୟସ୍ତ ବିବ୍ରତ ହୋଇଯିବାର ଦେଖୁଛେ । ଆମେ ସମସ୍ତେ ଶାନ୍ତିର ଆଶାରେ ଧାଉଁଛେ, ହେଲେ ତାହା ମରୀଚିକା ପରି ଆମର ହାତରେ ଧରା ପଡୁ ନାହିଁ । ବିଶୃଙ୍ଖଳା ଓ ହିଂସା ସାରା ପୃଥିବୀକୁ ଗିଳିବାକୁ ଲାଗିଛି । ଏପରି କି ଜାତିଭେଦ, ବର୍ଣ୍ଣଭେଦ, ଧର୍ମଭେଦର ବିଦ୍ୱେଷ ଦିନକୁ ଦିନ ବଢିବାରେ ଲାଗିଛି । ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ତଫାତ ବହୁତ ବଢିବାରେ ଲାଗିଛି । ଏହିଭଳି ପରିସ୍ଥିତିରେ ଗୋଟିଏ ଶାନ୍ତ, ସରଳ ଓ ସାଧାରଣ ମଣିଷଟି ଆଜି ବେସାହାରା ହୋଇଯାଇଛି । ଠିକ-ଭୁଲ ବିଚାର କରିବାରେ ଏହି ନିରୀହ ମଣିଷଟି ଦ୍ୱନ୍ଦରେ ପଡ଼ିଯାଇଛି । ବିଶ୍ୱର ଅନେକ ସ୍ଥାନରେ ଯେଉଁ ସରକାର ସାଧାରଣ ଲୋକଙ୍କର ଭଲ କରିବାର ପ୍ରତିଶୃତି ଦେଉଛି, ଶାସନ କ୍ଷମତାକୁ ଆସିବା କ୍ଷଣେ ସେହି ନିରୀହ ଲୋକଙ୍କ ସ୍ୱାର୍ଥ ବିରୁଦ୍ଧରେ କାମ କରୁଛି। ସଂଖ୍ୟାଲଘୁ ଉପରେ ସଂଖ୍ୟା ଗରିଷ୍ଠଙ୍କର ପ୍ରାଦୁର୍ଭାବ ବଢୁଛି । ତେବେ ଏଭଳି ଏକ ପରିସ୍ଥିତିରେ ଆମେ କ'ଣ ଚୁପ ବସିବା । କାହିଁକି ଆମେ ଏକ ସୁସ୍ଥ ଓ ଆଦର୍ଶ ସମାଜର ପରିକଳ୍ପନା କରିପାରିବା ନାହିଁ । କାହିଁକି ବିକାଶର ଫଳ କେବଳ କେତେକ ମୁଷ୍ଟିମେୟ ଲୋକଙ୍କ ପାଖରେ ସୀମିତ ରହିଯାଉଛି । ତେବେ ଏକ ସଭ୍ୟ ସମାଜରେ ସମସ୍ତଙ୍କ ମନ ଓ ସ୍ୱାର୍ଥକୁ ନେଇ ଏକ ବିକଶିତ ସମାଜ କାହିଁକି ଗଠନ ହୋଇପାରିବ ନାହିଁ। କାହିଁକ ଆମେ ନିଜ ସ୍ୱାର୍ଥରୁ ଉପରକୁ ଉଠି ଏକ ସୁସ୍ଥ ସମାଜର ସ୍ୱପ୍ନ ଦେଖିପାରିବା ନାହିଁ । ଏହି ପ୍ରଶ୍ନର ଉତର ଖୋଜିବା ପାଇଁ ତଥା ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ସେଠି ସମସ୍ତେ ଏକତ୍ରିତ ହୋଇ ପାରିଥିଲେ। ଅହମଦୀୟା ମୁସଲିମ ସଂଗଠନର ଦୃଢ ବିଶ୍ୱାସ ଯେ ଏହିଭଳି ଏକ ପୃଥିବୀ ବା ଶାନ୍ତିର ରାଜ୍ୟ ନିଶ୍ଚିତ ସମ୍ଭବ ।

ଉତ୍କୃଷ୍ଟ କଳାର ଦେଶ ଉତ୍କଳ ବା ଆମ ରାଜ୍ୟ ଓଡ଼ିଶା । ଓଡ଼ିଶାର ଅଧିବାସୀ ଯୁଗେଯୁଗେ ଶାନ୍ତିର ପର୍ବକୁ ବଜାୟ ରଖିବାକୁ ସର୍ବଦା ଚେଷ୍ଟା କରିଆସୁଛନ୍ତି । ଚଣ୍ଡାଶୋକ ଧର୍ମାଶୋକ ହୋଇପାରୁଛି । ସେହି ଭଳି ଭକ୍ତ ସାଲବେଗ ହୁଅନ୍ତୁ ବା ଦାଶିଆ ବାଉରୀ ହୁଅନ୍ତୁ, ମନ୍ଦିର ମାଳିନୀ ସହର ଏହି ଏକାମ୍ର ସହର ହେଉ, ବା ଜଗନ୍ନାଥ ସଂସ୍କୃତିର ଦେଶ, ଓଡ଼ିଆ ସମାଜ ସବୁ ଭେଦଭାବକୁ ଭୁଲି ସବୁଠି ଶାନ୍ତିର ପ୍ରୟାସ ଜାରି ରଖିଛି । ବିଶ୍ୱ ଭାତୃତ୍ୱ ପାଇଁ ଆମ ରାଜ୍ୟ ସବୁବେଳେ ଏକ ଉଦାହରଣ ହୋଇଛି । ଉତ୍କଳର ନୌବାଣିଜ୍ୟ କଥା ହେଉ ବା ସୂକ୍ଷ୍ମ କାରିଗର ଏବଂ କାରିଗରୀ, ତାରକସି ଶିଳ୍ପ ହେଉ ବା ବାନ୍ଧକଳା ସମ୍ବଲପୁରୀ ବା ମାଣିଆବନ୍ଧ, ନୂଆପାଟଣା ପାଟ ଶାଢି ହେଉ । ସବୁ କ୍ଷେତ୍ରରେ ଓଡ଼ିଶାବାସୀ ନିଜର ନିଖୁଣତା ଓ ପାରଦର୍ଶିତା ଦେଖାଇ ଆସିଛନ୍ତି। ଏହି କଥା ସବୁ ମନେ ପଡ଼ିଗଲେ ଲାଗୁଛି ଏହି ଶାନ୍ତି ପ୍ରତିଷ୍ଠା ଦିଗରେ ଆମକୁ ହିଁ ଅଂଟା ଭିଡ଼ିବାକୁ ହେବ । ନିଜେ ଶାନ୍ତିର ମାର୍ଗ ବାହାର କରି ସାରା ବିଶ୍ୱକୁ ଏହି ଶାନ୍ତିର ଆଲୋକରେ ଆଲୋକିତ କରିବାକୁ ହେବ । ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଭୁବନେଶ୍ୱର ଶାଖା ଅହମଦୀୟା ମୁସଲିମ ସଂଗଠନର ଏହି ଶାନ୍ତି ସମ୍ମିଳନୀ ନିଶ୍ଚିତ ଏକ ମାଇଲ ଖୁଂଟ ହେବ । ଶାନ୍ତି ପ୍ରାପ୍ତ ସମ୍ବନ୍ଧରେ ଗୀତାରେ ଲେଖାଅଛି; ତମେବ ଶରଣଂ ଗଚ୍ଛ, ସର୍ବଭାବେନ ଭାରତ / ତତ୍ପ୍ରସାଦାତ୍ ପରାଂଶାନ୍ତି, ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତଂ ॥ ଅର୍ଥାତ୍ ହେ ଭାରତ ! ତୁମ୍ଭେ ସର୍ବତୋ ଭାବରେ ସେହି ପରମେଶ୍ୱରଙ୍କ ଠାରେ ଶରଣ ପଶ । ତାହାଙ୍କ ଅନୁଗ୍ରହରୁ ତୁମ୍ଭେ ପରମ ଶାନ୍ତି ଓ ନିତ୍ୟଧାମ ପ୍ରାପ୍ତ ହେବ । (ଶ୍ରୀମଦ୍‌ଭଗବଦ୍‌ଗୀତା, ଅଧ୍ୟାୟ ୮, ଶ୍ଳୋକ୬୨) ସେହିଭଳି ପବିତ୍ର କୋରାନରେ ଲେଖାଅଛି; "ଅଲା ବିଜିକ୍‌ରିଲ୍ଲାହି ତତ୍‌ମଇନ୍ନଲ୍‌କୁଲୁବ୍" ଅର୍ଥାତ୍ ମନେରଖ ଯେ ଅଲ୍ଲାଃଙ୍କ ସ୍ମରଣରେ ହିଁ ହୃଦୟ ସନ୍ତୋଷ ଲାଭ କରେ । (ପବିତ୍ର କୋରାନ, ଅଧ୍ୟାୟ ୧୩, ଆୟତ ୨୯) ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନର ପଂଚମ ଖଲିଫା ହଜରତ ମିର୍ଜା ମସରୁର ଅହମଦ ଏବେ ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରକୁ ଭ୍ରମଣ କରି ସେଠାକାର ନେତା ଓ ରାଜନେତା ତଥା ପ୍ରଶାସକଙ୍କୁ ଭେଟି ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ଏବଂ ତୃତୀୟ ବିଶ୍ୱଯୁଦ୍ଧକୁ କିପରି ମିଳିମିଶି ରୋକି ପାରିବା ସେ ବିଷୟରେ ପ୍ରୟାସ କରିଚାଲିଛନ୍ତି । ମିର୍ଜା ମସରୁର ଅହମଦ କୁହନ୍ତି; ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ୧୦ଗୋଟି ମୌଳିକ ନୀତି ରହିଛି । ତାହା ହେଲା ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନିବା। ପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା କରିବା । ବିଶ୍ୱବ୍ୟାପୀ ଏକତାକୁ ପ୍ରଶୟ ଦେବା । ପରମାଣୁ ଅସ୍ତ୍ର ବର୍ଜନ କରିବା। ଅସ୍ତ୍ରଶସ୍ତ୍ରର ବ୍ୟବସାୟରୁ ଲାଭ ଉପାର୍ଜନ ବନ୍ଦ କରିବା । ଅର୍ଥନୈତିକ ସମାନତା ସୃଷ୍ଟି କରିବା ଏବଂ ଦାରିଦ୍ର ଦୂର କରିବା । ଦେଶର ବିକାଶ ଓ ଉନ୍ନତି ସକାଶେ ଉଦ୍ୟମ କରିବା। ଚରମପନ୍ଥୀ ଦଳର ପ୍ରତିବାଦ କରିବା । ପାରସ୍ପାରିକ ଆସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରିବା । ଏବଂ ମାନବ ଜାତିର ସେବା କରିବା ।

ଆସନ୍ତୁ ଆମେ ସମସ୍ତେ ମିଳି ମିଶି ସ୍ଥାୟୀ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ନିଜ ନିଜର କର୍ତ୍ତବ୍ୟ ବହନ କରିବା ଏବଂ ମିର୍ଜା ମସରୁର ଅହମଦଙ୍କ ଏହି ଚିନ୍ତାଧାରାକୁ ସ୍ୱାଗତ କରିବା ସହ ଏହାର ସଦ୍‌ଉପଯୋଗ କରି ବିଶ୍ୱ କଲ୍ୟାଣ ଦିଗରେ ପ୍ରୟାସ ଜାରି ରଖିବା। ଏହା ହିଁ ଆମର କାମନା ।

ଭୁବନେଶ୍ୱର, ୟୁନିଟ-୪
ମୋ.୯୬୯୨୨୨୫୦୫୭



ମହାଭାରତ

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଫାଇଲେରିଆ ନିରାକରଣ ପାଇଁ ସଚେତନତା ଓ ଔଷଧ ବଣ୍ଟନ

କନ୍ଧମାଳ:(ମହାଭାରତ) କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଆଡାସି ପଡା ପଞ୍ଚାୟତ ପୁତୁନି ସୁଗା ସେବାଶ୍ରମ ବିଦ୍ୟାଳୟରେ ଫାଇଲେରିଆ ନିରାକରଣ ପାଇଁ ସଚେତନତା ଓ ଔଷଧ ବଣ୍ଟନ କରାଯାଇଛି। ସୂଚନା ପ୍ରକାରେ ଆଡାସି ପଡା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଅଧିନରେ ପୁତୁନିସୁଗା ସେବାଶ୍ରମ ବିଦ୍ୟାଳୟରେ ଫାଇଲେରିଆ ନିରାକରଣ ପାଇଁ ଡିଇସି ଟାବଲେଟ ଆଉ ଆଲବେଣ୍ଡଜୋଲ ଟାବଲେଟ, କୃମି ନାଶକ ବଟିକା ଖାଇବାକୁ ଦିଆଯାଇଥିଲା । ଏହା ଦ୍ୱାରା ଶରୀରରେ କୃମି ନାଶ ହେବା ସହିତ ରକ୍ତହୀନତା ହେବାର ସମ୍ଭାବନା ଦୂର ହୋଇଥାଏ ବୋଲି ସଚେତନ କରାଯାଇଥିଲା । ଏଥିରେ ସି ଏଚ୍ ଓ ସାଗର ପ୍ରତୀକ,ଏନେମ ମାନସୀ ପ୍ରଧାନ, ସୋସିଆଲ୍ ମୋବିଲାଇଜର ନିରୁପମା ଦିଗାଲ ,ଆଶା ଦିଦି ସାବିତ୍ରୀ ପ୍ରଧାନ ଯୋଗଦେଇ ଥିଲେ ।

# ବସ୍ ଦୁର୍ଘଟଣାଗ୍ରସ୍ତ:୧୮ ଆହତ ୬ ଗୁରୁତର

ବେଗୁନିଆ,(ମହାଭାରତ): ସୋମବାର ଦିନ ଅପରାହ୍ନ ୪ଟା ସମୟରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥ ବୋଲଗଡ଼ ବସଷ୍ଟାଣ୍ଡ ନିକଟରେ ଏକ ଘରୋଇ ବସ ଦୁର୍ଘଟଣାର ସମ୍ମୁଖୀନ ହୋଇଛି । ଏଥିରେ ୪୫ଜଣ ଯାତ୍ରୀଙ୍କ ମଧ୍ୟରୁ ୧୮ଜଣ ଆହାତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୬ଜଣ ଗୁରୁତର ହୋଇ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି ।ଏଠାରେ ସୂଚନା ଯୋଗ୍ୟ ଯେ ଭୁବନେଶ୍ୱରରୁ ଗହଙ୍ଗୁ ଯାଉଥିବା ନାରାୟଣୀ ନାମକ ଏକ ଘରୋଇ ବସର ଯାହାର ନଂ-ଓଡି ୦ ୨ ବିସି ୪୦୨୩ର ପତା କଟି ଯିବାରୁ ହଠାତ୍ ଡ୍ରାଇଭର ପଟକୁ ବସଟି ଏକ ୪ଫୁଟ ଖାଲକୁ ଗଡିଯାଇ ଆମ୍ବ ଗଛରେ ମାଡ ହୋଇଥିଲା । ଯାହାଫଳରେ ବସ ସମ୍ମୁଖରେ ବସିଥିବା ଅନେକ ଯାତ୍ରୀ ଆହାତ ହୋଇଥିବାବେଳେ ବସ ଡ୍ରାଇଭର ନୟାଗଡ ଜିଲ୍ଲା ସାକେରୀ ଗ୍ରାମର ଚରଣ ପ୍ରଧାନ(୩୫),ରଙ୍ଗଣୀପାଟଣା ଗ୍ରାମର କଣ୍ଡକ୍ଟର ରାଜେଶ ସାହୁ(୨୭),ଗଞ୍ଜାମ ଜିଲ୍ଲା



ବୁଗୁଡା ଗ୍ରାମର ଅଶୋକ ପାତ୍ର(୧୯), ବୋଲଗଡ଼ ଗ୍ରାମର ସ୍ନେହଲତା ପୃଷ୍ଟି(୨୮),ବୈକୁଣ୍ଠ ପ୍ରଧାନ(୬୦), ସସ୍ମିତା ବିଶ୍ୱାଳ(୩୫) ଗୁରୁ□ର ଆହତ ହୋଇଥିବାରୁ ସେମାନଙ୍କୁ ଭୁବନେଶ୍ୱର ପଠାଯାଇଛି । ଅନ୍ୟ ଆହତମାନେ ହେଲେ ଅଶୋକ ପ୍ରଧାନ(୬୦), ସୁକୁରୀ ମଲ୍ଲିକ(୬୫), ପରମାନନ୍ଦ ମଲ୍ଲିକ(୮୧), କାର୍ତ୍ତିକ ନାୟକ(୬୪), ଖଦର୍କି ପ୍ରଧାନ(୫୦), ତୋଫାନୀ ଦେଇ(୮୩), କୃଷ୍ଣ ସୁବୁଦ୍ଧି(୪୫), ଶଶାଙ୍କ ଶେଖର ଷଡଙ୍ଗୀ(୬୨), ସ୍ୱପ୍ନେଶ୍ୱରୀ ମହାପାତ୍ର(୨୩), ସୁନିତା ଷଡଙ୍ଗୀ(୨୮), ଦୈତାରୀ ବେହେରା(୬୨) ପ୍ରମୁଖ ଆହାତ ହୋଇ ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧିନ ଅଛନ୍ତି । ଦୁର୍ଘଟଣା ପରେ ବୋଲଗଡ ଅଗ୍ନିସମ ବାହିନୀ, ବୋଲଗଡ ଥାନା ପୋଲିସ, ବୋଲଗଡ ବଜରଙ୍ଗ ଦଳର ସଦସ୍ୟ, ବଣିକ ସଂଘର ସଦସ୍ୟମାନେ ଉଦ୍ଧାର କାର୍ଯ୍ୟରେ ସାହାଯ୍ୟ କରିଥିଲେ ।

## ଜାତୀୟ କୃମି ନାଶକ ବଟିକା ସେବନ କାର୍ଯ୍ୟକ୍ରମ

ଆସିକା (ମହାଭାରତ)-ଆସିକା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବରଗାଁ ଠାରେ ବ୍ଲକ ସ୍ତରୀୟ କୃମିନାଶକ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଔଷଧ ସେବନ କାର୍ଯ୍ୟକ୍ରମ ରେ ବ୍ଲକ ଶିକ୍ଷା ଅଧିକାରିଣୀ ମୁନ ରାଣୀ ମହାନ୍ତି, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଣୀ ଇନ୍ଦିରା ମହାପାତ୍ର, ପ୍ରଧାନଶିକ୍ଷୟତ୍ରୀ ସ୍ନେହଲତା ଆଚାର୍ଯ୍ୟ, ଡାକ୍ତର ସୁବ୍ରତ ପଣ୍ଡା, ଅକ୍ଷୟ ପାଣିଗ୍ରାହୀ, ବିପିଏମ ସାଗରୀକା ମିଶ୍ର, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ କୁବେର ପାତ୍ର, ଶିକ୍ଷୟତ୍ରୀ ଏ ସ୍ୱାତି, ଏବଂ ଶିକ୍ଷକ ଚନ୍ଦ୍ର ଶେଖର ଦାଶ ପ୍ରମୁଖ ଉପସ୍ଥିତ ରହି ଏହି ବଟିକା ସେବନ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ । ଏହି ଅଭିଯାନରେ ୦୧ ବର୍ଷ ରୁ ୧୯ ବର୍ଷ ର ପିଲା ମାନଙ୍କୁ ଏବଂ ୨୦ ରୁ ୨୪ ବର୍ଷ ର ଯୁବକ ଯୁବତୀ ମାନଂକୁ କୃମିନାଶକ ଔଷଧ ସେବନ କରାଇବା ନିମନ୍ତେ ୧୧୭ ଗୋଟି ବିଦ୍ୟାଳୟ, ୧୫୫ ଜଣ ଆଶା, ୨୫୧ ଅଙ୍ଗନବାଡି କେନ୍ଦ୍ର ରେ ୬୪ ଜଣ ସ୍ୱାସ୍ଥ୍ୟ କର୍ମୀ ମାନେ ପ୍ରାୟ ୬୫ ହଜାର ଜଣକୁ ଏହି କୃମି ନାଶକ ବଟିକା ଖୁଆଇବା ର ବ୍ୟବସ୍ଥା କରାଇବେ ।ଆଶାକର୍ମୀ କିମ୍ବା ତାଲିମ୍ ପ୍ରାପ୍ତ ସ୍ୱେଚ୍ଛାସେବୀମାନେ ଘର, ସ୍କୁଲ, କଲେଜ ଓଅଫିସ୍କୁ ଆସି ଏହି ଔଷଧ ଖୁଆଇବେ । ଏହି କାର୍ଯ୍ୟକ୍ରମ ରେ ଶିକ୍ଷକ, ସ୍ୱାସ୍ଥ୍ୟ ବିଭାଗ ର ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡି, ସୁପୁର ଭାଇଜର, ସିଆର ସି ସି, ଆଶା କର୍ମୀ ,ଶିକ୍ଷକ ଶିକ୍ଷୟତ୍ରୀ ପମୁଖ ଔଷଧ ବଣ୍ଟନ ରେ ସହଯୋଗ କରିଥିଲେ ।

## କୁଇ ସମାଜ ଯୁବ ପରିଷଦ କନ୍ଧମାଳର ବନ୍ଧୁ ମିଳନ ଉତ୍ସବ -୨୦୨୫ ଅନୁଷ୍ଠିତ



କନ୍ଧମାଳ:(ମହାଭାରତ): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଅନ୍ତର୍ଗତ ଶଙ୍କରାଖୋଲ ପଞ୍ଚାୟତ ଅଡାବାଡି ଗ୍ରାମର ଶାଳବଣ ନିକଟରେ କୁଇ ସମାଜ ଯୁବ ପରିଷଦ କନ୍ଧମାଳ ବନ୍ଧୁ ମିଳନ -୨୦୨୫ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମଟି ସାଧାରଣ ସମ୍ପାଦକ ଶ୍ରୀ ଅଚ୍ୟୁତ ଯାନୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଉପସଭାପତି ଶ୍ରୀ ଭୀମସେନ ପ୍ରଧାନଙ୍କ ଅଧକ୍ଷତାରେ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଘୁ. ଉଦୟଗିରି ପୂର୍ବତନ ବିଧାୟିକା ଅଜୟନ୍ତି ପ୍ରଧାନ , ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରାଘବ ମଲିକ,କୁଇ ସମାଜ ସେବା ସମିତି ସାଂସ୍କୃତିକ ସମ୍ପାଦକ ବିରେନ୍ଦ୍ର କୁମାର କହଁର, କୁଇ ଭାଷା ସାହିତ୍ୟ ସୁରକ୍ଷା ସମିତି ଉପସଭାପତି ଗୀତାଞ୍ଜଳୀ ଦେହୁରୀ ଯୋଗ ଦେଇଥିଲେ । ପ୍ରଥମେ ପରସ୍ପର ମଧ୍ୟରେ ନିଜ ନିଜର ପରିଚୟ ଆଦାନ ପ୍ରଦାନ କରିଥିଲେ । ସଂଗଠନର ମୂଳ ଲକ୍ଷ୍ୟ , ଉଦ୍ଦେଶ୍ୟ ଓ ଆଗାମୀ ଦିନର କାର୍ଯ୍ୟକ୍ରମ ବିଷୟରେ ସାଧାରଣ ସମ୍ପାଦକ ଶ୍ରୀ ଯାନୀ ଉପସ୍ଥିତ ସମାଜ ପ୍ରେମୀ ଯୁବକ ଯୁବତୀ ମାନଙ୍କୁ କହିଥିଲେ । ସଭାପତି ଦେବାଶିଷ କହଁର ସଂଗଠନର କର୍ମକର୍ତ୍ତା ମାନଙ୍କର କାର୍ଯ୍ୟକାଳ ୫ ବର୍ଷ ଶେଷ ହୋଇ ଆସୁଥିବାରୁ ଆଗାମୀ ଦିନରେ କିପରି କର୍ମ କର୍ତ୍ତା ଚୟନ କରାଯାଇ ସଂଗଠନକୁ ଅଧିକ ରୁ ଅଧିକ ସକ୍ରିୟ କରିବା ସହ ସୁଦୃଢ କରାଯିବ ତାହା ଉପରେ ମତ ପ୍ରକାଶ କରିଥିଲେ । ଏଥିରେ କୁଇ ସମାଜ ଯୁବ ପରିଷଦ କନ୍ଧମାଳର ସଭାପତି ଦେବାଶିଷ କହଁର, ସମ୍ପାଦକ ଅଚ୍ୟୁତ ଯାନୀ, କୋଷାଧକ୍ଷ ଭାବିନ୍ଦ୍ର କହଁର, ଉପସଭାପତି ଆଲୋକ କହଁର, ଭୀମସେନ ପ୍ରଧାନ, ମଙ୍ଗରାଜ ପ୍ରଧାନ, ସହ ସମ୍ପାଦକ ନିତ୍ୟାନନ୍ଦ ପ୍ରଧାନ, ଗୌତମ ମଲିକ , ବିଶ୍ୱମ୍ଭର ପ୍ରଧାନ, କୁଇ ଯୁବ କ୍ରୀଡା ସଭାପତି ସୁଜି କୁମାର ମଲିକ , କ୍ରୀଡା କୋଷାଧକ୍ଷ ନସିବ ପ୍ରଧାନ,ଖଜୁରୀ ପଡା ବ୍ଲକ କୋଡି ନେଟର ସୁବଳ ଦେହୁରୀ, ହଦଗୁଡା ଶାଖା ସମ୍ପାଦକ ଅଶୋକ କୁମାର କହଁର, ପ୍ରଶାନ୍ତ କୁମାର କହଁର, ମହେନ୍ଦ୍ର କହଁର ଏବଂ ଯୁବ ସଦସ୍ୟ ଗୋବିନ୍ଦ ପ୍ରଧାନ,ଅଜିତ କୁମାର ମଲିକ, ରଘୁନାଥ କହଁର, ପ୍ରଦୀପ କୁମାର ମଲିକ,ଭାଗିରଥି ଯାନୀ,ଅରୁପା ନନ୍ଦ କହଁର , ନକୁଳ କହଁର , ଜିତେନ୍ଦ୍ର କହଁର ସାମ୍ବାଦିକ ସମିର ପ୍ରସାଦ ଝାଙ୍କର, ଗୋଲକ ବିହାରୀ କହଁର ,ତରଣୀ ସେନ ମଲିକ ସମେତ ପ୍ରାୟ ଏକ ଶହରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ । ଲାଇନ୍ ପଡା ବପଲମେଣ୍ଡି ସରପ□ ରଞ୍ଜନ କୁମାର ମଲିକ,ଗୋପାଳ କୃଷ୍ଣ କହଁର , ହରିଶଙ୍କର କହଁର ଓ ସାମ୍ବାଦିକ ବାଳକୃଷ୍ଣ କହଁର ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ସଭାପରିଚାଳନା ଓ ଧନ୍ୟବାଦ ଅର୍ପଣ ସହସମ୍ପାଦକ ଶ୍ରୀ ବିଶ୍ୱମ୍ଭର ପ୍ରଧାନ କରି ଥିଲେ ।

## ସମାଗୋଳ ଉପକାରାଗାର ର ପରିଦର୍ଶକ ଭାବେ ରାକେଶ ପଟ୍ଟନାୟକ ନିଯୁକ୍ତ



ପାରାଦୀପ (ମହାଭାରତ) ସମାଜସେବୀ ତଥା ପାରାଦୀପ ର ଗଣମାଧ୍ୟମ ପ୍ରତିନିଧି ରାକେଶ ପଟ୍ଟନାୟକ ଙ୍କୁ କୁଜଙ୍ଗ ସ୍ଥିତ ସମାଗୋଳ ଉପକାରାଗାର ପରିଦର୍ଶକ ଭାବେ ନିଯୁକ୍ତି ମିଳିଛି ।ଜିଲ୍ଲାପାଳ ଜେ.ସୋନାଲ ଶ୍ରୀ ପଟ୍ଟନାୟକଙ୍କୁ ଜେଲ ପରିଦର୍ଶକ ମଣ୍ଡଳୀର ସଦସ୍ୟ ଭାବେ ଅବୈତନିକ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି ସେ ନିୟମିତ ବ୍ୟବଧାନରେ ଜେଲ୍ ପରିଦର୍ଶନ କରିବା ସହିତ ଜେଲର ଅନ୍ତେବାସୀ ମାନଙ୍କ ବିଭିନ୍ନ ସମସ୍ୟା ଓ ସୁବିଧା ଅସୁବିଧା ସମ୍ପର୍କରେ ଅବଗତ ହେବା ସହିତ ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ଅବଗତ କରାଇବେ । ତାଙ୍କ ବ୍ୟତୀତ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମାଜସେବୀ ସତ୍ୟପ୍ରକାଶ ମହାନ୍ତି, ବ୍ୟାସ ଫାଉଣ୍ଡେସନ ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କୁ ମଧ୍ୟ ସଦସ୍ୟ ଭାବେ ମନୋନୀତ କରାଯାଇଛି । ତେବେ ଶ୍ରୀ ପଟ୍ଟନାୟକ ଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିବା ପରେ ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକ ଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇବା ସହ ଜିଲ୍ଲା ପ୍ରଶାସନ କୁ ସାଧୁବାଦ ଜଣାଇଛନ୍ତି । ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ,ରବୀନ୍ଦ୍ର ଜେନା, ପ୍ରଭାକର ସାହୁ, ରତ୍ନାକର ଜେନା, ରତ୍ନାକର ସ୍ୱାଇଁ,ଦୀପକ ଦାସ,ସୁଧାଂଶୁ ନାୟକ ପ୍ରମୁଖ ଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ଓ ବୁଦ୍ଧିଜୀବୀ ଏହି ନୂତନ ଦାୟିତ୍ୱ ଗ୍ରହଣ ପରେ ରାକେଶ ପଟ୍ଟନାୟକ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ସୂଚନାଥାଉକି ଶ୍ରୀ ପଟ୍ଟନାୟକ ଜଣେ ସଫଳ ଶ୍ରମିକ ନେତା ଏବଂ ସମାଜସେବା ସହିତ ପରିବେଶ ସୁରକ୍ଷା ଧର୍ମୀ ସଂଗଠନ ଗ୍ରୀନ ପାରାଦୀପ ଟ୍ରଷ୍ଟ ର ସଭାପତି ଅଛନ୍ତି ।

## ବାଂଶ ଠାରେ ନୀଳକଣ୍ଠେଶ୍ୱର ଭବ୍ୟ ମନ୍ଦିର ପ୍ରତିଷ୍ଠା





ପାରାଦ୍ୱୀପ /ନାଉଗାଁ..ନାଉଗାଁସ୍ଥ ଗୋଠଗାଁ ଠାରେ ବାଂଶ ଗ୍ରାମର ସମସ୍ତ ଗ୍ରାମବାସୀଙ୍କ ପୁର୍ଣ୍ଣ ସହଯୋଗ ସହାୟତା ରେ ନୀଳକଣ୍ଠେଶ୍ୱର ଭବ୍ୟ ମନ୍ଦିର ରବିବାର ଦିନ ପ୍ରତିଷ୍ଠା ହୋଇଯାଇଛି। କିମ୍ବଦନ୍ତୀ ଅନୁଯାଇ ଏହା ପାଞ୍ଚଶହ ବର୍ଷର ପୀଠ କିନ୍ତୁ ଆଜକୁ ପ୍ରାୟ ଦୁଇଶହ ବର୍ଷ ପୂର୍ବେ ନୀଳକଣ୍ଠ ଗୋସ୍ୱାମୀ ସାଧୁ ତପସ୍ୟା କରି ସିଦ୍ଧତ୍ୱ ପ୍ରାପ୍ତ ହୋଇଥିଲେ, ସେବେଠାରୁ ଏହି ପୀଠରେ ବହୁ ଦୁରାରୋଗ ରୋଗୀ ଓ ମାନସିକ ଭକ୍ତ ଏଠାରେ ଅଧିଆ ପଡି ସୁସ୍ଥ ହେଉଥିଲେ- ଯାହାକି ଆଜିପର୍ଯ୍ୟନ୍ତ ମାନସିକ ଭକ୍ତ ଅଧିଆ ପଡୁଛନ୍ତି ।ଏହି ପୀଠର ପୂନଉଦ୍ଧାର ପାଇଁ ପୁର୍ଣ୍ଣ ସହଯୋଗରେ ଭ୍ୟ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା ହୋଇପାରିଲା ସ ଏହି ଧାର୍ମିକ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ପୂର୍ବତନ ବିଧାୟକଦ୍ୱୟ ପ୍ରଶାନ୍ତ ମୁଦୁଲି ଓ ଜ୍ୟୋତିଷ ଚନ୍ଦ୍ର ଦାସ, ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ପରିଡା ଙ୍କ ସହିତ ତାପସ ରଞ୍ଜନ ସ୍ୱାଇଁ, ବିଜୟ କୁମାର ସ୍ୱାଇଁ, କୈଳାସ ସ୍ୱାଇଁ, ଅମିର କୁମାର ସ୍ୱାଇଁ ଓ ଗ୍ରାମ୍ଯବାସୀ ଉପସ୍ଥିତ ରହିଥିଲେ ।

## ଜିଲ୍ଲା ସ୍ତରୀୟ ଅବିନାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ

### ନୂଆଶାସନକୁ ହରାଇ କାରାଣ୍ଡିପୁର ଚାମ୍ପିଅନ

ଦଶରଥପୁର (ମହାଭାରତ ): ଦଶରଥପୁର ବ୍ଲକ କୟାଁ ପ□ାୟତସ୍ଥ ଦୁବକଣ ଜୟଚଣ୍ଡୀ ସରକାରୀ ଉଚ୍ଚବିଦ୍ୟାଳୟ ସମ୍ମୁଖ ଖେଳ ପଡିଆରେ ଦୁବକଣ ନେତାଜୀ କ୍ଲବ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ୧୬ ତମ ଜିଲ୍ଲାସ୍ତରୀୟ ଅବିନାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ନୂଆଶାସନ ଓ କରାଣ୍ଡିପୁର କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ପ୍ରଥମେ ଟସ ଜିଣି କେଜିଏନ କରାଣ୍ଡିପୁର କ୍ରିକେଟ ଟିମ ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୧୦୭ ରନ ସଂଗ୍ରହ କରିଥିବା ବେଳେ ଜବାବରେ ନୂଆଶାସନ କ୍ରିକେଟ ଟିମ ସମସ୍ତ ଓଭର ଖେଳି ୯ ଉଇକେଟ ହରାଇ ୯୨ ରନ ସଂଗ୍ରହ କରି ପରାଜିତ ହୋଇଥିବା ବେଳେ କରାଣ୍ଡିପୁର କ୍ରିକେଟ ଟିମ ବିଜୟୀ ହୋଇଥିଲା । ଆରତ ରଞ୍ଜନ ନାୟକ, ସୁନିଲ ନାୟକ, ଅଜିତ ମଲ୍ଲିକ ଅମ୍ପେୟାର ଦାୟିତ୍ୱ ତୁଲାଇ ଥିବାବେଳେ ସନ୍ତୋଷ କୁମାର ପଣ୍ଡା, ନିର୍ମଳ ଯେନା, ରଞ୍ଜିତ ପଣ୍ଡା, ନିମାଇଁ ଯେନା ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଟୁର୍ନାମେଣ୍ଟରେ କରାଣ୍ଡିପୁର ଟିମର ଆକ୍ରମ ଖାନ ମ୍ୟାନ ଅଫଦ ମ୍ୟାଚ, ନହିମ ଖାନ ମ୍ୟାନ ଅଫଦ ସିରିଜ, ଇନୟାତ ଅଲ୍ଲୀ ବେଷ୍ଟ କ୍ୟାଚେସ ଓ ନୂଆଶାସନ ଟିମର ତ୍ରିଲୋଚନ ରାଉତ ବେଷ୍ଟ ବ୍ୟାଟ୍ସ ମ୍ୟାନ, ମିର ବର୍ଣ୍ଣି ବେଷ୍ଟ ଫିଲଡର, ବିକ୍ରମ ଦାଶ ବେଷ୍ଟ ବୋଲର ଭାବେ ଯୋଗ୍ୟ ବିବେଚିତ ହୋଇଥିଲେ ନେତାଜୀ କ୍ଲବର ସଭାପତି ଜୟପ୍ରକାଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥିଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ମୁଖ୍ୟ ବକ୍ତା ଭାବେ ଯାଜପୁର ଜିଲ୍ଲା ବିଯୁଜନତା ଦଳର ଉପସଭାପତି ପ୍ରଦୀପ କୁମାର ମହାନ୍ତି, ସମ୍ମାନିତ ଅତିଥିଭାବେ କୟାଁ ପଞ୍ଚାୟତର ସରପ□ ମନ୍ଦାକିନୀ ମଲ୍ଲିକ, ଯୁବ ସମାଜସେବୀ ବିଜୟ ପାତ୍ର, କମାରଡ଼ିହି ପାକ୍ସ ସଭାପତି ଭାଗିରଥି ସାହୁ, ଯୁବ ସଙ୍ଗଠକ ରାକେଶ କୁମାର ଯେନା, ୬ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ,ବିଜୟ ରାଉତ ପ୍ରମୁଖ ଯୋଗଦେଇ ଥିଲେ । କ୍ଲବର ବରିଷ୍ଠ ସଭ୍ୟ ପ୍ରିୟବ୍ରତ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କ୍ଲବର ସମ୍ପାଦକ ଆରତ ରଞ୍ଜନ ନାୟକ ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ ସେହିପରି କ୍ଲବର ସଭ୍ୟ ନିରଞ୍ଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଅତିଥି ମାନଙ୍କ ଦ୍ୱାରା ବିଜୟୀ କରାଣ୍ଡିପୁର ଟିମକୁ ଟ୍ରଫି ସହ ନଗଦ ୭୭୭୭ ସହ ଟଙ୍କା ଓ ରନର୍ସ ଅଫ ଟିମକୁ ଟ୍ରଫି ସହ ନଗଦ ୩୩୩୩ ଟଙ୍କା ପ୍ରଦାନ କରାଯାଇ ଥିଲା। ଟୁର୍ନାମେଣ୍ଟ ପରିଚାଳନାରେ କ୍ଲବର ସଭ୍ୟ ସୁବ୍ରତ ଜେନା, ଲକ୍ଷ୍ମଣ ସେଠୀ, ବିଶ୍ୱଜିତ ପଣ୍ଡା, ବିଶ୍ୱଜିତ ନାୟକ, ପ୍ରଭାତ କୁମାର ନାୟକ, ସୁବାଷ ମଲ୍ଲିକ, ପ୍ରତାପ କୁମାର ନାୟକ,ଗଙ୍ଗାଧର ଯେନା, ହୃଦାନନ୍ଦ ସେନାପତି, ପ୍ରଦୀପ ବାରିକ , ସୁରେଶ ପଲେଇ, ପ୍ରମୁଖ ସହଯୋଗ କରିଥିଲେ।



## ଅଗ୍ନିକାଣ୍ଡ ରେ ଜଳିଗଲା ଗାଡି ଗ୍ୟାରେଜ

ଅସ୍ତରଙ୍ଗ (ମହାଭାରତ) : ଆଜି ସକାଳ ୯ ଘଟିକା ସମୟ ରେ ଅସ୍ତରଙ୍ଗ ବଜାର ନୂତନ ଥାନା ଛକ ନିକଟରେ ଥିବା ଏକ ଗାଡି ଗ୍ୟାରେଜ ସେଣ୍ଟର ରେ ଅଗ୍ନିକାଣ୍ଡ ଘଟି ପ୍ରାୟ ଲକ୍ଷାଧିକ ଟଙ୍କା ର ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି, ସୂଚନା ମୁତାବକ ଉକ୍ତ ଗ୍ୟାରେଜ ମାଲିକ ଅସ୍ତରଙ୍ଗ ଖଣ୍ଡିବେଲାରୀ ଗ୍ରାମ ର ପ୍ରଦୀପ୍ତ ପଡ଼ିଆରୀ, ଆଜି ସକାଳୁ ଯେତେବେଳେ ଉକ୍ତ ଗ୍ୟାରେଜ ରେ ନିଆଁ ଲାଗିଲା ହଟାତ ବଜାର ସମ୍ପୂର୍ଣ୍ଣ ଧୂଆଁ ମୟ ହୋଇଥିଲା ଆଉ ଲୋକ ମାନେ ଦେଖିଲା ବେଳକୁ ଦୋକାନ ଟି ହୁତୁ ହୁତୁ ହେଇ ଜଳୁଛି, ଏହାପରେ ସ୍ଥାନୀୟ



ଲୋକ ନିଆଁ କୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ ମାତ୍ର ସଫଳ ନେହେବାରୁ ସ୍ଥାନୀୟ ଦମକଳ କେନ୍ଦ୍ର କୁ ଯୋଗାଯୋଗ କରିଥିଲେ, ଦମକଳ ବାହିନୀ ପହଞ୍ଚି ଉକ୍ତ ନିଆଁ କୁ ଆୟତ୍ତ କରିଛନ୍ତି, ବର୍ତ୍ତମାନ ସୁଦ୍ଧା ଅଗ୍ନିକାଣ୍ଡ ର କାରଣ ଅସ୍ପଷ୍ଟ ରହିଥିବା ବେଳେ ଉକ୍ତ ବ୍ୟବସାୟୀ ଙ୍କୁ କ୍ଷତି ପୁରଣ ଦେବା ପାଇଁ ସାଧାରଣରେ ଦାବୀ କରାଯାଇଛି।

## ସାଲେଇବେଡା ପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣୀ

କରଞ୍ଜିଆ,(ମହାଭାରତ) ଠାକୁରମୁଣ୍ଡା ବ୍ଲକର ସାଲେଇବେଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଠାକୁରମୁଣ୍ଡା ବିଡିଓ ସ୍ୱପ୍ନେଶ୍ୱର ବେହେରା, ତହସିଲଦାର ସମ୍ବିତ କୁମାର କର , ଏପିଓ ଧାନଚନ୍ଦ ମହାନ୍ତ, ସରପ□ ପେଲଙ୍ଗ ହୋ , ଯୋଗାଣ ନିରୀକ୍ଷକ ଦିଲୀପ କୁମାର ସାହୁ, ପି ଇ ଓ ଶ୍ରୀକାନ୍ତ ରାଉତ, ଆର ଆଇ ପ୍ରମୁଖ ଉପସ୍ଥିତ ରହି ୩୩ ଗୋଟି ଅଭିଯୋଗ ଶୁଣାଣୀ କରିଥିଲେ।ଏହି ଅଭିଯୋଗ ଶୁଣାଣୀ ରେ ୨୨ଟି ବ୍ୟକ୍ତି ଗତ ଓ ୧୧ ଟି ସାମୁହିକ ଅଭିଯୋଗ ଶୁଣାଣୀ କରି ଥିଲେ। ଏଥିରେ ଭତ୍ତା, ପାଣି, ରାସ୍ତା ଓ ଘର ପ୍ରମୁଖ ଦାବି ରଖିଲେ , ଏଥିରେ ସମସ୍ତ ୱାଡ ସଭ୍ୟ, ସଭ୍ୟା ସହଯୋଗ କରିଥିଲେ। ୧୦୦ ରୁ ଅଧିକ ଲୋକ ଉପସ୍ଥିତ ରହି ଅଭିଯୋଗ କରିଥିଲେ।



## ଗୌରଚନ୍ଦ୍ର ପୁର ଛକରେ ଅଣ୍ଡର ପାସ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କଲେ ବାଚସ୍ପତି ସୁରମା ପାଢ଼ୀ

ରଣପୁର(ମହାଭାରତ): ଦୀର୍ଘ ଦିନ ହେଲା ଦାବି କରି ଆସୁଥିଲେ ସ୍ଥାନୀୟ ଅଞ୍ଚଳ ବାସୀ। ହେଲେ ପ୍ରଶାସନ କରୁଥିଲା ଅଣ ଦେଖାୟ ସରକାର ପରିବର୍ତ୍ତନ ହେବା ପରେ ରଣପୁର ବିଧାୟକ ସୁରମା ପାଢ଼ୀ ଲୋକଙ୍କ ଦାବି ସହ ଏକମତ ହୋଇ କେନ୍ଦ୍ର ସଡ଼କ ପରି ହନ ମନ୍ତ୍ରୀ ନିତିନ ଗଡ଼କରୀ ଙ୍କୁ ପତ୍ର ଲେଖିଥିଲେ ୧୬ ନମ୍ବର ଜାତୀୟ ରାଜପଥ ଗୌରଚନ୍ଦ୍ର ପୁର ଛକରେ ଅଣ୍ଡର ପାସ ରାସ୍ତା ନିର୍ମାଣ ପାଇଁ। ସ୍ଥାନୀୟ ଲୋକ ପ୍ରତିନିଧି ଙ୍କ ଦାବିକୁ ସମ୍ମାନ ଦେଇ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ୧୩ କୋଟି ଟଙ୍କା ର ଅର୍ଥ ବ୍ୟୟ ବରାଦ କରିଛନ୍ତି ଗୌରଚନ୍ଦ୍ର ପୁର ଛକରେ ଅଣ୍ଡର ପାସ ନିର୍ମାଣ ପାଇଁ। ଏହି ଅର୍ଥ ମଞ୍ଜୁର ହେବା ପରେ ଆଜି ଏହି ଅଣ୍ଡର ପାସ ପୋଲ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି । ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ରଣପୁର ବିଧାୟକ ତଥା ଓଡିଶା ବିଧାନ ସଭାର ବାଚସ୍ପତି ସୁରମା ପାଢ଼ୀ। ସ୍ଥାନୀୟ କେରଣ୍ଡା ଟାଙ୍ଗୀ ଗ୍ରାମ ପଂଚାୟତ ସରପ□ ପ୍ରଗତି ମହାପାତ୍ର, ସମିତି ସଭ୍ୟ ଶିଶିର ବଳିୟାର ସିଂ, ପ୍ରମୁଖ ଉପସ୍ଥିତ ରହି ଭିତ୍ତିପ୍ରସ୍ତର ସ୍ଥାପନକରିଥିଲେ। ଏହି ଅଣ୍ଡର ପାସ ପୋଲ ନିର୍ମାଣ ହେବା ଦ୍ୱାରା ଚନ୍ଦପୁର, କନ୍ଦନୟାଗଡ଼, କେରଣ୍ଡା ଟାଙ୍ଗୀ, ଟାଙ୍ଗୀ ଆଦି ଗ୍ରାମ ପଂଚାୟତର ୩୦ ହଜାରରୁ ଅଧିକ ଲୋକ ଉପକୃତ ହୋଇ ପାରିବେ ବୋଲି ଜଣା ପଡିଛି। ଏଠାରେ ଦୁର୍ଘଟଣା ଘଟି ୧୦ ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା। ତେଣୁ ଏଥିପାଇଁ ଲୋକେ ସ୍ଥାନୀୟ ବିଧାୟକ ତଥା ବାଚସ୍ପତି ସୁରମା ପାଢୀଙ୍କୁ ଧନ୍ୟବାଦ ଦେଇଛନ୍ତି ।ଏହି କାର୍ଯ୍ୟକ୍ରମ ରେ ବିଜେପି ମଣ୍ଡଳ ସଭାପତି ସୁବର୍ଣ୍ଣ ସିଂ, ଯୁବ ନେତା ପ୍ରମୋଦ କୁମାର ସାହୁ,ସମାଜ ସୌ ପ୍ରଦୀପ ସେନାପତି ପ୍ରମୁଖ ସହଯୋଗ କରିଥିଲେ।



## ଅଭିଯୁକ୍ତ ପୁଅ ଗିରଫ

ଯୋଡ଼ା,(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ା ସ୍ଥିତ ବାଂଶପାଣି ନିକଟ ଟୋଲ ଗେଟ ବସ୍ତିରେ ରବିବାର ରାତ୍ରି ପ୍ରାୟ ୮.୪୫ମିନିଟ ସମୟରେ ଘରୋଇ କଳହ ରୁ ପୁଅର କାଠ ଫାଳିଆ ମାଡ଼ରେ ବାପାର ମୃତ୍ୟୁ ଘଟିଛି। ମୃତକ ହେଲେ ଅଜୟ ସେଠି (୫୦) । ଯୋଡା ପୋଲିସ ଏହି ଘଟଣାରେ ପୁଅ ବିକାଶ ସେଠିକୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି ।ଘଟଣାସ୍ଥଳରୁ ଜଣାପଡ଼ିଛି ଯେ, ପୁଅ ବିକାଶ ବିବାହ କରିବାକୁ ଜିଦ୍ ଧରି ବସୁଥିଲେ। କାମଧନ୍ଦା କରିବା ପରେ ଝିଅ ବାହା ହେବା ପାଇଁ ବାପା ତାଙ୍କୁ ପରାମର୍ଶ ଦେଉଥିଲେ। ଏହି ଘଟଣାକୁ ନେଇ ବାପା ପୁଅ ଙ୍କ ମଧ୍ୟରେ ଝଗଡ଼ା ହେଉ ଥିଲା। ଗତକାଲି ରବିବାର ଏହିପରି ଝଗଡ଼ା ହେବା ପରେ ବିକାଶ ଉତ୍ୟକ୍ତ ହୋଇ ବାପାଙ୍କୁ ଏକ କାଠ ଫାଳିଆ ରେ ମାଡ ମାରିଥିଲା। ଫଳରେ ବାପା ଅଜୟ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଟାଟାଷ୍ଟିଲ ଡାକ୍ତର ଖାନାକୁ ନିଆ ଯାଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକ ଅଜୟ ସେଠୀଙ୍କ ସ୍ତ୍ରୀ ଗୁରୁବାରି ସେଠୀ ଯୋଡ଼ା ଥାନାରେ ଅଭିଯୋଗ କରିଛନ୍ତିଯୋଡା ପୋଲିସ କେସ ନଂ ୨୫/୨୫ ରୁଜୁ କରି ଅଭିଯୁକ୍ତ କୁ ଗିରଫ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ସ୍ଥାୟୀ ନିଯୁକ୍ତି ଦାବିରେ ଗର୍ଜିଲେ ଜୀବିକା ମିଶନ ଇସି ସଂଘ



ଜୁନାଗଡ଼( ମହାଭାରତ): ରାଜ୍ୟ ସରକାର ଜୀବିକା ମିଶନ ଇସି ସଦସ୍ୟଙ୍କ ରିଷ୍ଟ୍ରକ୍ଚରିଂ ବନ୍ଦ କରିବା,ସ୍ଥାୟୀ ନିଯୁକ୍ତି ସହ ବକେୟା ଭତ୍ତା ପ୍ରଦାନ କରିବା,କମ୍ୟୁନିଟି ଷ୍ଟାଫଙ୍କୁ ଚୁକ୍ତିଭିତ୍ତିକ ନ କରି ସ୍ଥାୟୀ କରିବା, ଓ ରାଜ୍ୟର ମହିଳା ମାନଙ୍କ ସ୍ୱାବଲମ୍ବୀ କରିବାର ପଥ ସୁଗମ କରିବାକୁ ଆଜି ଗର୍ଜିଛନ୍ତି ଇସି ସଙ୍ଘ ସଦସ୍ୟାୟକଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରସ୍ଥିତ ଲଙ୍କେଶ୍ୱରୀ ମନ୍ଦିର ଠାରୁ ଶତାଧିକ ସଦସ୍ୟା ରାଲିରେ ସହର ରାଜରାସ୍ତାରେ ରାଲିରେ ଯାଇ ବ୍ଲକ କାର୍ଯ୍ୟାଳୟ ଅଧିକାରୀଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।ରାଜ୍ୟ ସରକାର ତାଙ୍କ ଦାବି ପୂରଣ କରିବା ପାଇଁ ଯତ୍ନବାନ ହୁଅନ୍ତୁ, ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି। ଆଜିର ଏହି ରାଲି ଓ ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାନେତ୍ରୀ ସୁରୁଚି ପଧାନ, ସମ୍ପାଦିକା ଟୁନି ଶବର,ଗୀତା ଶବର, ତପସ୍ୱିନୀ ନାଏକ,ସାବେତ୍ରୀ ଦଳେଇ,ସୁରଭି ଧଙ୍ଗଡାମାଝୀ, ମମତା ଲହଜଲ, ଲୋଚନାମାଝୀ,କସ୍ତୁରୀ ମାଝୀ, ଲଳିତା ରଣା ପ୍ରମୁଖଙ୍କ ସମେତ ଶତାଧିକ ସଦସ୍ୟା ଉପସ୍ଥିତ ରହି ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ଜିଲ୍ଲା ପରିଷଦ କାର୍ଯ୍ୟାଳୟ ର ବରିଷ୍ଠ ରାଜସ୍ୱ ସହାୟକଙ୍କ ଦେହାନ୍ତ ରେ ଶୋକ ସଭା ସହିତ ସ୍ମୃତି ଚାରଣ



ନବରଙ୍ଗପୁର(ମହାଭାରତ): ଆଜି ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର ରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ କାର୍ଯ୍ୟାଳୟ ର ବରିଷ୍ଠ ରାଜସ୍ୱ ସହାୟକ ଅସିମ କୁମାର ପଟ୍ଟନାୟକ ଙ୍କ ଦେହାନ୍ତ ଖବର ଶୁଣି ଏକ ଶୋକାକୁଳ ପରିବେଶ ମଧ୍ୟରେ ଦିବଂଗତ ଙ୍କ ଦେହାନ୍ତ ରେ ଏକ ଶୋକ ସଭା ସହିତ ସ୍ମୃତି ଚାରଣ କରାଯାଇଥିଲା । ସ୍ୱର୍ଗତ ପଟ୍ଟନାୟକ ଏକାଧାରରେ ଜଣେ ସମାଜସେବୀ, ନିଷ୍ଠାପର, ଆଧ୍ୟାତ୍ମିକ ଚିନ୍ତାଧାରା କର୍ତ୍ତବ୍ୟ ପରାୟଣ ଏବଂ ଅତ୍ୟନ୍ତ ମେଳାପି ବ୍ୟକ୍ତି ଥିଲେ। ସେ ବହୁତ ଦିନ ଧରି ଓମ୍ ଶାନ୍ତି ଅନୁଷ୍ଠାନ ସହିତ ମଧ୍ୟ ଜଡିତ ଥିଲେ। ସ୍ୱର୍ଗତ ଅସିମ ପଟ୍ଟନାୟକ ଜିଲ୍ଲାର ବିଭିନ୍ନ ତହସିଲ, ବ୍ଲକ ଓ ଜିଲ୍ଲା କାର୍ଯ୍ୟାଳୟ ରେ କାର୍ଯ୍ୟ କରୁଥିବା ସମୟରେ ସମସ୍ତଙ୍କ ପ୍ରିୟ ପାତ୍ର ହୋଇ ପାରିଥିଲେ । ଏହି ଶୋକ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ସାହୁ, ସୁରେଶ ପଟନାୟକ, ସୌରଭ ଦାଶ, ମନୋଜ ପଣ୍ଡା, ଜିତେନ୍ଦ୍ର ଚୌଧୁରୀ, ପ୍ରଣତି ମାଝୀ, ସତ୍ୟନାରାୟଣ ସାହୁ, ଗଗନ ଚୌହାନ, ଯୁବଲ ନିକେତନ ହରିଜନ, ଶିବ କେଶବ ବ୍ରହ୍ମା, ସଂଜୀବ ପଣ୍ଡା, କବିତା ବ୍ରହ୍ମା, ରାମଚନ୍ଦ୍ର ରଘୁ ମଣ୍ଡଳ, ଜଗନ୍ନାଥ ମହାପାତ୍ର, ମୀରା ପଣ୍ଡା, ବୁଛି ପତ୍ରାଣି, ରମ୍ଭା ବିଷୋଇ, ସୁବାଶ ସାହୁ, ତୃପ୍ତି ପଟନାୟକ, ବବିତ ପରିଛା, ସରୋଜିନି ଦାଶ, ସହକାରୀ ଜିଲ୍ଲାପାଳ ଆଶୁତୋଷ ପାତ୍ର, ହେମନ୍ତ ଶୌରା, ଅଶ୍ୱିନ ମାଝୀ, ବିନାୟକ ଖାଡ଼ଙ୍ଗା, ଶିବଶଙ୍କର ପାଢି, ବିଶ୍ ମୋହନ ଭୁକ୍ତା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ସ୍ୱର୍ଗତ ପଟ୍ଟନାୟକ ଙ୍କ ବିୟୋଗ ରେ ଜିଲ୍ଲାର ବିଭନ୍ନ କାର୍ଯ୍ୟାଳୟରେ ମଧ୍ୟ ଅନୁରୂପ ଭାବେ ଶୋକସଭା ଅନୁଷ୍ଠିତ ହୋଇଯାଇଛି ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଜନଶୁଣାଣି

କୋଇଡା (ମହାଭାରତ) : ସୁନ୍ଦରଗଡ ଜିଲ୍ଲା କୋଇଡା ବ୍ଲକ ସଭା ଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଅନୁଷ୍ଠିତ ହୋଇଯାଛି । ଏହି ଶୁଣାଣୀରେ ସୁନ୍ଦରଗଡ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲାପରିଷଦଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁରଞ୍ଜନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଜନ ସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣାଣି କରିବା ସହିତ ପ୍ରତ୍ୟକ୍ଷରେ ପାଞ୍ଚ ଗୋଟି ଅଭିଯୋଗର ବିଚାର କରି ସମାଧାନ କରିଥିଲେ। ଏହି ଜନଶୁଣାଣୀରେ ମୋଟ ୭୭ଗୋଟି ଅଭିଯୋଗ ହୋଇଥିବା ବେଳେ ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୨୯ ଗୋଟି ଓ ଦଳଗତ ଭାବେ ୪୮ଗୋଟି ଅଭିଯୋଗ ଆସିଥିଲା । ଦଳଗତ ଅଭିଯୋଗ ମଧ୍ୟରେ ରାସ୍ତା ନିର୍ମାଣ ଓ ମରାମତି , ବିଦ୍ୟାଳୟରେ ହଷ୍ଟେଲ ନିର୍ମାଣ ଓ ମରାମତି, ଷ୍ଟିଟ ଲାଇଟ ର ଆଲୋକି କରଣ, ବିଦ୍ୟାଳୟ ଗୁଡିକରେ ଖାଲି ପଦବୀ ପଡିଥିବା ଶିକ୍ଷକ ନିଯୁକ୍ତି, ଖେଳ



ପଡିଆ, ପାନୀୟ ଜଳର ବ୍ୟବସ୍ଥା ଉପରେ ସାମୁହିକ ଭାବେ ଅଭିଯୋଗ ଆସିଥିଲା ।ଜନଶୁଣାଣୀରେ ବଣାଇ ଉପଜିଲ୍ଲାପାଳ ଅକ୍ଷୟ ପିଲେ, ବଣାଇ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର , କୋଇଡା ବିଡ଼ିଓ ରଶ୍ମିରେଖା ପାତ୍ର , କୋଇଡା ଭାରପ୍ରାପ୍ତ ତହସିଲଦାର ଆଶିଷ ରଞ୍ଜନ ରାଉତଙ୍କ ସମେତ ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

# ନ୍ୟାର୍ଯ୍ୟ ଦାବି ନେଇ ୩୫ ଦିନରେ ଭୂତୁଡା ପଞ୍ଚାୟତ ବାସୀଙ୍କ ଗଣଧାରଣା

## ଦାବି ପୂରଣ ନହେଲେ ରାଜ ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ

ସୁନ୍ଦରଗଡ(ମହାଭାରତ): ସୁନ୍ଦରଗଡ ଜିଲ୍ଲା ଲହୁଣିପଡ଼ା ବ୍ଲକ ଭୂତୁଡା ପଞ୍ଚାୟତ ସ୍ଥିତ ଓ ଏମ ସି କୁର୍ମି□ର ଖଣି କୁ ନେଇ ଏବେ ଦିନକୁ ଦିନ ଉଠୁଛି ଜନ ଅସନ୍ତୋଷ । ଓ ଏମ ସି କୁର୍ମି□ର କମ୍ପାନୀ ବାର୍ଷିକ ଖଣି ଖନନ ୩ ମିଲିଅନ ଟନରୁ ୬ ମିଲିନ ଟନ କୁ ବୃଦ୍ଧି ଜନ ସୁଣାଣୀରେ କମ୍ପାନୀମାଳ ମାଳ ପ୍ରତିଶ୍ରୁତି ଦେଇ ଲୋକଙ୍କର ଜମି, ଜଳ ଓ ଜଙ୍ଗଲ ନେଲା ହେଲେ ପ୍ରତି ବଦଳରେ ଲୋକଙ୍କୁ ଆବଡା ଖାବଡ଼ା ରାସ୍ତା, ଧୂଳି ଧୂଆଁ ଓ ଛାତି ଥରା ଦୁର୍ଘଟଣା ଛଡା କିଛି ବି ଦେଇନି । ପାଖରେ ଓ ଏମ ସି ଭଳି କୁବେର କମ୍ପାନୀ ଥାଇ ଅଜି ବି ଶିକ୍ଷିତ ଯୁବକ ଯୁବତୀ କାମ ଖଣ୍ଡେ ନ ପାଇ ଦାଦନ ଯିବାକୁ ବାଧ ହେଉଛନ୍ତି। ଭାରତ ବର୍ଷ ଚନ୍ଦ୍ର ପୃଷ୍ଠରେ ଅବତରଣ କରି ସାରିଥିବା ବେଳେ ଭୂତୁଡା ପଞ୍ଚାୟତ ଅନେକ ଗାଁ କୁ ଅଜିବି ପକ୍କା ରାସ୍ତା ନାହିଁ । ଖଣିର ଲୁହା ଗୁଣ୍ଡରେ ଝରଣା ଶୁଖିବାକୁ ବସିଥିବା ବେଳେ ସ୍ୱଚ୍ଛ ପାନୀୟ ଜଳ ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେପଟେ ବିଜୁଳି ବତୀ କଥା ତ ନକହିବା ଭଲ, ବିଦ୍ୟୁତ ମିଟର ଲାଗିଛି ସତ ହେଲେ ମାସ ମାସ ଯାଏଁ ବିଜୁଳିର ଦେଖା ମିଳେନି ।ଯାହାକୁ ନେଇ ଭୂତୁଡା ପଂଚାୟତର ଅର୍ଥନୈତିକ ସୁଦୃଢ ଓ ସର୍ବାଙ୍ଗୀନ ଉନ୍ନତିକୁ ବିଚାରକୁ ନେଇ ଗତ ୨୦୨୩ ସେପ୍ଟେମ୍ବର ୨୨ ତାରିଖରେ ସମଗ୍ର ପଞ୍ଚାୟତ ବାସୀଙ୍କୁ ନେଇ ସରପଞ୍ଚ ବାସନ୍ତୀ ମୁଣ୍ଡାଙ୍କ ଅଧକ୍ଷତାରେ ଓ ସମସ୍ତ ୱାର୍ଡ ସଭ୍ୟ ସଭ୍ୟାଙ୍କ ଉପସ୍ଥିତିରେ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା । ଗ୍ରାମସଭା ନିଷ୍ପତି ଅନୁଯାୟୀ ଭୂତୁଡା ପଂଚାୟତ ସ୍ଥିତ ଓ ଏମ ସି ଖଣିରେ ହେଉଥିବା ସମସ୍ତ କାର୍ଯ୍ୟ ରେ ଲୋକଙ୍କୁ ନିୟୋଜିତ କରାଯିବା, ଦକ୍ଷତା ଅନୁଯାୟୀ କର୍ମନିଯୁକ୍ତି



ସହିତ ଖଣିରେ ଚାଲୁଥିବା ପରିବହନ, ଲୋଡିଙ୍ଗ ଏବଂ ରେଜିଙ୍ଗ କାମରେ ପଚାଶ ପ୍ରତିଶତ କାମ ପଞ୍ଚାୟତ ବାସୀଙ୍କୁ ଦିଆ ଯିବାର ଗ୍ରାମ ସଭାରେ ନିଷ୍ପତି ନିଆଗଲା । ଯାହାକୁ ନେଇ ସରପଞ୍ଚ ବାସନ୍ତୀ ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ସମଗ୍ର ପଞ୍ଚାୟତ ବାସୀ ଏକ ବିରାଟ ରାଲି ମାଧ୍ୟମରେ ଓ ଏମ ସି ଖଣି କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଙ୍କୁ ଦାବି ପତ୍ର ଦେଲେ । ଏହାରି ଭିତରେ ଆଜକୁ ପ୍ରାୟ ଦେଢ ବର୍ଷ ବିତିଗଲାଣି କିନ୍ତୁ ଆଜି ହେବ କାଲି ହେବ କହି ଦିନ ପରେ ଦିନ ଗଡାଇ ଚାଲିଲେ ଖଣି କର୍ତ୍ତୃପକ୍ଷ କିନ୍ତୁ ଅଜି ଯାଏଁ ତାର କୌଣସି ସମାଧାନ କରାଗଲା ନାହିଁ ।ଯାହାକୁ ନେଇ ବାଧ ହୋଇ ଆନ୍ଦୋଳନର ରାସ୍ତା ବାଛି ନେଇଛନ୍ତି ଭୂତୁଡା ପଂଚାୟତ ବାସୀ । ଚଳିତ ବର୍ଷ ଜାନୁଆରୀ ୬ ତାରିଖରୁ ଓ ଏମ ସି ଖଣି ସମ୍ମୁଖରେ ନିଜର ହକ ଓ ସ୍ୱାଭିମାନର ଦାବି କୁ ନେଇ ଆଜକୁ ପ୍ରାୟ ୩୫ ଦିନ ହେଲା ଭୂତୁଡା ପଞ୍ଚାୟତ ବିକାଶ କମିଟିର ସଭାପତି ରଞ୍ଜିତ ପାତ୍ର, ଶାନ୍ତନୁ କେରକେଟ୍ଟା, କିରଣ କଣ୍ଡୁଲାନା, ରୋହିଦାଶ ଲୁହୁରା, ସବର ଗିରି, ବିଷ୍ଣୁ ପାତ୍ର ଓ ଶତାଧିକ ଗ୍ରାମବାସୀ ଧାରଣାରେ ବସିରହିଛନ୍ତି । ତେବେ ଆଗାମୀ ଦିନରେ ଖଣି କର୍ତ୍ତୃପକ୍ଷ ଓ ଦାବି ପୂରଣ ନକରନ୍ତି ତେବେ ଓ ଏମ ସି ଖଣିକୁ ବନ୍ଦ କରିବା ସହିତ ରାଜା ରାସ୍ତାକୁ ଓଲହାଇବା ପାଇଁ ଚେତାବନୀ ଦେଇଛନ୍ତି ଗ୍ରାମବାସୀ ।

## ଭାଲୁ ଘଉଡାଇବା ନେଇ ଫରେଷ୍ଟର ଓ ସାମ୍ବାଦିକ ହାତାହାତି, ଥାନାରେ ମାମଲା

କଳାହାଣ୍ଡି/ମହାଭାରତ୍ୟ ଭବାନୀପାଟଣା, : ଦକ୍ଷିଣ ବନଖଣ୍ଡ ଧର୍ମଗଡ଼ ରେଞ୍ଜ ଆମପାଣି ଫରେଷ୍ଟର ସେକ୍ସନ ର ଫରେଷ୍ଟର ଚି□ରଞ୍ଜନ ବେହେରା ଓ ଜଣେ ଗଣମାଧ୍ୟମ ପ୍ରତିନିଧି ଙ୍କ ମଧ୍ୟରେ ଭାଲୁ ଘଉଡାଇବା ପାଇଁ ଯୁକ୍ତିଯୁକ୍ତ ସହ ହାତାହାତି ହୋଇଥିବା ବେଳେ ଫରେଷ୍ଟର ଚିତ୍ତରଞ୍ଜନ ବେହେରା ଆମପାଣି ଥାନାରେ ସାମ୍ବାଦିକ ତ୍ରିଲୋକ୍ୟ ବେଶ୍ରା ଙ୍କ ନାଁରେ ମାମଲା ରୁଜୁ କରିଛନ୍ତି। ପରେ ସାମ୍ବାଦିକ ତ୍ରିଲୋକ୍ୟ ବେଶ୍ରା ମଧ୍ୟ ଫରେଷ୍ଟର ଙ୍କ ବିରୋଧରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ସୂଚନା ମତେ ସୋମବାର କୋକସରା ବ୍ଲକ କାଉଡୋଳା ଗ୍ରାମ ର ଜନବସତି କୁ ପାଖ ଜଙ୍ଗଲ ରୁ ଏକ ଭାଲୁ ଆସିଥିବା ବେଳେ ସ୍ଥାନୀୟ ଗ୍ରାମବାସୀମାନେ ଏନେଇ ଆତଙ୍କିତ ହୋଇ ପଡ଼ିଥିଲେ। ଭାଲୁ ଟି ଦିର୍ଘ ସମୟ ଧରି ହରିଜନ ପଡା ନିକଟରେ ଥିବା ବେଳେ ଏନେଇ ସାମ୍ବାଦିକ ବେଶ୍ରା ସ୍ଥାନୀୟ ଆମପାଣି ଫରେଷ୍ଟର ବେହେରା ଙ୍କୁ ମୋବାଇଲରେ ଯୋଗାଯୋଗ କରି ଶୀଘ୍ର ଟିମ ନେଇ ଭାଲୁ କୁ ଘଉଡାଇବା କୁ କହିଥିଲେ। ତେବେ ବିଳମ୍ବ ହେବାରୁ ଜିଲ୍ଲା ଦକ୍ଷିଣ ବନଖଣ୍ଡ ଅଧିକାରୀ ଙ୍କୁ ମଧ୍ୟ ବିଭାଗୀୟ ଅଧିକାରୀ ଙ୍କ ଅବହେଳା କୁ ନେଇ ଅଭିଯୋଗ କରିଥିଲେ। ତେବେ ଘଟଣା ର ଦିର୍ଘ ୩/୪ ଘଣ୍ଟା ପରେ ଫରେଷ୍ଟର ସଦଳବଳ ଆସିଥିବା ବେଳେ ଏତେ ବିଳମ୍ବରେ କାହିଁକି ଆସିଲେ ବୋଲି ସାମ୍ବାଦିକ ପ୍ରଶ୍ନ କରିବା ସହ ଫରେଷ୍ଟର ଙ୍କ ପ୍ରତିକ୍ରିୟା ମୋବାଇଲରେ ରେକର୍ଡ କରୁଥିବା ଦେଖି ଫରେଷ୍ଟର ଉତ୍ତେଜିତ ହୋଇ ସାମ୍ବାଦିକ ଙ୍କ ମୋବାଇଲ ଛଡାଇ ନେବାକୁ ଚେଷ୍ଟା କରିଥିଲେ। ଏହି ଘଟଣା କୁ ନେଇ ଉଭୟ ଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଫରେଷ୍ଟର ଆମପାଣି ଥାନାରେ ସାମ୍ବାଦିକ ଙ୍କ ନାଁରେ ଅଭିଯୋଗ ସହ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ପରେ ସାମ୍ବାଦିକ ମଧ୍ୟ ଫରେଷ୍ଟର ଙ୍କ ନାଁରେ ଲିଖିତ ଅଭିଯୋଗ କରିଛନ୍ତି।ଏହି ଘଟଣା କୁ ନେଇ କଳାହାଣ୍ଡି ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ କୋକସରା ବ୍ଲକ ସଙ୍ଘ ପକ୍ଷରୁ ବନ ବିଭାଗ ଅଧିକାରୀ ଙ୍କ ଜଣେ ଖବର ସଂଗ୍ରହ କରୁଥିବା ଗଣମାଧ୍ୟମ ପ୍ରତିନିଧି ଙ୍କୁ ଆକ୍ରମଣ ଘଟଣା କୁ ଦୃଢ଼ ନିନ୍ଦା କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି।

## ଧାନମିଲ ଗୁମାସ୍ତାଙ୍କ ମାଡ଼ରେ ଲହୁ ଲୁହାଣ ହେଲେ ସମିତି ସଭ୍ୟ

ଆସିକା /ଧରାକୋଟ(ମହାଭାରତ): ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ମୁଣ୍ଡମରେଇ ରାଜଲକ୍ଷ୍ମୀ ରାଇସ ମିଲ ଗୁମାସ୍ତାଙ୍କ ଗୁଣ୍ଡା ଗିରି । ମିଲକୁ ଚାଷୀର ଧାନ ନେଇ ଯାଇଥିବା ଜଗମୋହନ ପଞ୍ଚାୟତର ସମିତି ସଭ୍ୟଙ୍କ ଉପରେ ଆକ୍ରମଣ। ଏନେଇ ସମିତି ସଭ୍ୟ ଙ୍କ ପକ୍ଷରୁ ଧରାକୋଟ ଥାନାରେ ଲିଖିତ ଅଭିଯୋଗ। ପ୍ରକାଶ ଥାଉକି ଜଗମୋହନ ପଞ୍ଚାୟତର ସମିତି ସଭ୍ୟ ବିଭୂତି ଭୂଷଣ ବେର୍ତ୍ତା ଗତ କାଲି ପିକଅପ୍ ଭେନ୍ ରେ ଜଣେ ଚାଷୀଙ୍କ ଧାନ ନେଇ ରାଜଲକ୍ଷ୍ମୀ ରାଇସ ମିଲକୁ ଯାଇଥିଲେ । ମିଲର ଗୁମସ୍ତା ଦେବ ଗୌଡ଼ ରେଜିଷ୍ଟି ରେ ୨୮ ନମ୍ବରରେ ଧାନ ରଖିବା ପାଇଁ ଲେଖି ପରବର୍ତ୍ତୀ ଦିନ ଆସିବାକୁ କହିଥିଲେ ।ହେଲେ ଆଜି ସକାଳେ ସମିତି ସଭ୍ୟ ମିଲକୁ ଯାଇଥିଲେ । ଲିଷ୍ଟିର ନମ୍ବ୍ୱର ଅନୁସାରେ ଧାନ ଗାଡ଼ିରୁ ଓହ୍ଲେଇବାକୁ କହିବାରୁ ଗୁମସ୍ତା ଦେବ ଗୌଡ଼ ସମିତି ସଭ୍ୟଙ୍କୁ ଆକ୍ରମଣ କରିବା ସହ ତିନି ଚାରି ଜଣ ଲେବରକୁ ନେଇ ତାଙ୍କୁ ମାଡ ମାରିଥିଲେ । ମାଡ ମାରିବା ଫଳରେ ସମିତି ସଭ୍ୟଙ୍କ ଆଖି ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲାଏବଂ ଯଦି ଏହି ବିଷୟରେ କାହାକୁ କହିବୁ ତେବେ ତୋତେ ଜୀବନରୁ ମାରିଦେବୁ ବୋଲି କହି ଧମକ ଦେଇଛନ୍ତି। ଏନେଇ ସମିତି ସଭ୍ୟ ଜଣଙ୍କ ଧରାକୋଟ ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି । ପ୍ରକାଶ ଥାଉକି ସମିତି ସଭ୍ୟଙ୍କ କହିବା ଅନୁଯାଇ ଉକ୍ତ ମିଲର ଜଣଙ୍କ ଧାନ ରୁ କୁଇଣ୍ଟାଲ ପିଛା ୫କିଲୋ ରୁ ୧୫କିଲୋ ପର୍ଯ୍ୟନ୍ତ ଧାନ କଟଣି କରି ଧାନ ରଖୁଛନ୍ତି ତା ସହ ଧାନ ଗମ ହୋଇଛି କହି ଅଧିକାଂଶ ଚାଷୀଙ୍କ ଧାନ କୁ କମ ଦରରେ ରଖୁଛନ୍ତି।ଧରାକୋଟରେ ମଣ୍ଡି ଓ ମିଲର ମାନେ ଚାଷୀଙ୍କ ଭଲ ଧାନକୁ ଖରାପ ଧାନ କହି କମ୍ ଦାମରେ ଧାନ ବିକ୍ରି କରିବାକୁ ବାଧ କରୁଥିବାର ଭିଡିଓ ଭାଇରାଲ ହୋଇଥିଲା । ତେବେ ଧରାକୋଟରେ ଦିନକୁ ଦିନ ମିଲର ମାନେ ଚାଷୀଙ୍କ ଉପରେ ମନମାନି କରୁଥିବା ବେଳେ ଚାଷୀ ମାନେ ହଇରାଣ ହେଉଛନ୍ତି । ଆଉ ଏସବୁ ଜାଣିଶୁଣି ପ୍ରଶାସନ ମଧ୍ୟ ନୀରବ ରହୁଛି ।

## ଦ୍ୱିତୀୟ ମା ଭୁ ବାସିନୀ ମହୋତ୍ସବ ପାଇଁ ସାମ୍ବାଦିକ ସମ୍ମିଳନୀ

ବାଲିପାଟଣା:( ମହାଭାରତ)ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ ଅନ୍ତର୍ଗତ ପମ୍ପାଲ ପଞ୍ଚାୟତରେ ଥିବା ମା ଭୁ ବାସିନୀ ମନ୍ଦିରରଐତିହ୍ୟ ସମ୍ପନ୍ନ କୁଳନ୍ତିରା ବାଗିଲ ଗ୍ରାମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆୟୋଜିତ ହେବାକୁ ଯାଉଛି ଏହି ମହାର୍ଘ୍ୟ ଉତ୍ସବ । ଏହି ମହୋତ୍ସବ ମାର୍ଚ୍ଚ ୨ ଏବଂ ୩ ଦୁଇ ଦିନ ଧରି ଅନୁଷ୍ଠିତ ହେବବୋଲିମା ଭୁ ବାସିନୀ ଚାରି ଟେବୁଲ୍ ଟ୍ରଷ୍ଟର ଅଧକ୍ଷ. ପ୍ରିୟଞ୍ଜନ ସ୍ୱାଇଁ ଆଜି ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଛନ୍ତି। ଜୟଦେବ ନିର୍ବାଚନ ମଣ୍ଡଳୀର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ମା ଭୁ ବାସିନୀ ଚାରି ଟେବୁଲ୍ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ଯୁବ ସମାଜସେବୀ ପ୍ରିୟଞ୍ଜନ୍ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି । ଏହା କେବଳ ଏକ ଉତ୍ସବ ନୁହେଁ ଆମ ଓଡ଼ିଶାର ଐତିହ୍ୟ , ପରମ୍ପରା , ଅସ୍ମିତା , କଳା , ସଂସ୍କୃତି , ପରିଚୟକୁ ଉଜ୍ଜୀବିତ ରଖିବା ଉନ୍ମୁକ୍ତ କରିବା ନିମନ୍ତେ ମା ଭୁ ବାସିନୀ ଚାରି ଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଏହା ଏକ ପ୍ରୟାସ ଏକ ବିଦ୍ରାହ ରାଜ୍ୟର ଅନେକ ବିଶିଷ୍ଟ ଖ୍ୟାତି ସଂପନ୍ନ ବ୍ୟକ୍ତିବିଶେଷ ମାନେ ଏହି ମହୋତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ରଙ୍ଗାରଙ୍ଗ ଉତ୍ସବର ପ୍ରଥମ ଦିବସରେ ଓଡ଼ିଶୀ , ସମ୍ବଲପୁରୀ, ଭଜନ ସମାରୋହ ଦ୍ୱାରା ଦର୍ଶକଙ୍କ ମନ ମୋହିବେ ଭୁବନେଶ୍ୱରର କଳାକାର ମାନେ ଏହାପରେ ବିଭିନ୍ନ ସମରକଳା ଓ ଆତ୍ମରକ୍ଷା କୌଶଳ ପଦର୍ଶନ କରି ଦର୍ଶକଙ୍କୁ ଭେଟି ଦେବେ କଳାକାର ମାନେ ଓ ପରେ ପରେ ରାଜୁ ଦାସ( ସାହୁ ବାବୁ)ଙ୍କ କମେଡି ଏହାସହିତ ଜଟଣୀ ଖୋର୍ଦ୍ଧାରୁ ଆସିଥିବା ନୂପୁର ଧ୍ୱନି ଅନୁଷ୍ଠାନର କଳାକାରଙ୍କ ମାନଙ୍କ ଦ୍ୱାରା ପ୍ରଦର୍ଶିତ ହେବ ଆଦିବାସୀ ଓ ଢେମସା ନୃତ୍ୟ ସେହିପରି ଦ୍ୱିତୀୟ ଦିନରେ ଓଲିଉଡ ଜଗତର ଅଭିନେତା ସମ୍ବିତ,କଣ୍ଠଶିଳ୍ପୀ ଲିନା,,ଯୋଗ ଦେବା ସହ ଶୀତୁଆ ସନ୍ଧ୍ୟା ରେ ଦର୍ଶକ ମାନଙ୍କୁ ବିମୋହିତ କରିବେ. ଏହା ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ବ୍ୟକ୍ତି ବିଶେଷଙ୍କୁ ଆମ ଗାଁ ଆମ ସମ୍ମାନ ପ୍ରଦାନ କରାଯିବ ।ଅନ୍ୟ ମାନଙ୍କ ମଧ୍ୟରେ ଉପଦେଷ୍ଟା.ପ୍ରଦୀପ ଭୋଳ,ଜୀବନ ଜ୍ୟୋତି ପଣ୍ଡା,ପ୍ରଶାନ୍ତ ଭୋଳ,ଶଙ୍କର ଭୋଳ,ଅକ୍ଷୟ ଭୋଳ,ତୋଫାନ ଭୋଳ,ପ୍ରତାପ ସ୍ୱାଇଁ,ପ୍ରଳୟ ଭୋଳ,ଆଲୋକ ରଞ୍ଜନ ଭୋଳ ଓ ଯୁବ ସାମ୍ବାଦିକ ବା ଶିଶୁ ଅନନ୍ତ ପ୍ରେସ କ୍ଲବ ସଭାପତି ବିଦ୍ୟା ଭୂଷଣ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡିଶା ଆମେଚର ଟାଇକୋଣ୍ଡ ଏସ ଏମ ଏସ ଏକାଡେମୀ ତରଫରୁ କଲର ବେଲ୍ଟ ପରୀକ୍ଷା

କଣିହାଁ ବ୍ଲକ(ମହାଭାରତ) :ଓଡିଶା ଆମେଚର ଟାଇକୋଣ୍ଡ ଏସ ଏମ ଏସ ଏକାଡେମୀ ତରଫରୁ କଲର ବେଲ୍ଟ ପରୀକ୍ଷା ସମ୍ପୂର୍ଣ୍ଣ ହୋଇଥିବା ସହିତ ଏବଂ କୁକ୍କୀ ୱାନ ସାଉଥକରିଆ ୪ତମ ଡନ ବ୍ଲାକ ବେଲ୍ଟ ମାଷ୍ଟର ଅନିଲ କୁମାର ରାଉଳ ,୨ତମ ଡନ ଶ୍ରୀଦେବୀ ପ୍ରଧାନ ଉତ୍ତୀର୍ଣ୍ଣ ହୋଇଛନ୍ତି। ୯ ଫେବୃଆରୀ ୨୦୨୫ ଏନ ଟି ପି ସି କଣିହାଁ ସ୍ଥିତ ରଙ୍ଗବେଡା ଏସ ଏମ ଏସ ଏକାଡେମୀ ତରଫରୁ ଶିବ ପାର୍ବତୀ ପାର୍କ ଠାରେ ଆୟୋଜନ ହୋଇଥିଲା ୪୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇ ଥିବା ସହିତ ଏକାଡେମି ତରଫରୁ ମାଷ୍ଟର ସୁଧାଂଶୁ ପଣ୍ଡା ପରୀକ୍ଷା ପରିଚାଳନା କରିଥିଲେ ଏବଂ ରାକେଶ କୁମାର ନାଏକ ସହଯୋଗ କରିଥଲେ, ମୁଖ୍ୟ ଅତିଥି ଭାବରେ ଏସ ଏମ ଏସ ଏକାଡେମୀର ପ୍ରତିଷ୍ଠାତା ମାନଗୋବିନ୍ଦ ରାଉଳ, ବରିଷ୍ଠ ସମ୍ବାଦ ଦାତା ରଞ୍ଜନ ମିଶ୍ର ଏବଂ ସମାଜ ସେବୀ ମାନସ ପ୍ରଧାନ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ଏବଂ ଲ୍ଟେ ପ୍ରଦାନ କରିଥିଲେ।

# ବିଞ୍ଝୁଆରେ ଭବ୍ୟ ଶ୍ରୀ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ଶୁଭାରମ୍ଭ

ରାଇରଙ୍ଗପୁର(ମହାଭାରତ): ମୟୂରଭଞ୍ଜ ଜିଲ୍ଲାର ବହଳଦା ବ୍ଲକର ଐତିହାସିକ ଗ୍ରାମ ତଥା ଟସର ଗ୍ରାମରେ ପରିଚିତ ବିଞ୍ଝୁଆ ଗ୍ରାମରେ ଗ୍ରାମବାସୀ ଏବଂ ଅଂଚଳ ବାସୀଙ୍କ ସହଯୋଗରେ ୧୯୯୨ ମସିହାରୁ ସଂକଳ୍ପ ନେଇଥିବା ବହୁ ପ୍ରତିକ୍ଷିତ ନବ ନିର୍ମିତ ଶ୍ରୀ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ମାଘ ଶୁକ୍ଲପକ୍ଷ ନବମୀ ତିଥିର ( ଗୁରୁବାର ଠାରୁ) ଆରମ୍ଭ ହୋଇ ୧୦ ତାରିଖ ( ସୋମବାର) ପର୍ଯ୍ୟନ୍ତ ଚାଲୁ ରହିବ ।ଏଥି ଲାଗି ଶ୍ରୀରାମ ମନ୍ଦିର କମିଟି ବିଞ୍ଝୁଆ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଗାଁ, ରାସ୍ତା,ଘର ଦ୍ୱାର ଗୋବର ଦେଇ ଲିପା ପୋଛା ହାଫ୍ ସୁତୁରା କରା ଯାଇଛି । ଚାରିଆଡେ ତୋରଣ, ଆଲୋକସଜ୍ଜା,ଶ୍ରୀ ରାମ ପତକା ଲଗା ଯାଇ ସଂପୂର୍ଣ୍ଣ ରାମମୟ ପରିବେଶ କରା ଯାଇଛି ଝିଞ୍ଝୁଆ ପାଲଟିଛି ଛୋଟିଆ ଅଯୋଧ୍ୟା ଗ୍ରାମ । ସମସ୍ତେ ଚଳ ଚଞ୍ଚଳ ।ଗାଁର ଆବାଳ ବୃଦ୍ଧ ବନିତା ସମସ୍ତେ ଘରକାମ ଛାଡି ଲାଗି ପଡିଛନ୍ତି ଉତ୍ସବକୁ ପୁର୍ଣ୍ଣ ମାତ୍ରାରେ ସଫଳ କରିବା ପାଇଁ । ମନ୍ଦିର କୁ ଫୁଲମାଳ,ପୁଷ୍ପରେ ସୁସଜ୍ଜିତ କରାଯାଇଛି ।ଗୁରୁବାର ଠାରୁ ପୂଜାର୍ଚ୍ଚନା ଆରମ୍ଭ ହୋଇଯାଇଛି ।ଟାଟା ନଗର ରୁ ବିଶିଷ୍ଟ ପଣ୍ଡିତ ଓ ପୂଜକ ଆସି ପୂଜାର୍ଚ୍ଚନା ଆରମ୍ଭ କରିଛନ୍ତି ।ପ୍ରଥମେ ସେମାନେ ପୂଜାର୍ଚ୍ଚନା ସହ ଶ୍ରୀରାମ,ଲକ୍ଷ୍ମଣ,ସୀତା ଦେୀ,ବୀର ହନୁମାନ ବିଗ୍ରହକୁ ଜଳ ଲାଗି,କ୍ଷୀର ଲାଗି,ମହୁ ଲାଗି,ଗୋବର ଲାଗି,ପଞ୍ଚାମୃତରେ ସ୍ନାନ କରାଇଥିଲେ ।ପରେ ଚକ୍ଷୁ ବନ୍ଧନ ଏବଂ ଚକ୍ଷୁ ରେ କପଡା ବନ୍ଧନ କରିଥିଲେ ।ପରେ ଶିବଲିଙ୍ଗ ସ୍ନାନ ଏବଂ ପୂଜନ କରାଯାଇଥିଲା ।ପରେ ହବନ ଓ ଯଜ୍ଞ କରାଯାଇଥିଲା ।ଏଥିରେ ପୂଜକ ଆଚାର୍ଯ୍ୟ ପଣ୍ଡିତ ନବୀନ ଶାସ୍ତ୍ରୀ,କଲ୍ୟାଣ ଜୀ, ବଜରଙ୍ଗ ଜୀ, ପଙ୍କଜ ଜୀ, ମଧୁସୂଦନ ଜୀ, ସୁକାନ୍ତ ପତି ପ୍ରମୁଖ ପୂଜନ କରିଥିଲେ ।କର୍ତ୍ତା ଭାବେ ଗୋପାଳ ଭୂତ ତାଙ୍କ ସହଧର୍ମିଣୀ ମାଳିକା ଭୂତ,ଦୀପକ ଗଡଦିଆ ଏବଂ ତାଙ୍କ ସହଧର୍ମିଣୀ ସୁରଭି ଗଡଦିଆ ଏବଂ ମହେନ୍ଦ୍ର ସାହୁ ଏବଂ ତାଙ୍କ ପତ୍ନୀ ସୁଦାମା ସାହୁ ଉପଶେନରେ ବସିଥିଲେ । ଏଥିରେ ପ୍ରଥମ ଦିନରେ ସବୁ ଦେବ।ଦେବୀଙ୍କ ପୂଜନ,ଶ୍ରୀରାମ ପରିବାର ପୂଜନ, ଶୋଡସ ସଂସ୍କାର,ଅଗ୍ନିସ୍ଥାପନ,ଅଗ୍ନି ଉତ୍ତରଣ,ଜଳ ଅଧିବାସ,ପୁଷ୍ପ



ଅଧିବାସ,ଫଳ ଅଧିବାସ,ଅନ୍ନ ଅଧିବାସ, ମୂର୍ତ୍ତି ଶୟନ କରାଯାଇଥିଲା । ଶୁକ୍ରବାର ଦିନ ଦେବତା ପୂଜନ ଓ କଳଶ ଯାତ୍ରା, ଶନିବାର ଦିନ ଜଳାଧିବାସ,ପୁଷ୍ପା ନିବାସ,ଅନ୍ତାଧିବାସ( ଦୀପ ଯଜ୍ଞ) କରାଯିବ । ରବିବାର ଦିନ ମହା ସ୍ନାନ, ଶୋଭାଯାତ୍ରା,ନଗର କୀର୍ତ୍ତନ,ଘୃତଯଜ୍ଞ କରାଯିବ ଏବଂ ଅନ୍ତିମ ଦିନ ସୋମବାର ଦିନ ପୂର୍ଣ୍ଣାହୁତି ଦିନ ୧୦ ଘଟିବାରୁ ୧୧.୧୫ ମିନିଟ ମଧ୍ୟରେ କରାଯିବ ଏବଂ ମଧ୍ୟାହ୍ନରେ ଅନ୍ନ ଯଜ୍ଞ ପ୍ରସାଦ ସେବନ କରାଯିବ ବୋଲି କମିଟିର ସଭାପତି ଜୟନ୍ତ ମହାପାତ୍ର ଏବଂ ସଂପାଦକ ବିଜୟ ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଶୁକ୍ରବାର ଦିନ ଗ୍ରାମ୍ୟ ପୁଷ୍କରିଣୀ ତୋଠରେ ପୂଜନ କାର୍ଯ୍ୟ ହେବା ସହ ୨୫୦ ରୁ ଉର୍ଦ୍ଧ୍ୱ ମହିଳା ଶ୍ରଦ୍ଧାଳୁମାନେ ନବ ବସ୍ତ୍ର ପରିଧାନ କରି କଳଶ ରେ ପୂର୍ଣ୍ଣ ଜଳ ଆଣି ଗ୍ରାମ୍ୟ ପରିକ୍ରମା କରି ମନ୍ଦିରକୁ ଜଳଲାଗି କରିଥିଲେ । ବୃନ୍ଦାବନର ଶ୍ରୀ ଚୈତନ୍ୟ ଭାରତୀ ଆଶ୍ରମର ସ୍ୟ ପୂଜ୍ୟ ବାବାଜୀ ସନତ ସୁଜାତା ନନ୍ଦ ଦାସ ମହାରାଜ,ବୃନ୍ଦାବନର ସ୍ୟ ଚରଣାଶ୍ରୀତ ପୂଜ୍ୟ ଶ୍ରୀ ଦୀନବନ୍ଧୁ ଦାସଜୀ ମହାରାଜ ଏବଂ ବୃନ୍ଦାବନର ପୂଜ୍ୟ ଦୟାନିଧି ମହାରାଜଙ୍କ କର ଅମଳରେ ପ୍ରଭୁ ଶ୍ରୀ ରାମଚନ୍ଦ୍ର ଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ ବିଞ୍ଝୁଆ ଗ୍ରାମର ପରିବେଶ ରାମମୟ ହୋଇ ପଡ଼ିଛି ।ଚାରିଆଡେ ଶ୍ରୀରାମ ଭକ୍ତି ସଙ୍ଗୀତ ରେ ଉଛୁଳି ପଡୁଛି । ବିଞ୍ଝୁଆ ଗ୍ରାମକୁ ବହୁ ସଂଖ୍ୟାରେ ଝାଡ଼ଖଣ୍ଡ , ପଶ୍ଚିମବଙ୍ଗ, ଓଡ଼ିଶାର ରାମଭକ୍ତ, ଶ୍ରଦ୍ଧାଳୁ ଙ୍କ ସୁଅ ଛୁଟିଛି ।ସଭାପତି ଓ ସଂପାଦକ ସମସ୍ତେ ବିନମ୍ର ଅନୁରୋଧ କରିଛନ୍ତି କି ବିଞ୍ଝୁଆ ଗ୍ରାମକୁ ଆସନ୍ତୁ ପ୍ରେମମୟ ପୁରୁଷୋ□ମ ଶ୍ରୀରାମଙ୍କ ପୂଜାର୍ଚ୍ଚନା କରନ୍ତୁ ଓ ଆଶୀର୍ବାଦ ନିଅନ୍ତୁ ।

ମହାଭାରତ
ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



## ପ୍ରୟାଗରାଜରେ ୧୬ରୁ ଆନ୍ତର୍ଜାତିକ ପକ୍ଷୀ ମହୋତ୍ସବ

ନୂଆଦିଲ୍ଲୀ,୧୦।୨(ଏଜେନ୍ସି): ଆସନ୍ତା ୧୬ ତାରିଖରୁ ପ୍ରୟାଗରାଜଠାରେ ଆରମ୍ଭ ହେବ ୩ ଦିନିଆ ଆନ୍ତର୍ଜାତିକ ପକ୍ଷୀ ମହୋତ୍ସବ। ମହାକୁମ୍ଭ ୨୦୨୫କୁ ଆସୁଥିବା ଶ୍ରଦ୍ଧାଳୁ ତଥା ପରିଦର୍ଶକମାନଙ୍କ ପାଇଁ ଏହା ଏକ ବିଶେଷ ଆକର୍ଷଣ ହେବ। ସେମାନେ ଏଠାରେ ୨୦୦ ରୁ ଅଧିକ ପ୍ରବାସୀ ଏବଂ ସ୍ଥାନୀୟ ପକ୍ଷୀମାନଙ୍କର ସମାବେଶ ଦେଖିବା ସହ ସେମାନଙ୍କ ସମ୍ପର୍କରେ ବିଶେଷଜ୍ଞଙ୍କଠାରୁ ସିଧାସଳଖ ଜ୍ଞାନ ଆହରଣ କରିବାର ସୁଯୋଗ ପାଇବେ ବୋଲି ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ବିଭାଗ ପକ୍ଷରୁ କୁହାଯାଇଛି।

ପରିବେଶ ସଂରକ୍ଷଣ ଏବଂ ଜୈବ ବିବିଧତାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ, ଏହି କାର୍ଯ୍ୟକ୍ରମ ପ୍ରକୃତି ପ୍ରେମୀ, ପକ୍ଷୀବିଜ୍ଞାନୀ ଏବଂ ଭକ୍ତମାନଙ୍କୁ ବିରଳ ପକ୍ଷୀ ପ୍ରଜାତିଗୁଡ଼ିକୁ ନିରୀକ୍ଷଣ କରିବା ଏବଂ ସେମାନଙ୍କର ସଂରକ୍ଷଣର ଗୁରୁତ୍ୱ ବୁଝିବାପାଇଁ ଏକଅନନ୍ୟ ସୁଯୋଗ ପ୍ରଦାନ କରିବ। ଏହି ଆନ୍ତର୍ଜାତିକ ପକ୍ଷୀ ମହୋତ୍ସବରେ ଆଗନ୍ତୁକମାନେ ପକ୍ଷୀ ସଂରକ୍ଷଣ ବିଷୟରେ ଜ୍ଞାନ ଆହରଣ କରିପାରିବେ। ଅର୍ଥାତ୍ ଏଠାରେ କେବଳ ପକ୍ଷୀମାନଙ୍କ ସମାଗମକୁ ଉପଭୋଗ କରିବେ ନାହିଁ ବରଂ ବିଭିନ୍ନ ପ୍ରତିଯୋଗିତା ଏବଂ ଶିକ୍ଷାଗତ କାର୍ଯ୍ୟକଳାପ ମାଧ୍ୟମରେ ପରସ୍ପର ସହ ଭାବ ଆଦାନପ୍ରଦାନ କରିପାରିବେ। ଏଥିଲାଗି ମହୋତ୍ସବରେ ଫଟୋଗ୍ରାଫି, ଚିତ୍ରକଳା, ସ୍ଲୋଗାନ ଲିଖନ,ବିତର୍କ ଏବଂ କୁଇଜ୍ ପ୍ରତିଯୋଗିତା ପ୍ରଭୃତି ଅନ୍ତର୍ଭୁକ୍ତ କରାଯାଇଛି।

## ବିଭିନ୍ନ ସ୍ଥାନରେ ଦୁର୍ଘଟଣା : ୧୦ ମୃତ

**ଫିରୋଜାବାଦ/ସତନା/ସୋନଭଦ୍ର, ୧୦।୨(ଏଜେନ୍ସି):** ଦେଶର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ଅତିକମ୍‌ରେ ୧୦ ଜଣଙ୍କ ମୃତ୍ୟୁ ଘଟିଛି।

ଫିରୋଜାବାଦ ଜିଲ୍ଲାର ମକ୍ଖନପୁର ଥାନା ଅଂଚଳରେ ରବିବାର ଭୟାବହ ସଡକ ଦୁର୍ଘଟଣା ଘଟିଛି । ବାଇକ ଆରୋହୀ ମଧ୍ୟପ୍ରଦେଶର ତିନି ବନ୍ଧୁଙ୍କ ମୃତ୍ୟୁ ହୋଇଛି । ମଥୁରା-ବୃନ୍ଦାବନକୁ ଦର୍ଶନ କରି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ତିନି ଯୁବକ ଇଟାୱାରେ ରହି ପଢୁଥିଲେ। ମଧ୍ୟପ୍ରଦେଶର ଗ୍ୱାଲିୟର ଡବରା ବାସିନ୍ଦା ପ୍ରମୋଦ, ବନବାରୀ ବାସିନ୍ଦା ପବେନ୍ଦ୍ର ରାୱତ ଓ ସିକରୀର ସଚିନ ରାୱତଙ୍କ ମୃତ୍ୟୁ ହୋଇଛି । ସେମାନେ ଇଟାୱାର ଜଶୱନ୍ତ ନଗର ସ୍ଥିତ ଏସଏସ ମେମୋରିଆଲ ଡିଗ୍ରୀ କଲେଜରେ ପଢୁଥିଲେ ।

ମଧ୍ୟପ୍ରଦେଶର ସତନା ଜିଲ୍ଲାରେ ମଝଗୱାଂ ଥାନା ଅଂଚଳ ଅନ୍ତର୍ଗତ ସତନା-ଚିତ୍ରକୁଟ ଷ୍ଟେଟ ହାଇୱେରେ ଶନିବାର ମଧ୍ୟ ରାତ୍ରିରେ ଦ୍ରୁତ ଗତି ବୋଲେରୋ ଏବଂ ପିକଅପ ଗାଡି ମଧ୍ୟରେ ଧକ୍କା ହୋଇଥିଲା। ଦୁର୍ଘଟଣାରେ ପ୍ରୟାଗରାଜ ମହାକୁମ୍ଭ ଯାଉଥିବା ଗୋଟିଏ ପରିବାରରର ତିନି ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୦ଜଣ ଆହତ ହୋଇଛନ୍ତି,ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତକଙ୍କ ମଧ୍ୟରେ ମା-ପୁଅ ଏବଂ ଅଜା ଅଛନ୍ତି। ପୋଲିସ ଅନୁଯାୟୀ ଦୁର୍ଘଟଣା ସତନା-ଚିତ୍ରକୁଟ ରାଜ୍ୟ ରାଜପଥରେ ବଡ ହନୁମାନ ଜୀଙ୍କ ମନ୍ଦିର ନିକଟରେ ଶନିବାର ରାତି ପ୍ରାୟ ସାଢେ ଗୋଟେ ସମୟରେ ହୋଇଥିଲା।

ଉତ୍ତରପ୍ରଦେଶର ସୋନଭଦ୍ର ଜିଲ୍ଲାର ବଭନୀ ଥାନା ଅଂଚଳରେ ଅବସ୍ଥିତ ଅମ୍ବିକାପୁର ବାରାଣସୀ ରାସ୍ତାରେ ରବିବାର ସକାଳେ ବୋଲେରୋ ଏବଂ ଟ୍ରେଲର ଧକ୍କାରେ ଚାରି ଜଣଙ୍କ ମୃତ୍ୟୁ ଘଟିଛି ଏବଂ ଅନ୍ୟ ୪ଜଣ ଆହତ ହୋଇଛନ୍ତି। ପୋଲିସ ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛି । ଏମାନେ ସମସ୍ତେ ଛତିଶଗଡର ବାସିନ୍ଦା ଯେଉଁମାନେ ମହାକୁମ୍ଭରେ ସ୍ନାନ ପରେ ଫେରୁଥିଲେ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସୋନଭଦ୍ର ଜିଲ୍ଲାରେ ହୋଇଥିବା ସଡକ ଦୁର୍ଘଟଣା ସମ୍ପର୍କରେ ଜାଣି ମୃତକଙ୍କ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି ।ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ କାମନା କରିଛନ୍ତି। ଅତିରିକ୍ତ ପୋଲିସ ଅଧୀକ୍ଷକ କାଲୁ ସିଂହ କହିଛନ୍ତି ଯେ ପ୍ରୟାଗରାଜରେ ମହାକୁମ୍ଭ ସ୍ନାନ କରି ୧୧ ଶ୍ରଦ୍ଧାଳୁ ଏକ ବୋଲେରୋ ଗାଡିରେ ବସି ନିଜ ଘର ଛତିଶଗଡ ଯାଉଥିଲେ। ବଭନୀ ଥାନା ଅଂଚଳର ଦରନଖାଡ ନିକଟରେ ଛତିଶଗଡ ଅଭିମୁଖେ ଆସୁଥିବା ଟ୍ରେଲର ସହ ବୋଲେରୋ ଧକ୍କା ହୋଇଥିଲା ।ଧକ୍କା ଏତେ ଜୋରରେ ଥିଲା ଯେ ବୋଲେରୋ ଖଣ୍ଡଖଣ୍ଡ ହୋଇଯାଇଥିଲା। ଦୁର୍ଘଟଣାରେ କାରରେ ବସିଥିବା ଚାରିଜଣଙ୍କ ମୃତ୍ୟୁ ଘଟଣାସ୍ଥଳରେ ଘଟିଛି ଏବଂ ଚାରିଜଣ ଗୁରୁତର ଭାବରେ ଆହତ ହୋଇଛନ୍ତି ।ତିନିଜଣ ସୁରକ୍ଷିତ ଅଛନ୍ତି ।ଘଟଣାସ୍ଥଳରେ ପୋଲିସ ପହଂଚି ସମସ୍ତ ଆହତମାନଙ୍କୁ ଡାକ୍ତରଖାନା ପଠାଇଥିଲା।

## ୧୦୦ ଗିଗାୱାଟ ସୌର ଶକ୍ତି କ୍ଷମତାର ଐତିହାସିକ ମାଇଲଖୁଣ୍ଟ

ନୂଆଦିଲ୍ଲୀ,୧୦।୨(ପିଆଇବି): ଭାରତ ୧୦୦ ଗିଗାୱାଟ୍ ସୌର ଶକ୍ତି କ୍ଷମତା ଅତିକ୍ରମ କରି ଏକ ଐତିହାସିକ ମାଇଲଖୁଂଟ ହାସଲ କରିଛି ଏବଂ ଅକ୍ଷୟ ଶକ୍ତି କ୍ଷେତ୍ରରେ ବିଶ୍ୱସ୍ତରରେ ଅଗ୍ରଣୀ ରାଷ୍ଟ୍ର ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିଛି । ସ୍ୱଚ୍ଛ, ସବୁଜ ଭବିଷ୍ୟତ ପାଇଁ ଦେଶର ପ୍ରତିବଦ୍ଧତାକୁ ଏହି ଉଲ୍ଲେଖନୀୟ ସଫଳତା ପ୍ରମାଣିତ କରୁଛି ଏବଂ ୨୦୩୦ ସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୫୦୦ ଗିଗାୱାଟ ଅଣ-ଜୀବାଶ୍ମ ଇନ୍ଧନ ଭିତ୍ତିକ ଶକ୍ତି କ୍ଷମତାର ମହତ୍ୱାକାଂକ୍ଷୀ ଲକ୍ଷ୍ୟକୁ ସାକାର କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

କେନ୍ଦ୍ର ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ଦଶ ବର୍ଷ ମଧ୍ୟରେ ଭାରତର ଶକ୍ତି ଯାତ୍ରା ଐତିହାସିକ ଏବଂ ପ୍ରେରଣାଦାୟକ ରହିଛି । ସୋଲାର ପ୍ୟାନେଲ, ସୋଲାର ପାର୍କ ଓ ଛାତ ଉପର ସୌର ପ୍ରକଳ୍ପ ଭଳି ପଦକ୍ଷେପ ଏ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ଫଳରେ ଆଜି ଭାରତ ୧୦୦ ଗିଗାୱାଟ ସୌର ଶକ୍ତି ଉତ୍ପାଦନର ଲକ୍ଷ୍ୟକୁ ସଫଳତାର ସହ ହାସଲ କରିପାରିଛି । ସବୁଜ ଶକ୍ତି କ୍ଷେତ୍ରରେ ଭାରତ କେବଳ ଆତ୍ମନିର୍ଭରଶୀଳ ହେଉନାହିଁ ବରଂ ବିଶ୍ୱକୁ ଏକ ନୂଆ ମାର୍ଗ ଦେଖାଉଛି । କେନ୍ଦ୍ରମନ୍ତ୍ରୀ ଶ୍ରୀ ଯୋଶୀ କହିଛନ୍ତି ଯେ ସ୍ୱଚ୍ଛ ଓ ସବୁଜ ଭବିଷ୍ୟତ ପାଇଁ ନିରନ୍ତର ପ୍ରତିବଦ୍ଧତାରୁ ପ୍ରେରଣା ପାଇଛି ଏହି ସଫଳତା । ପ୍ରଧାନମନ୍ତ୍ରୀ ସୌର ଛାତ ମୁକ୍ତ ବିଦ୍ୟୁତ ଯୋଜନା ଛାତ ଉପରେ ସୌର ଶକ୍ତିକୁ ବାସ୍ତବ ରୂପ ଦେଉଛି ଏବଂ ଏହା ସ୍ଥାୟୀ ଶକ୍ତିରେ ଏକ ଗେମ୍-ଚେଞ୍ଜର ହୋଇଛି, ପ୍ରତ୍ୟେକ ଘରକୁ ସ୍ୱଚ୍ଛ ଶକ୍ତି ସହିତ ସଶକ୍ତ କରୁଛି ବୋଲି ସେ କହିଥିଲେ ।

ଗତ ଏକ ଦଶନ୍ଧି ମଧ୍ୟରେ ଭାରତର ସୌର ଶକ୍ତି କ୍ଷମତାରେ ୩୪୫୦ ପ୍ରତିଶତ ଅସାଧାରଣ ଅଭିବୃଦ୍ଧି ଘଟିଛି, ଯାହା ୨୦୧୪ରେ ୨.୮୨ ଗିଗାୱାଟଥିବା ବେଳେ ୨୦୨୫ ସୁଦ୍ଧା ଏହା ୧୦୦ ଗିଗାୱାଟକୁ ବୃଦ୍ଧି ପାଇଛି । ଜାନୁଆରୀ ୩୧, ୨୦୨୫ ସୁଦ୍ଧା ଭାରତର ସମୁଦାୟ ସଂସ୍ଥାପିତ ସୌର କ୍ଷମତା ୧୦୦.୩୩ ଗିଗାୱାଟ ରହିଛି, ଯେଉଁଥିରେ ୮୪.୧୦ ଗିଗାୱାଟ କାର୍ଯ୍ୟକାରୀ ହେଉଛି ଏବଂ ଅତିରିକ୍ତ ୪୭.୪୯ ଗିଗାୱାଟ୍ ପ୍ରସ୍ତାବିତ ଅଛି । ଦେଶର ହାଇବ୍ରିଡ୍ ଏବଂ ୨୪ ଘଂଟିଆ ଅକ୍ଷୟ ଶକ୍ତି ପ୍ରକଳ୍ପ ମଧ୍ୟ ଦ୍ରୁତ ଗତିରେ ଅଗ୍ରଗତି କରୁଛି, ଯେଉଁଥିରେ ସମୁଦାୟ ୬୪.୬୭ ଗିଗାୱାଟ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ଏବଂ ପ୍ରସ୍ତାବ ଦାଖଲ କରାଯାଇଛି, ଯାହା ଫଳରେ ମୋଟ ସୌର ଏବଂ ହାଇବ୍ରିଡ୍ ପ୍ରକଳ୍ପ ସଂଖ୍ୟା ୨୯୬.୫୯ ଗିଗାୱାଟକୁ ବୃଦ୍ଧି ପାଇଛି।

ଭାରତର ଅକ୍ଷୟ ଶକ୍ତି ଅଭିବୃଦ୍ଧିରେ ସୌର ଶକ୍ତିର ପ୍ରମୁଖ ଅବଦାନ ରହିଛି । ୨୦୨୪ରେ ରେକର୍ଡ ୨୪.୫ ଗିଗାୱାଟ୍ ସୌର ଶକ୍ତି କ୍ଷମତା ଯୋଡାଯାଇଥିଲା, ଯାହା ୨୦୨୩ ତୁଳନାରେ ସୌର କ୍ଷମତା ସ୍ଥାପନରେ ଦୁଇଗୁଣରୁ ଅଧିକ ବୃଦ୍ଧିକୁ ପ୍ରତିଫଳିତ କରେ । ଗତ ବର୍ଷ ମଧ୍ୟ ୧୮.୫ ଗିଗାୱାଟ ୟୁଟିଲିଟି ସ୍କେଲ ସୋଲାର ଇନଷ୍ଟାଲେସନ ( ଗ୍ରୀଡ ସହ ସଂଯୁକ୍ତ ବୃହତ୍ ସୌର ଶକ୍ତି ପ୍ରକଳ୍ପ) ସ୍ଥାପନ ହୋଇଥିଲା, ଯାହା କି ୨୦୨୩ ତୁଳନାରେ ପ୍ରାୟ ୨.୮ ଗୁଣ ଅଧିକ । ଏ କ୍ଷେତ୍ରରେ ରାଜସ୍ଥାନ, ଗୁଜରାଟ, ତାମିଲନାଡୁ, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶର ପ୍ରଦର୍ଶନ ଭଲ ରହିଛି, ଯେଉଁମାନେ କି ଭାରତର ମୋଟ ୟୁଟିଲିଟି ସ୍କେଲ ସୋଲାର ଇନଷ୍ଟାଲେସନରେ ସର୍ବାଧିକ ଯୋଗଦାନ ଦେଇଥାନ୍ତି ।

୨୦୨୪ରେ ଭାରତରେ ଛାତ ଉପରେ ସୌର କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି, ଯେଉଁଥିରେ ୪.୫୯ ଗିଗାୱାଟ୍ ନୂତନ କ୍ଷମତା ସ୍ଥାପନ କରାଯାଇଛି, ଯାହା କି ୨୦୨୩ ତୁଳନାରେ ୫୩ ପ୍ରତିଶତ ବୃଦ୍ଧି। ଏହି ଅଭିବୃଦ୍ଧିର ଏକ ପ୍ରମୁଖ କାରଣ ହେଉଛି ୨୦୨୪ରେ ଆରମ୍ଭ ହୋଇଥିବା ପିଏମ ସୂର୍ଯ୍ୟ ଘର: ମାଗଣା ବିଦ୍ୟୁତ ଯୋଜନା, ଯାହା ବର୍ତ୍ତମାନ ପ୍ରାୟ ୯୦୦,୦୦୦ ଛାତ ସୌର ପ୍ରତିଷ୍ଠାନ ନିକଟରେ ପହଂଚିଛି, ଯାହା ସାରା ଦେଶର ପରିବାରମାନଙ୍କୁ ସ୍ୱଚ୍ଛ ଶକ୍ତି ସମାଧାନ ଗ୍ରହଣ କରିବାରେ ସାହାଯ୍ୟ କରେ ।

ସୌର ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଭାରତ ଉଲ୍ଲେଖନୀୟ ଅଗ୍ରଗତି କରିଛି। ୨୦୧୪ରେ ଦେଶରେ ସୀମିତ ସୌର ମଡ୍ୟୁଲ୍ ଉତ୍ପାଦନ କ୍ଷମତା ମାତ୍ର ୨ ଗିଗାୱାଟ୍ ଥିଲା। ଗତ ଏକ ଦଶନ୍ଧି ମଧ୍ୟରେ ଏହା ୨୦୨୪ ସୁଦ୍ଧା ୬୦ ଗିଗାୱାଟକୁ ବୃଦ୍ଧି ପାଇଛି ଏବଂ ସୌର ଉତ୍ପାଦନ କ୍ଷେତ୍ରରେ ଭାରତକୁ ବିଶ୍ୱସ୍ତରରେ ଅଗ୍ରଣୀ ଭାବେ ପ୍ରତିଷ୍ଠିତ କରିଛି।

## ଆଜି ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚା

ନୂଆଦିଲ୍ଲୀ,୧୦।୨(ପିଆଇବି): ପରୀକ୍ଷା ପ୍ରାୟତଃ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାର ପାଇଁ ଚିନ୍ତାର କାରଣ ପାଲଟିଥାଏ, କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା' ( ପିପିସି) ପଦକ୍ଷେପ ଏହି ଧାରାକୁ ବଦଳାଇ ଦେଇଛି। ଏବର୍ଷର ପରୀକ୍ଷା ପେ ଚର୍ଚ୍ଚା ଫେବ୍ରୁଆରୀ ୧୦, ୨୦୨୫ ପୂର୍ବାହ୍ନ ୧୧ଟା ଅନୁଷ୍ଠିତ ହେବ।

ଏହି ମତବିନିମୟ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନମନ୍ତ୍ରୀ ସିଧାସଳଖ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ସହ କଥାବାର୍ତ୍ତା କରିବେ। ପିପିସିର ପ୍ରତ୍ୟେକ ସଂସ୍କରଣରେ ପରୀକ୍ଷା ସମ୍ବନ୍ଧୀୟ ଚିନ୍ତାର ମୁକାବିଲା ପାଇଁ ଅଭିନବ ପଦ୍ଧତି ଉପରେ ଆଲୋକପାତ କରାଯାଇଥାଏ, ଯାହା ଶିକ୍ଷଣ ଏବଂ ଜୀବନ ପ୍ରତି ଏକ ଆନନ୍ଦର ମନୋଭାବକୁ ପ୍ରୋତ୍ସାହିତ କରେ। ୧୦ ଫେବୃଆରୀ ୨୦୨୫ରେ ହେବାକୁ ଥିବା ପିପିସିର ଅଷ୍ଟମ ସଂସ୍କରଣ ଏକ ନୂଆ ମାନଦଣ୍ଡ ସ୍ଥାପିତ କରିସାରିଛି । ୫ କୋଟିରୁ ଅଧିକ ଅଂଶଗ୍ରହଣ ସହ ଚଳିତ ବର୍ଷର ଏହି କାର୍ଯ୍ୟକ୍ରମ ଏକ ଜନ ଆନ୍ଦୋଳନର ମାନ୍ୟତା ପ୍ରାପ୍ତ କରିଛି ଓ ଶିକ୍ଷାର ସାମୁହିକ ଉତ୍ସବକୁ ଅନୁପ୍ରାଣିତ କରିଛି । ଚଳିତ ବର୍ଷ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରୁ ୩୬ ଜଣ ଛାତ୍ରଛାତ୍ରୀ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ ସରକାରୀ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ସୈନିକ ବିଦ୍ୟାଳୟ, ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ, ସିବିଏସ୍‌ଇ ଏବଂ ନବୋଦୟ ବିଦ୍ୟାଳୟରୁ ମନୋନୀତ ହୋଇଛନ୍ତି। ପରୀକ୍ଷା ପେ ଚର୍ଚ୍ଚା- ୨୦୨୫ରେ ୭ଟି ଗବେଷଣାମୂଳକ ଏପିସୋଡ୍ ପ୍ରଦର୍ଶିତ ହେବ, ଯେଉଁଥିରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଏକାଠି କରାଯାଇ ଜୀବନ ଓ ଶିକ୍ଷଣର ଅତ୍ୟାବଶ୍ୟକ ଦିଗ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରାଯିବ।

## ହିନ୍ଦୁ ଯୁବକମାନଙ୍କୁ ଆହ୍ୱାନ କଲା ଭିଏଚପି

ମହାକୁମ୍ଭନଗର,୧୦।୨(ଏଜେନ୍ସି): ବିଶ୍ୱ ହିନ୍ଦୁ ପରିଷଦ ଜନସଂଖ୍ୟା ଅସନ୍ତୁଳନ,ପରିବାରରେ ବିଖଣ୍ଡନ ଏବଂ ନିଶା ସେବନ ବନ୍ଦ କରିବା ପାଇଁ ହିନ୍ଦୁ ଯୁବକମାନଙ୍କୁ ଆହ୍ୱାନ କରିଛି ।ପ୍ରୟାଗରାଜ ମହାକୁମ୍ଭରେ ଚାଲିଥିବା ବିଶ୍ୱ ହିନ୍ଦୁ ପରିଷଦର ଟ୍ରଷ୍ଟି ବୋର୍ଡର ବୈଠକରେ ଜନସଂଖ୍ୟା ସନ୍ତୁଳନ ଏବଂ ଯୁବକମାନଙ୍କ ମଧ୍ୟରେ ନିଶା ବୃଦ୍ଧି ପ୍ରବୃତ୍ତି ଉପରେ ଚିନ୍ତା ପ୍ରକଟ କରି ଏକ ପ୍ରସ୍ତାବ ପାସ କରାଯାଇଛି ।ଟ୍ରଷ୍ଟି ବୋର୍ଡର ବୈଠକରେ ବଜରଙ୍ଗ ଦଳର ରାଷ୍ଟ୍ରୀୟ ସଂଯୋଜକ ନୀରଜ ଦୌନେରିୟା ପ୍ରସ୍ତାବ ରଖିଥିଲେ ଏବଂ ଦୁର୍ଗା ବାହନୀର ରାଷ୍ଟ୍ରୀୟସଂଯୋଜିକା ପ୍ରଜ୍ଞା ମହାଲା ପ୍ରସ୍ତାବ ଅନୁମୋଦନ କରିଥିଲେ। ଏହା ପରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ପାସ କରାଯାଇଛି ।ପାରିତ ହୋଇଥିବା ପ୍ରସ୍ତାବରେ ବିହିପ ଚେତାବନୀ ଦେଇଛି ଯେ ଯଦି ଏହି ସମସ୍ୟାର ସମାଧାନ ନ ମିଳେ ତେବେ ଏହା ହିନ୍ଦୁ ସମାଜର ସ୍ଥିରତା ଏବଂ ଅସ୍ତିତ୍ୱ ପାଇଁ ସାଙ୍ଘାତିକ ପ୍ରମାଣିତ ହୋଇପାରେ ।ଟ୍ରଷ୍ଟି ବୋର୍ଡ ଏବଂ ପରିଚାଳନା କମିଟି ଏହି ଏହି ଆହ୍ୱାନ କରୁଛି ଯେ ଏହି ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ଏବଂ ସେମାନଙ୍କୁ ପରାସ୍ତ କରିବାକୁ ହିନ୍ଦୁ ଯୁବକମାନଙ୍କୁ ପ୍ରସ୍ତୁତ ହେବାକୁ ପଡିବ ।ଦେଶ ଯେତେବେଳେ ମଧ୍ୟ ଚ୍ୟାଲେଞ୍ଜର ସମ୍ମୁଖୀନ ହୁଏ ,ଯୁବ ଶକ୍ତି ହିଁ ସେମାନଙ୍କୁ ପରାସ୍ତ କରିଛି ।

## ନେପାଳରେ ୧୭ ଆମେରିକୀୟ ନାଗରିକ ଗିରଫ

କାଠମାଣ୍ଡୁ,୧୦।୨(ଏଜେନ୍ସି): ଧର୍ମ ପରିବର୍ତ୍ତନ ପାଇଁ ଖ୍ରୀଷ୍ଟିୟାନ ଧର୍ମର ପ୍ରଚାର କରିବା ଅଭିଯୋଗରେ ଶୁକ୍ରବାର ଧରାନରୁ ଗିରଫ କରାଯାଇଥିବା ୧୭ ଆମେରିକୀୟ ନାଗରିକଙ୍କୁ ନେପାଳରୁ ବିତାଡିତ କରାଯାଇଛି। ଶିକ୍ଷା ବିଭାଗ ଦ୍ୱାରା ଏହି ସମସ୍ତଙ୍କ ଭିସା ବାତିଲ କରିବା ପରେ ଶନିବାର ବିଳମ୍ବିତ ରାତିରେ ଏହି ସମସ୍ତଙ୍କୁ ବିମାନରେ ଚଢାଇ ଆମେରିକାକୁ ପଠାଯାଇଥିଲା। ନେପାଳର ପୁର୍ବ ଅଂଚଳରେ ଧରାନ ଉପ ମହାନଗରପାଳିକାରେ ଏକ ଚର୍ଚ୍ଚ ନିର୍ମାଣ ପାଇଁ ଶ୍ରମଦାନ କରିବା ଏବଂ ଖ୍ରୀଷ୍ଟିୟାନ ଧର୍ମର ପ୍ରଚାର ଅଭିଯୋଗରେ ୧୭ ଆମେରିକୀୟ ଏବଂ ଜଣେ ଭାରତୀୟ ନାଗରିକଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ଟୁରିଷ୍ଟ ଭିସା ଉପରେ ନେପାଳ ଆସି ଧର୍ମ ପ୍ରଚାର କରିବା ଅଭିଯୋଗ ଥିଲା। ଧରାନରେ ଗିରଫ ସମସ୍ତ ଆମେରିକୀୟ ନାଗରିକଙ୍କୁ କାଠମାଣ୍ଡୁର ଶିକ୍ଷା ବିଭାଗକୁ ହସ୍ତାନ୍ତର କରାଯାଇଥିଲା।

## ବିହାରରେ ପଡ଼ିବନି ଦିଲ୍ଲୀ ପ୍ରଭାବ : ତେଜସ୍ୱୀ ଯାଦବ

ପାଟନା ୧୦।୨(ଏଜେନ୍ସି):: ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ନେତା ତେଜସ୍ୱୀ ଯାଦବ ରବିବାର କହିଛନ୍ତି ଯେ ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପି ବିଜୟର ପ୍ରଭାବ ବିହାର ବିଧାନସଭା ନିର୍ବାଚନ ଉପରେ ପଡିବ ନାହିଁ, ଯେଉଁଠି ଚଳିତବର୍ଷ ଶେଷରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗଣତନ୍ତ୍ରରେ ଜନତା ମାଲିକ ହୋଇଥାନ୍ତି। ବିଜେପିକୁ ଦିଲ୍ଲୀରେ ପାଖାପାଖି ୨୭ ବର୍ଷ ପରେ ଜନାଦେଶ ମିଳିଛି। ଆଶା କରୁଛି ଲୋକଙ୍କୁ ପାର୍ଟି ଦେଇଥିବା ପ୍ରତିଶ୍ରୁତି ପୁରଣ କରିବ ଓ ଜୁମଲାବାଜୀ କରିବନି।



ବିଜେପି ଓ ସହଯୋଗୀ ଦାବି କରୁଛନ୍ତି ଦିଲ୍ଲୀରେ ମିଳିଥିବା ସଫଳତାର ପ୍ରଭାବ ବିହାର ବିଧାନସଭା ନିର୍ବାଚନରେ ମିଳିବ ବୋଲି ତେଜସ୍ୱୀଙ୍କୁ ପଚରା ଯିବାରେ ସେ କହିଛନ୍ତି ବିହାର ଦିଲ୍ଲୀ ନୁହେଁ ବିହାର ଅଟେ। ଆମକୁ ଏହା ବୁଝିବାକୁ ପଡିବ। ବିହାରରେ ଅନୁଷ୍ଠିତ ଗତ ୨ଟି ବିଧାନସଭା ନିର୍ବାଚନରେ ଆରଜେଡି ସବୁଠୁ ବଡ଼ ପାର୍ଟି ଭାବେ ଉଭା ହେଉଛି। ବିହାରରେ ଏନଡିଏର ନେତୃତ୍ୱ ମୁଖ୍ୟମନ୍ତ୍ରୀ ନିତିଶ କୁମାର ନେଇଛନ୍ତି ନିତିଶ ୨୦୦୫ ମସିହାକୁ ଛାଡି ଦେଲେ ଲାଗାତାର ବିହାରର ମୁଖ୍ୟମନ୍ତ୍ରୀ ଅଛନ୍ତି।

ନିତିଶ କୁମାର ଏକ ସଂକ୍ଷିପ୍ତ ଅବଧି ନିମନ୍ତେ ଜିତେନରାମ ମାଁଝୀଙ୍କ ହାତରେ ରାଜ୍ୟର ଭାଗ୍ୟଡୋରୀ ଅର୍ପଣ କରିଥିଲେ। ଏହି ଅବଧିରେ ନିତିଶ କୁମାର ବିହାରରେ ଦୁଇଥର ଆରଜେଡି ସହିତ ମେଣ୍ଟ କରି ସରକାର ମଧ୍ୟ କରିଥିଲେ। ତେବେ ପରେ ସେ ଆରଜେଡି ସହ ମେଣ୍ଟରୁ ଓହରି ବିଜେପି ମେଣ୍ଟରେ ତାଙ୍କ ପାର୍ଟିକୁ ସାମିଲ କରିଛନ୍ତି ଓ ଏବେ ରାଜ୍ୟରେ ତାଙ୍କ ସରକାର ବିଜେପି ମେଣ୍ଟ ସହଯୋଗରେ ଚାଲିଛି।

### ୩୮ତମ ରାଷ୍ଟ୍ରୀୟ କ୍ରୀଡ଼ାରେ ଆଇପି ୟୁନିଭରସିଟି ଛାତ୍ରଙ୍କ ଉନ୍ନତ ପ୍ରଦର୍ଶନ

ନୂଆଦିଲ୍ଲୀ,୧୦।୨(ଏଜେନ୍ସି): ଗୁରୁ ଗୋବିନ୍ଦ ସିଂହ ଇନ୍ଦ୍ରପ୍ରସ୍ଥ ୟୁନିଭରସିଟି ସହିତ ଜଡ଼ିତ ଇନଷ୍ଟିଚ୍ୟୁଟ ଏନଡିଆଇଏମ ର ଛାତ୍ର ଜିୟୁଓ ବିସ୍ମୟା ବିନୁ ଡେହରାଡୁନରେ ଚାଲିଥିବା ୩୮ତମ ରାଷ୍ଟ୍ରିୟ କ୍ରୀଡ଼ାରେ କଲାରୀପୟଟ୍ଟୁ ଖେଳରେ ନିଜର ଅସାଧାରଣ ପ୍ରତିଭାର ପ୍ରଦର୍ଶନ କରିଛନ୍ତି । ସେ ଏହି ପ୍ରତିଯୋଗିତାରେ ତଲୱାର ଏବଂ ଢ଼ାଲ ଶ୍ରେଣୀରେ ରୌପ୍ୟ ପଦକ ଏବଂ ଉର୍ମି ଏବଂ ଢ଼ାଲ ଶ୍ରେଣୀରେ କାଂସ୍ୟ ପଦକ ହାସିଲ କରିଛନ୍ତି । ଏହି ପ୍ରତିଯୋଗିତାରେ ସେ ଦିଲ୍ଲୀର ପ୍ରତିନିଧିତ୍ୱ କରିଥିଲେ । ଏହି ୩୮ତମ ରାଷ୍ଟ୍ରିୟ କ୍ରୀଡ଼ା ଉତରାଖଣ୍ଡର ଡେହରାଡୁନରେ ଜାନୁଆରୀ ୨୮ରୁ ଆରମ୍ଭ ହୋଇଥିବା ବେଳେ ଫେବୃୟାରୀ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ।

## ୨୦୨୬ରେ ମମତାଙ୍କ ପାଳି : ଶୁଭେନ୍ଦୁ

କୋଲକାତା,୧୦।୨(ଏଜେନ୍ସି): ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାଜପା ବିଜୟ ଲାଭ କରିବା ପରେ ପଶ୍ଚିମବଙ୍ଗ ଭାଜପା ନେତା ଶୁଭେନ୍ଦୁ ଅଧିକାରୀ ମମତା ବାନାର୍ଜୀଙ୍କୁ କଡ଼ା ଚେତାବନୀ ଦେଇ କହିଛନ୍ତି, ପରବର୍ତ୍ତୀ ସମୟରେ ଆପଣଙ୍କର ପାଳି।

ଭାଜପା ବିଜୟ ଲାଭ କରିବା ପରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରରେ ଶୁଭେନ୍ଦୁ ଖୁସିରେ ଗଦ୍‌ଗଦ୍ ହୋଇ କହିଛନ୍ତି, ଦିଲ୍ଲୀର ବିଜୟ ଆମର, ୨୦୨୬ରେ ପଶ୍ଚିମବଙ୍ଗ ପାଳି ହେବ।



ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାଜପାର ଐତିହାସିକ ବିଜୟକୁ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଶୁଭେନ୍ଦୁ କହିଛନ୍ତି । ସେ କହିଛନ୍ତି ଯେ, ଏହା ଦୁର୍ନୀତି ଏବଂ ମିଥ୍ୟା ରାଜନୀତିର ଅନ୍ତର ଆରମ୍ଭ। ଆମ୍ ଆଦ୍‌ମୀ ପାର୍ଟି ସରକାର ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ବିଶ୍ୱାସଘାତକତା କରିଛି ଏବଂ ଦୁର୍ନୀତିରେ ଲିପ୍ତ ଅଛି, ଯାହାର ଜବାବ ଦିଲ୍ଲୀର ଲୋକମାନେ ଦେଇଛନ୍ତି।

ଦିଲ୍ଲୀର ପରିସ୍ଥିତି ସମ୍ପର୍କରେ ଶୁଭେନ୍ଦୁ କହିଛନ୍ତି, ଏହା ଦେଶର ରାଜଧାନୀ ଏବଂ । ଏହାକୁ ଏକ ଅନ୍ତର୍ଜାତୀୟ ସ୍ତରର ସହର କରାଯିବା ଉଚିତ ଥିଲା, କିନ୍ତୁ ଆମ୍ ଆଦ୍‌ମୀ ପାର୍ଟି ଏହାକୁ ନଷ୍ଟ କରିଦେଇଛି। ସେ କହିଛନ୍ତି, ମୋଦି ସରକାରଙ୍କ ନେତୃତ୍ୱରେ ଦେଶରେ ଯେପରି ବିକାଶ ହୋଇଛି, ଦିଲ୍ଲୀରେ ମଧ୍ୟ ସେହିପରି ହେବା ଉଚିତ ଥିଲା। ସେ କହିଛନ୍ତି, ମୋଦି ସରକାର ଯମୁନା ଏକ୍ସପ୍ରେସ୍‌ୱେ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ କରିଥିଲେ, କିନ୍ତୁ ଦିଲ୍ଲୀ ସରକାର ଏହାକୁ ପରିଚାଳନା କରିବାରେ ବିଫଳ ହୋଇଥିଲେ।

## ଶିଳ୍ପପତିଙ୍କୁ ୭୩ ଥର ଛୁରିଭୁସି ହତ୍ୟା କଲା ନାତି

ହାଇଦ୍ରାବାଦ,୧୦।୨(ଏଜେନ୍ସି): ଏକ ପାରିବାରିକ ସମ୍ପତ୍ତି ବିବାଦକୁ ନେଇ ଆନ୍ଧ୍ରପ୍ରଦେଶର୮୬ ବର୍ଷୀୟ ଶିଳ୍ପପତି ଭେଲମତି ଚନ୍ଦ୍ରଶେଖର ଜନାର୍ଦ୍ଦନ ରାଓଙ୍କୁ ତାଙ୍କ ନାତି କୀର୍ତ୍ତି ତେଜା ୭୩ ଥର ଛୁରି ଭୁସି ଅତ୍ୟନ୍ତ ବୀଭତ୍ସ ଭାବେ ହତ୍ୟା କରିଛନ୍ତି। ହାଇଦ୍ରାବାଦ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।





ଖବର ଅନୁଯାୟୀ, ଭେଲ୍‌ଜାନ ଗ୍ରୁପ୍ ଅଫ୍ କମ୍ପାନୀର ମୁଖ୍ୟ ଜନାର୍ଦ୍ଦନଙ୍କୁ ଗୁରୁବାର ରାତିରେ ତାଙ୍କ ହାଇଦ୍ରାବାଦସ୍ଥିତ ବାସଭବନରେ ହତ୍ୟା କରାଯାଇଥିଲା। ପୋଲିସ ଶନିବାର ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଘଟଣା ସାମ୍ନାକୁ ଆସିଛି। ସମ୍ପତ୍ତିକୁ ନେଇ ଝଗଡ଼ା ପରେ ଆମେରିକା ଫେରନ୍ତା ୨୯ ବର୍ଷୀୟ ନାତି କୀର୍ତ୍ତି ଜେଜେ ଜନାର୍ଦ୍ଦନଙ୍କୁ ୭୩ ଥର ଛୁରି ଭୁସିଥିଲେ।

ଜନାର୍ଦ୍ଦନ ଏଲୁରୁର ମୂଳ ବାସିନ୍ଦା ହୋଇଥିବାବେଳେ ସେ କିଛି ମାସ ହେଲା ହାଇଦ୍ରାବାଦର ସୋମାଜିଗୁଡ଼ା ଅଞ୍ଚଳରେ ଥିବା ବାସଭବନରେ ରହୁଥିଲେ। ସେ ନିକଟରେ ତାଙ୍କ ବଡ଼ ଝିଅଙ୍କ ପୁଅ ଶ୍ରୀକ୍ରିଷ୍ଣାଙ୍କୁ ଭେଲ୍‌ଜାନ୍ ଗ୍ରୁପ୍‌ର ନିର୍ଦ୍ଦେଶକ ନିଯୁକ୍ତ କରିବା ସହ ଦ୍ୱିତୀୟ ଝିଅ ସରୋଜିନୀ ଦେବୀଙ୍କ ପୁଅ କୀର୍ତ୍ତିଙ୍କ ନାମରେ ୪ କୋଟି ଟଙ୍କାର ଶେୟାର ଟ୍ରାନ୍ସଫର କରିଥିଲେ।

ପୋଲିସ କହିବା ଅନୁଯାୟୀ, ସରୋଜିନୀ ଓ ତାଙ୍କ ପୁଅ ଗୁରୁବାର ଜନାର୍ଦ୍ଦନଙ୍କ ଘରକୁ ଯାଇଥିଲେ। ସମ୍ପତ୍ତି ବଣ୍ଟନ ଘଟଣାକୁ ନେଇ ଜେଜେ ଓ ନାତିଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। କୀର୍ତ୍ତି ଉତ୍ତେଜିତ ହୋଇ ୭୩ ଥର ଛୁରାମାଡ଼ କରିବାରୁ ଘଟଣାସ୍ଥଳରେ ଜନାର୍ଦ୍ଦନଙ୍କର ମୃତ୍ୟୁ ଘଟିଥିଲା ।ଏହି ସମୟରେ ରୋଷେଇ ଘରକୁ ଚା ପାଇଁ ଯାଇଥିବା ସରୋଜିନୀ ପାଟି ଶୁଣି ଆସି ହସ୍ତକ୍ଷେପ ପାଇଁ ଉଦ୍ୟମ କରିବାରୁ ସେ ମଧ୍ୟ କୀର୍ତ୍ତିଙ୍କ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ତାଙ୍କୁ ମଧ୍ୟ ୪ ଥର ଛୁରାମାଡ଼ ହୋଇଛି। କୀର୍ତ୍ତି ସେଠାରେ ଉପସ୍ଥିତ ଥିବା ସୁରକ୍ଷା କର୍ମଚାରୀଙ୍କୁ ଧମକ ଦେଇ ଖସି ପଳାଇଥିଲେ। ପଞ୍ଜାଗୁଟ୍ଟା ପୋଲିସ ଶନିବାର ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଆମେରିକାରୁ ମାଷ୍ଟର ଡିଗ୍ରୀ ହାସଲ କରି ଫେରିଥିବା ଅଭିଯୁକ୍ତ କୀର୍ତ୍ତିଙ୍କୁ ଅଦାଲତ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି।

## ଟିକ୍‌ଟକ୍‌କୁ କିଣିବେନି ମସ୍କ

**ନୂଆଦିଲ୍ଲୀ,୧୦।୨(ଏଜେନ୍ସି):** ଚୀନର କମ୍ପାନୀ ବାଇଟ୍ଡ୍ୟାନ୍ସଠାରୁ ଟିକଟକ୍‌ର ଆମେରିକୀୟ କାରବାରକୁ କିଣିବା ଲାଗି ବିଶ୍ୱର ଏକ ନମ୍ବର ଧନୀ ତଥା ଏକ୍ସର ମୁଖ୍ୟ ଏଲନ୍ ମସ୍କ ଆଗ୍ରହୀ ନଥିବା କହିଛନ୍ତି । ଜାତୀୟ ନିରାପତ୍ତା ପ୍ରତି ବିପଦ ଦର୍ଶାଇ ଟିକ୍‌ଟକ୍‌କୁ ନିଷିଦ୍ଧ କରିବା ଲାଗି ଆମେରିକାରେ ପ୍ରୟାସ କରାଯାଉଛି । କମ୍ପାନୀକୁ ଦୁଇଟି ବିକଳ୍ପ ଦିଆଯାଇଛି । ଗୋଟିଏ ହେଉଛି ଏହା ନିଜ ଆମେରିକୀୟ କାରବାରକୁ ଅନ୍ୟ କାହାକୁ ବିକ୍ରି କରୁ ଅନ୍ୟଥା ସମ୍ପୂର୍ଣ୍ଣ ରୂପେ କାରବାର ବନ୍ଦ କରୁ । ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ହେବା ପରେ ଟିକଟକର ଭବିଷ୍ୟତକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଟିକଟକ୍‌କୁ ମସ୍କ କିଣନ୍ତୁ ବୋଲି ଟ୍ରମ୍ପ ଆଗ୍ରହ ପ୍ରକାଶ କରିଛନ୍ତି। କିନ୍ତୁ ଏକ ସମ୍ମିଳନୀରେ ଆଭାସୀ ମାଧ୍ୟମରେ ଯୋଗଦେଇଥିବା ମସ୍କ ଟିକଟକ୍‌କୁ କିଣିବା ପାଇଁ ଆଗ୍ରହୀ ନଥିବା କହିଛନ୍ତି । ମସ୍କ କହିଥିଲେ ଯେ ମୁଁ ବ୍ୟକ୍ତିଗତ ଭାବେ କ୍ଷୁଦ୍ର ଭିଡିଓ ଆପ୍ ବ୍ୟବହାର କରୁନାହିଁ। ତା ବିଷୟରେ ମୁଁ ଜାଣିନାହିଁ । ସାଧାରଣରେ ମୁଁ ଅଧିଗ୍ରହଣ କରେ ନାହିଁ। ତାହା ମୋ ପାଇଁ ଅତି ବିରଳ ଘଟଣାୟ ମୁଁ କମ୍ପାନୀ ମୂଳରୁ ଆରମ୍ଭ କରେ । ତେଣୁ ଟିକଟକ୍‌କୁ ଅଧିଗ୍ରହଣ କରିବା ମୋର ଯୋଜନା ନାହିଁ ବୋଲି ସେ କହିଥିଲେ । ମସ୍କ କିଛି ବର୍ଷ ପୂର୍ବେ ସୋସିଆଲ ମିଡିଆ କମ୍ପାନୀ ଟ୍ୱିଟର (ବର୍ତ୍ତମାନର ଏକ୍ସ)କୁ ୪୪୦୦ କୋଟି ଡଲାରରେ ଅଧିଗ୍ରହଣ କରିଥିଲେ । ତାଙ୍କ ଅନ୍ୟ କମ୍ପାନୀ ଯଥା ଟେସ୍ଲା, ସ୍ପେସ୍‌ଏକ୍ସ, ଷ୍ଟାର୍ଲିଙ୍କ୍, ନ୍ୟୁରାଲିଙ୍କ୍ ଆଦିକୁ ସେ ନିଜେ ସ୍ଥାପନ କରିଛନ୍ତି। ଟିକ୍‌ଟିକକୁ ଆମେରିକାରେ ୧୭ କୋଟିରୁ ଅଧିକ ଲୋକ ବ୍ୟବହାର କରୁଛନ୍ତି । ତେଣୁ ତାହାକୁ ହଠାତ୍ ସମ୍ପୂର୍ଣ୍ଣ ନିଷିଦ୍ଧ କରିବାକୁ ଟ୍ରମ୍ପ ଚାହୁଁନାହାନ୍ତି । ଏହାକୁ କିଣିବା ଲାଗି ସେ ନିଜେ ବିଭିନ୍ନ ପକ୍ଷ ସହ କଥାବାର୍ତ୍ତା କରୁଛନ୍ତି । ଚଳିତ ମାସ ଶେଷ ଆଡ଼କୁ ଟିକ୍‌ଟକ୍‌ର ଭବିଷ୍ୟତ ନେଇ ସେ ଚୂଡ଼ାନ୍ତ ନିଷ୍ପତ୍ତି ନେବେୟ ତେବେ ଟିକ୍‌ଟକ୍‌ର ମାଲିକାନା ରଖିଥିବା ସଂସ୍ଥା ବାଇଟ୍ଡ୍ୟାନ୍ସ ନିଜ ଆଡ଼ୁ ସ୍ପଷ୍ଟ କରିଛି ଯେ ଏହା ଟିକ୍‌ଟକ୍‌କୁ ବିକ୍ରି କରିବ ନାହିଁ ।




## ଟିକସ ଅବଦାନ ଅନୁସାରେ ଭାଗ ମାଗିବା ଦୁର୍ଭାଗ୍ୟଜନକ

**ନୂଆଦିଲ୍ଲୀ,୧୦।୨(ଏଜେନ୍ସି):** କେନ୍ଦ୍ରୀୟ ଟିକସ ପ୍ରତି ବିଭିନ୍ନ ରାଜ୍ୟର ଅବଦାନ ଭିନ୍ନ ଭିନ୍ନ ରହିଛି । ଅଧିକ ଟିକସ ଯୋଗଦାନ ଦେଉଥିବା ରାଜ୍ୟଗୁଡ଼ିକ କେନ୍ଦ୍ରୀୟ ଟିକସରୁ ଅଧିକ ଭାଗ ମାଗିବା ଦୁର୍ଭାଗ୍ୟଜନକ ବୋଲି କେନ୍ଦ୍ର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି । ଏହା ସେହି ରାଜ୍ୟଗୁଡ଼ିକର ସଂକୀର୍ଣ୍ଣ ଭାବନା ବୋଲି ସେ କହି ସେମାନଙ୍କୁ ଟାର୍ଗେଟ କରିଛନ୍ତି । ଗୋୟଲ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭାବନା ହେଉଛି, ଭାରତ ସମୃଦ୍ଧ ହେବାକୁ ହେଲେ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଓଡ଼ିଶା ଭଳି ପୂର୍ବ ଭାରତର ରାଜ୍ୟ ଓ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ବିକାଶ ନିଶ୍ଚିତ ହେବା ଜରୁରୀ । ଗତ ୧୧ ବର୍ଷ ହେଲା ମହାଭାରତର ଅର୍ଜୁନଙ୍କ ଭଳି ମୋଦୀ ସରକାର ଏହି ରାଜ୍ୟଗୁଡ଼ିକୁ ଗୁରୁତ୍ୱ ଦେଉଛନ୍ତି । କିନ୍ତୁ କିଛି ରାଜ୍ୟ ଓ କେତେକ ନେତା ନିଜ ରାଜ୍ୟ ଦେଉଥିବା ଟିକସ ଯୋଗଦାନ ଅନୁସାରେ କେନ୍ଦ୍ରୀୟ ଟିକସରୁ ଭାଗ ମାଗିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି । ସେ ମହାରାଷ୍ଟ୍ରକୁ ଟାର୍ଗେଟ କରି ସେଭଳି କହିଛନ୍ତି । ସେ ଏହା ମଧ୍ୟ କହିଛନ୍ତି ଯେ କର୍ଣ୍ଣାଟକ, ତାମିଲନାଡୁ ଓ ତେଲେଙ୍ଗାନା ଟିକସ ପ୍ରତି ଦେଉଥିବା ଯୋଗଦାନ ଅନୁସାରେ ଅଧିକ ପାଣ୍ଠି ମାଗୁଛନ୍ତି । ଏହାଠାରୁ ଅଧିକ ସଂକୀର୍ଣ୍ଣ ମାନସିକତା ଓ ଦୁର୍ଭାଗ୍ୟଜନକ ଘଟଣା କିଛି ନାହିଁ ବୋଲି ସେ କହିଛନ୍ତି । ପୂର୍ବ ଓ ଉତ୍ତରପୂର୍ବ ଭାରତୀୟ ରାଜ୍ୟଗୁଡ଼ିକର ବିକାଶ ଲାଗି ମୋଦୀ ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରି ସେ କହିଛନ୍ତି ଯେ 'ଆକ୍ଟ ଇଷ୍ଟ ଓ ଲୁକ୍ ଇଷ୍ଟ ନୀତିରେ ଗତ ୧୧ ବର୍ଷ ଧରି ମୋଦୀ ସରକାର ଏହି ଅଞ୍ଚଳରେ ଥିବା ରାଜ୍ୟଗୁଡ଼ିକର ବିକାଶ ପାଇଁ ଉଦ୍ୟମ କରୁଛନ୍ତି । ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ରାଜଧାନୀ ସହ ରେଳ ସଂଯୋଗ ସ୍ଥାପନ କରାଯାଇଛି ଏବଂ ରାଜପଥ ମଧ୍ୟ ନିର୍ମାଣ କରାଯାଉଛି। ପ୍ରଧାନମନ୍ତ୍ରୀ ମୋଦୀ ୬୫ ଥର ଉତ୍ତର ପୂର୍ବାଞ୍ଚଳ ଗସ୍ତ କରିଛନ୍ତି ବୋଲି ସେ କହିଛନ୍ତି। ଚଳିତ ବର୍ଷ ଜାନୁଆରୀ ୨୮ ଓ ୨୯ରେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଥିବା ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୫କୁ ଉଦ୍‌ଘାଟନ କରିବା ଲାଗି ଓଡ଼ିଶା ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ମୁଁ ପ୍ରଧାନମନ୍ତ୍ରୀ ହେବା ପରେ ଓଡ଼ିଶାକୁ ୩୦ ଥର ଆସିଲାଣି । ସ୍ୱାଧୀନ ଭାରତରେ ଯେତେ ଜଣ ପ୍ରଧାନମନ୍ତ୍ରୀ ହୋଇଛନ୍ତି, ସମସ୍ତେ ମିଳିତ ଭାବେ ସେତିକି ଥର ଓଡ଼ିଶା ଆସିନଥିବା ସେ କହିଥିଲେ । ଓଡ଼ିଶା 'ବିକଶିତ ଭାରତ' ପ୍ରତି ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉ ବୋଲି ସେ ଚାହୁଥିବା କହିବା ସହ ରାଜ୍ୟରେ ପୁଞ୍ଜିନିବେଶ କରିବାକୁ ଶିଳ୍ପପତିମାନଙ୍କୁ 'ମୋଦୀ ଗ୍ୟାରେଣ୍ଟି' ଦେଇଥିଲେ ।



# ଭୁବନେଶ୍ୱର ଛାଡ଼ିଲେ ଖେଳାଳି





ଭୁବନେଶ୍ୱର,୧୦।୨: କଟକ ବାରବାଟୀ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଅଧିନାୟକ ରୋହିତ ଶର୍ମାଙ୍କ ବିସ୍ଫୋରକ ଶତକ ବଳରେ ଭାରତ ୪ ଉଇକେଟରେ ବିଜୟୀ ହୋଇ ସିରିଜ କବ୍‌ଜା କରିଛି।

ସୋମବାର ଓଡ଼ିଶା ଗସ୍ତ ଶେଷ କରି ଭାରତ ଏବଂ ଇଂଲଣ୍ଡ ଦଳର ଖେଳାଳି ଭୁବନେଶ୍ୱର ଛାଡ଼ି ଅହମ୍ମଦାବାଦ ଅଭିମୁଖେ ବାହାରିଛନ୍ତି। ଉଭୟ ଦେଶର ଖେଳାଳି ହୋଟେଲରୁ ଏକ ସ୍ୱତନ୍ତ୍ର ବସ୍‌ରେ ବାହାରି ବିମାନବନ୍ଦର ଅଭିମୁଖେ ବାହାରିଥିଲେ। ସେଠାରୁ ସ୍ୱତନ୍ତ୍ର ବିମାନ ଯୋଗେ ଉଭୟ ଦଳର ଖେଳାଳି ଅହମ୍ମଦାବାଦ ଯାଇଛନ୍ତି। ଚଳିତ ସିରିଜ୍‌ର ଅନ୍ତିମ ମ୍ୟାଚ୍ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଆସନ୍ତା ୧୨ ତାରିଖରେ ଖେଳାଯିବ। ଖେଳାଳିଙ୍କ ଯିବା ବେଳେ ଟିକିଏ ଝଲକ ପାଇବା ପାଇଁ ରାସ୍ତାର ଉଭୟ ପାଶ୍ୱରେ ଦର୍ଶକଙ୍କ ଭିଡ଼ ଜମିଥିଲା ଏପରିକି ଖେଳାଳିଙ୍କ ଯିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ତେବେ ଭୁବନେଶ୍ୱର ବିମାନବନ୍ଦରରେ ଜଣେ ମହିଳା ପ୍ରଶଂସକଙ୍କୁ ବିରାଟ କୋହଲି ଆଲିଙ୍ଗନ କରୁଥିବା ଦୃଶ୍ୟ ଭାଇରାଲ୍ ହୋଇଛି।

# ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ପଡ଼ିଲେ ବେଥେଲ

ନୂଆଦିଲ୍ଲୀ,୧୦।୨: ଫେବୃଆରୀ ୧୯ରୁ ଚାମ୍ପିଅନ୍ସ ଟ୍ରଫି ୨୦୨୫ ଆରମ୍ଭ ହେବାକୁ ଯାଉଛି ହେଲେ ତାହା ପୂର୍ବରୁ ଅନେକ ଖେଳାଳି ଆଘାତ କାରଣରୁ ବାଦ୍ ପଡିଛନ୍ତି।ଏବେ ଆହତ ଖେଳାଳିଙ୍କ ତାଲିକାରେ ଆଉ ଏକ ନାମ ଯୋଡି ହୋଇଛି। ସେ ହେଲେ ଜାକବ ବେଥେଲ ଇଂଲଣ୍ଡ ଅଧିନାୟକ ଜୋସ ବଟଲର୍ ଏହା ନିଶ୍ଚିତ କରିଛନ୍ତି।



ବଟଲର୍ କହିଛନ୍ତି ଯେ ଜାକବ ବେଥେଲଙ୍କ ହାମଷ୍ଟ୍ରିଙ୍ଗ ଆଘାତ ଲାଗିଛି ଏବଂ ସେ ଚାମ୍ପିଅନ୍ସ ଟ୍ରଫିରେ ଖେଳିବେ ନାହିଁ ବେଥେଲ ଦ୍ୱିତୀୟ ଏକଦିବସୀୟ ମ୍ୟାଚ ମଧ୍ୟ ଖେଳି ନ ଥିଲେ ଏହି ମ୍ୟାଚ୍‌ରେ ଇଂଲଣ୍ଡର ପରାଜୟ ପରେ ଖେଳାଳି ଚାମ୍ପିଅନ୍ସ ଟ୍ରଫିରୁ ମଧ୍ୟ ବାହାର ହୋଇଯାଇଥିଲେ ଟମ୍ ବାଣ୍ଟନ୍ ଚାମ୍ପିଅନ୍ସ ଟ୍ରଫି ପାଇଁ ଇଂଲଣ୍ଡ ଦଳକୁ ଫେରିଛନ୍ତି। ଏହି ଖେଳାଳି ସମ୍ପ୍ରତି ଦୁବାଇରେ ୨୦ ଖେଳୁଥିଲେ, ଯେଉଁଠାରେ ସେ ଦୁଇଟି ଶତକ ହାସଲ କରିଥିଲେ।

ଚାମ୍ପିଅନ୍ସ ଟ୍ରଫି ପାଇଁ ଇଂଲଣ୍ଡ ଦଳ: ଫିଲ୍ ସଲ୍ଟ, ବେନ୍ ଡକେଟ୍, ଜୋ ରୁଟ୍, ହ୍ୟାରି ବ୍ରୁକ୍, ଲିଆମ୍ ଲିଭିଙ୍ଗଷ୍ଟୋନ, ଜେମି ଓଭରଟନ୍, ଗସ୍ ଆଟକିନସନ୍, ଆଦିଲ ରଶିଦ୍, ମାର୍କ ଉଡ୍, ସାକିବ୍ ମହମୁଦ୍, ଜେମି ସ୍ମିଥ, ଟମ୍ ବାଣ୍ଟନ୍, ବ୍ରାଇଡନ କାର୍ସେ ଏବଂ ଜୋଫ୍ରା ଆର୍ଚର।

ଜ୍ୟାକବ ବେଥେଲଙ୍କ ସ୍ଥାନରେ ଇଂଲଣ୍ଡ ଦଳରେ ଯୋଗ ଦେଇଥିବା ଟମ ବାଣ୍ଟନ ମଧ୍ୟ ଜଣେ ଶକ୍ତିଶାଳୀ ବ୍ୟାଟ୍ସମ୍ୟାନ ଏହି ଡାହାଣହାତୀ ବ୍ୟାଟ୍ସମ୍ୟାନ ସମ୍ପ୍ରତି ଦୁବାଇରେ ବହୁତ କ୍ରିକେଟ ଖେଳିଛନ୍ତି ସେ ଏମିରେଟ୍ସ ଇଣ୍ଟରନ୍ୟାଶନାଲ ଲିଗ୍ ଟି-୨୦ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିଥିଲେ, ଯେଉଁଠାରେ ସେ ୫୪.୭୭ ହାରରେ ୪୯୩ ରନ କରିଥିଲେ ତାଙ୍କ ବ୍ୟାଟରୁ ୨ଟି ଶତକ ଏବଂ ୩ଟି ଅର୍ଦ୍ଧଶତକ ଆସିଥିଲା ଏହି ଖେଳାଳି ୨୧ଟି ଛକା ମାରିଥିଲେ।

କହିରଖୁଛୁ, ଏଯାବତ ଚାମ୍ପିଅନ୍ସ ଟ୍ରଫିରୁ ମୋଟ ୮ ଜଣ ବଡ଼ ଖେଳାଳି ବାଦ୍ ପଡ଼ିଛନ୍ତି ପାକିସ୍ତାନର ସାମ ଆୟୁବ ଆଘାତ ଯୋଗୁ ଟୁର୍ନାମେଣ୍ଟରେ ଖେଳିପାରିବେ ନାହିଁ ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର ଏନେରିକ୍ ନୋର୍ଖିଆ। ଏବଂ ଜେରାଲ୍ଡ କୋଟ୍‌ଜିଆ ମଧ୍ୟ ଟୁର୍ନାମେଣ୍ଟରୁ ବାହାର ହୋଇଯାଇଛନ୍ତି। ତାଙ୍କ ବ୍ୟତୀତ ଦୁଇ ଜଣ ଅଷ୍ଟ୍ରେଲୀୟ କିମ୍ବଦନ୍ତୀ ମଧ୍ୟ ବାହାରେ ଅଛନ୍ତି। ଜୋଶ ହାଜେଲଉଡ ଏବଂ ଅଧିନାୟକ ପ୍ୟାଟ୍ କମିନ୍ସ ମଧ୍ୟ ଚାମ୍ପିଅନ୍ସ ଟ୍ରଫି ଖେଳିବେ ନାହିଁ। ଏହି ଦୁଇଜଣଙ୍କ ବ୍ୟତୀତ, ମାର୍କସ ଷ୍ଟୋଇନିସ ହଠାତ ଫର୍ମାଟକୁ ବିଦାୟ ନେଇଛନ୍ତି, ଏଣୁ ସେ ମଧ୍ୟ ଟୁର୍ନାମେଣ୍ଟରେ ନ ଖେଳିବା ସ୍ପଷ୍ଟ ହେଉଛି।

# ଗୋଟିଏ ଇଂନିସରେ ହିଟ୍‌ମ୍ୟାନ୍‌ଙ୍କ ଏକାଧିକ ରେକର୍ଡ

**ନୂଆଦିଲ୍ଲୀ,୧୦।୨:** ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ୪ ୱିକେଟ୍‌ରେ ଇଂଲଣ୍ଡକୁ କରିଛି। ପରାସ୍ତ ଭାରତର ବିଜୟରେ ଅଧିନାୟକ ରୋହିତ ଶର୍ମାଙ୍କର ରହିଥିଲା। ଗୁରୁତ୍ୱପୂର୍ଣ୍ଣ ଅବଦାନ ରୋହିତ ବିସ୍ଫୋରକ ଶତକ (୧୧୯) ଲଗାଇଥିଲେ।



କଟକରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ରୋହିତ ଇତିହାସ ରଚିଛନ୍ତି । ସେ ଅନେକ ଦିଗ୍ଗଜଙ୍କୁ ପଛରେ ପକାଇଛନ୍ତି। ହିଟ୍‌ମ୍ୟାନ୍‌ରେ ସର୍ବାଧିକ ଛକା ମାରିବା ମାମଲାରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି। ଯାହା କୌଣସି ବଡ କିର୍ତ୍ତୀମାନଠାରୁ କମ୍ ନୁହେଁ।

ରୋହିତ ଛକା ରେକର୍ଡ ସହିତ ଅଧିନାୟକତ୍ୱର ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି। ସେ ୫୦ଟି ମ୍ୟାଚ୍ ପରେ ଅଧିନାୟକ ଭାବରେ ସର୍ବାଧିକ ବିଜୟ ହାସଲ କରିଛନ୍ତି। ତେବେ ଏହି ମାମଲାରେ ରୋହିତ ଅନେକ କିମ୍ବଦନ୍ତୀ ପ୍ଲେୟରଙ୍କୁ ପଛରେ ପକାଇଛନ୍ତି। ରୋହିତ ଅଧିନାୟକ ଭାବରେ ୩୬ଟି ମ୍ୟାଚ୍ ଜିତିଛନ୍ତି ଏହି ତାଲିକାରେ ହିଟ୍‌ମ୍ୟାନ୍ ୩ୟ ସ୍ଥାନରେ ଅଛନ୍ତି।

ତାଲିକାର ଶୀର୍ଷରେ ରହିଛନ୍ତି ବିରାଟ କୋହଲି, ରିକି ପଣ୍ଟିଂ ଏବଂ ଲଏଡ୍। ଏହି ତିନିଜଣ ଦିନିକିଆରେ ଅଧିନାୟକ ଭାବରେ ପ୍ରତ୍ୟେକ ୩୯ଟି ଲେଖାଏଁ ମ୍ୟାଚ୍ ଜିତିଛନ୍ତି। କଟକରେ ଇଂଲଣ୍ଡ ବିପକ୍ଷରେ ବିଜୟୀ ହେବା ପରେ ଭାରତ ସିରିଜରେ ୨-୦ ରେ ଆଗୁଆ ରହିଛି।

ରୋହିତ ଶର୍ମା ଦିନିକିଆ। ଅନ୍ତରାଷ୍ଟ୍ରୀୟେ ସବୁଠୁ ଅଧିକ ଛକା ମାରିଥିବା ଖେଳାଳି ତାଲିକାରେ ନିଜକୁ ସାମିଲ କରିଥିଲେ। ରୋହିତ ଏହି ରେକର୍ଡ କରିବା ସହ ୱେଷ୍ଟଇଣ୍ଡିଜ୍‌ର ପୂର୍ବତନ କ୍ୟାପଟେନ୍ କ୍ରିସ୍ ଗେଲ୍‌ଙ୍କୁ ପଛରେ ପକାଇଥିଲେ। ଯିଏକି ଦିନିକିଆ। ଅନ୍ତରାଷ୍ଟ୍ରୀୟରେ ୩୩୧ ଛକା ମାରିଥିଲେ। ସେହିଭଳି ପାକିସ୍ତାନର ପୂର୍ବ କ୍ୟାପଟେନ୍ ଶାହିଦ୍ ଆଫ୍ରିଦୀ ୩୫୧ ଛକା ମାରି ଟପ୍‌ରେ ଅଛନ୍ତି।

ଦିନିକିଆ। ଅନ୍ତରାଷ୍ଟ୍ରୀୟରେ ସର୍ବାଧିକ ଛକା: ୩୫୧ -ଶାହିଦ୍ ଆଫ୍ରିଦୀ, ୩୩୫-ରୋହିତ ଶର୍ମା, ୩୩୧-କ୍ରିସ୍ ଗେଲ୍, ୨୭୦-ସନଥ ଜୟସୁରୟା, ୨୨୯-ଏମ୍‌ଏସ୍ ଧୋନୀ, ୨୨୦-ଇୟୋନ ମାର୍ଗନ ଛକା ମାରିଛନ୍ତି।



ଦ. ଆଫ୍ରିକା ବିପକ୍ଷରେ ନ୍ୟୁଜିଲାଣ୍ଡର ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ କେନ୍ ୱିଲିୟମସନ୍‌ଙ୍କ ଶତକ ହାସଲ କରି ଦଳକୁ ବିଜୟୀ କରାଇଛନ୍ତି।

# ଡେବ୍ୟୁ ମ୍ୟାଚ୍‌ରେ ଇତିହାସ ରଚିଲେ ଦ. ଆଫ୍ରିକା ବ୍ୟାଟର

ନୂଆଦିଲ୍ଲୀ,୧୦।୨: ପାଖେଇ ଆସୁଛି ଚାମ୍ପିଅନ୍ସ ଟ୍ରଫି ୨୦୨୫ ଦଳଗୁଡ଼ିକର ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଛି। ଏଥର ଚାମ୍ପିଅନ୍ସ ଟ୍ରଫି ପାକିସ୍ତାନରେ ଆୟୋଜିତ ହେବ, କିନ୍ତୁ ଟିମ ଇଣ୍ଡିଆ। ଏହାର ମ୍ୟାଚ ଦୁବାଇରେ ଖେଳିବ ବର୍ତ୍ତମାନ ପାକିସ୍ତାନରେ ତିନୋଟି ଦଳ ମଧ୍ୟରେ ଏକ ତ୍ରିକୋଣୀୟ ସିରିଜ ଖେଳାଯାଉଛି। ପାକିସ୍ତାନ ବ୍ୟତୀତ ନ୍ୟୁଜିଲାଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ଦଳ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଦକ୍ଷିଣ ଆଫ୍ରିକାର ମାଥ୍ୟୁ ବ୍ରିଟଜେକ ଏକ ଏପରି ସଫଳତା ହାସଲ କରିଛନ୍ତି, ଯାହା ଯେକୌଣସି ବ୍ୟାଟସମ୍ୟାନଙ୍କ ପାଇଁ ସ୍ୱପ୍ନ ଭଳି। ଆଜି ସେ ଦକ୍ଷିଣ ଆଫ୍ରିକା ପାଇଁ ତାଙ୍କର ଦିନିକିଆ। ଡେବ୍ୟୁ କରୁଥିଲେ ଏବଂ ଏଥିରେ ସେ ଏକ ଚମତ୍କାର ଶତକ ହାସଲ କରିଥିଲେ। ସେ ତାଙ୍କର ପ୍ରଥମ ଦିନିକିଆରେ ୧୫୦ ରନ କରିଥିଲେ, ଏହା ପୂର୍ବରୁ ବିଶ୍ୱର କୌଣସି ବ୍ୟାଟସମ୍ୟାନ ଏପରି କରିପାରି ନ ଥିଲେ। ସେ ପ୍ରାୟ ୪୭ ବର୍ଷର ପୁରୁଣା ବିଶ୍ୱ ରେକର୍ଡ ଭାଙ୍ଗିଛନ୍ତି।



ମାଥ୍ୟୁ ବ୍ରିଟଜେକ ଏବେ ଏକ ନୂଆ। ନାମ ସେ ଦକ୍ଷିଣ ଆଫ୍ରିକା ପାଇଁ ଅନ୍ତର୍ଜାତୀୟ ଟି-୨୦ ଏବଂ ଟେଷ୍ଟ ଖେଳିଛନ୍ତି। କିନ୍ତୁ ଆଜି ସେ ପ୍ରଥମ ଥର ପାଇଁ ଦିନିକିଆ। ଖେଳିଛନ୍ତି ତାଙ୍କୁ ଅଧିନାୟକ ଟେମ୍ବା ବାଭୁମାଙ୍କ ସହ ଓପନିଂ କରିବାର ସୁଯୋଗ ମିଳିଥିଲା। ମାଥ୍ୟୁ ପ୍ରଥମେ ତାଙ୍କର ଶତକ ପୂରଣ କରିଥିଲେ ଏବଂ ତାପରେ ଡେବ୍ୟୁରେ ଦକ୍ଷିଣ ଆଫ୍ରିକା ପାଇଁ ସର୍ବାଧିକ ସ୍କୋର କରିଥିବା ବ୍ୟାଟସମ୍ୟାନ ମଧ୍ୟ ହୋଇଥିଲେ।

ଦକ୍ଷିଣ ଆଫ୍ରିକା ପାଇଁ ଡେବ୍ୟୁରେ ଦିନିକିଆ ଶତକ ହାସଲ କରିଥିବା ମାତ୍ର ତିନି ଜଣ ବ୍ୟାଟସମ୍ୟାନ ଥିଲେ, କିନ୍ତୁ ଏବେ ସେମାନଙ୍କ ସଂଖ୍ୟା ଚାରିକୁ ବୃଦ୍ଧି ପାଇଛି। ୨୦୧୦ ମସିହାରେ ଯେତେବେଳେ କଲିନ ଇନଗ୍ରାମ ଜିମ୍ବାୱେ ବିପକ୍ଷରେ ଡେବ୍ୟୁ କରିଥିଲେ, ସେତେବେଳେ ସେ ୧୨୪ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ। ଏହା ପରେ, ଟେମ୍ବା ବାଭୁମା ମଧ୍ୟ ୨୦୧୬ରେ ଆୟାରଲାଣ୍ଡ ବିପକ୍ଷରେ ଡେବ୍ୟୁ କରିଥିଲେ ଏବଂ ୧୧୩ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ। ଏହି ତାଲିକାର ତୃତୀୟ ନାମ ହେଉଛି ରୀଜା ହେଣ୍ଡ୍ରିକ୍ସ ସେ ୨୦୧୮ରେ ଶ୍ରୀଲଙ୍କା ବିପକ୍ଷରେ ତାଙ୍କର ପ୍ରଥମ ଦିନିକିଆ। ମ୍ୟାଚରେ ୧୦୨ ରନ କରିଥିଲେ ।କିନ୍ତୁ ଏବେ ମାଥ୍ୟୁ ବ୍ରିଟଜେକ ଏସବୁରୁ ବହୁତ ଆଗକୁ ଯାଇଛନ୍ତି। ସେ ୧୨୫ ରନ କରିବା ମାତ୍ରେ କଲିନ ଇନଗ୍ରାମଙ୍କୁ ପଛରେ ପକାଇ ଦେଇଥିଲେ। ଏହା ପରେ ମଧ୍ୟ, ତାଙ୍କ ବ୍ୟାଟ କାମ କରିଚାଲିଥିଲା ଏବଂ କିଛି ସମୟ ମଧ୍ୟରେ ତାଙ୍କର ସ୍କୋର ୧୫୦ରେ ପହଞ୍ଚିଗଲା ୧୪୯ ସ୍କୋର ଅତିକ୍ରମ କରିବା ମାତ୍ରେ ସେ ବିଶ୍ୱ ରେକର୍ଡ ମଧ୍ୟ ଭାଙ୍ଗିଦେଲେ।

୧୯୭୮ ମସିହାରେ, ଯେତେବେଳେ ୱେଷ୍ଟଇଣ୍ଡିଜର ଡ୍ୟାସିଂ ବ୍ୟାଟସମ୍ୟାନ ଡେସମଣ୍ଡ ହେନ୍ସ ୧୪୮ ରନର ଇନିଂସ ଖେଳିଥିଲେ। ସେତେବେଳେ ଯେଉଁ ବିଶ୍ୱ ରେକର୍ଡ ହୋଇଥିଲା ତାହା ଏବେ ଭାଙ୍ଗି ଯାଇଛି ପ୍ରଥମେ ସେ ଧୀରେ ବ୍ୟାଟିଂ କରୁଥିଲେ, କିନ୍ତୁ ଏହା ପରେ ସେ ଶୀଘ୍ର ରନ କରିବା ଆରମ୍ଭ କରିଥିଲେ। ସେ ୧୪୮ ବଲ୍‌ର ସାମ୍ନା କରି ୧୫୦ ରନ କରିଥିଲେ। ଏଥିରେ ୧୧ ଚୌକା ଏବଂ ୫ ଛକା ମାରିଥିଲେ।

# ଖୋର୍ଦ୍ଧା ଜିଲ୍ଲାର ୧୭ ରାଜ୍ୟ ପଦକ ବିଜେତା ଖେଳାଳି ସମ୍ମାନିତ

ଖୋର୍ଦ୍ଧା,୧୦।୨: ଗତ ୨୧ତମ ରଜ୍ୟ ତାଇକ୍ୱାଣ୍ଡୋ ପ୍ରତିଯୋଗିତାରେ ଖୋର୍ଦ୍ଧା ଜିଲ୍ଲାର ୩୦ ଜଣ ପ୍ରତିଯୋଗୀ ମନଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାର ୧୭ଜଣ ପଦକବିଯେତ ତାଇକ୍ୱାଣ୍ଡୋ ପ୍ରତିଯୋଗୀ ଙ୍କୁ ସମ୍ମାନିତ କରିବାକୁ ଜଟଣୀର ବିଜୁ ପଟ୍ଟନାୟକ ଇଣ୍ଡୋର ହଲ୍‌ଠା ରେ ଏକ ସମ୍ମାନ ସମାରୋହ ଆୟୋଜିତ ହୋଇ ଯାଇଛି ଏହି କ୍ରିଡ଼ାବି ମାନେ ଭଦ୍ରକ ର ଚରମ୍ପାଠାରେ ଡିସେମ୍ବର ୨୮ ଏବଂ ୨୯, ୨୦୨୪ ରେ ଅନୁଷ୍ଠିତ ହୋଯାଇଥିବା ରାଜ୍ୟ ତାଇକ୍ୱାଣ୍ଡୋ ଚ୍ୟାମ୍ପିୟନଶିପ୍ ୨୦୨୪ ରେ ଉଲ୍ଲେଖନୀୟ ସଫଳତା ଅଓୟନ କରିଥିଲେ

ଏହି ସମ୍ମାନୀତ ସମାରୋହ ରେ ମୁଖ୍ୟ ଅତିଥି ଭାବେ ଓଡିଆ। ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଐତିହାସିକ, ଶିକ୍ଷାବିତ ତଥା ସମାଜସେବୀ ସତ୍ୟବାଦୀ ବଳୀୟ ରର୍ସିଂହ ତଥା ଖୋର୍ଦ୍ଧା ଜିଲ୍ଲା ତାଇକ୍ୱାଣ୍ଡୋ ସଚିବ ଗ୍ରାଣ୍ଡ ମାଷ୍ଟର ଅଶୋକ କୁମାର ସାହୁ ଏବଂ ପ୍ରଶିକ୍ଷକ ପ୍ରଭୁପାଦ ଖମାରୀଙ୍କ ଦ୍ୱାରା ଆୟୋଜିତ ହୋଇଯାଇ ଅଛି, ଯାହାର ଉଦେଶ୍ୟ ଖୋର୍ଦ୍ଧା ଜିଲ୍ଲାର କ୍ରିଡ଼ାବିତମାନଙ୍କ ଉଲ୍ଲେଖନୀୟ ସଫଳତାକୁ ଚିହ୍ନଟ ଏବଂ ଉତ୍ସାହିତ କରିବା ଅଟେ ସମାରୋହରେ ରାଜ୍ୟ ଚ୍ୟାମ୍ପିୟନଶିପ୍‌ରେ ଖୋର୍ଦ୍ଧା ଜିଲ୍ଲା ପ୍ରତିନିଧି କରିଥିବା ୩୦ ଜଣରୁ ଅଧିକ କ୍ରିଡ଼ାବି ଏବଂ ତାଙ୍କର ଅଭିଭାବକ ମାନେ ଉପସ୍ଥିତ ରହିଥିଲେ।




ଏହି ସମ୍ମାନୀତ ସମାରୋହ ରେ ମୁଖ୍ୟ ଅତିଥି ଶ୍ରୀ ଶ୍ରୀ ସତ୍ୟବାଦୀ ମହାଶୟ ତାଙ୍କର ହୃଦୟ ସ୍ପର୍ଷୀ ବକ୍ତବ୍ୟରେ ତାଇକ୍ୱାଣ୍ଡୋ ଖେଳର ବିଶେଷତ୍ୱ ଆଜିର ବେସ୍ତ ବହୁଳ ଜୀବନ ଶୈଳୀରେ ଏହାର ସ୍ୱାସ୍ଥ୍ୟ ପ୍ରତି ବିଶେଷ ଉପଯୋଗୀତା, ତାଇକ୍ୱାଣ୍ଡୋ ଖେଳ ତାର ଛାତ୍ରମାନଙ୍କୁ ଦେଉଥିବା ଶୃଙ୍ଖଳା ଜ୍ଞାନ ଆମ ଶୃଙ୍ଖଳିତ ଓଡ଼ିଆ। ଜାତିର ସମସ୍ତ ନାଗରିକଙ୍କ ପାଇଁ ଏକ ଅତ୍ୟନ୍ତ ଅବସ୍ୟକ ସମରକଳା ବୋଲି କହିଥିଲେ। ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ଅନ୍ତରର୍ଯତିଅ ମାଷ୍ଟର ଅଶୋକ କୁମାର ସାହୂ ଅଭିଭାବକ ମାନଙ୍କ ସହଯୋଗ ଏହି କଳା ର ପ୍ରସାର ଏବଂ ରାଜ୍ୟ, ଜାତୀୟ ଓ ଅର୍ନ୍ତଜାତୀୟ ସଫଳତା ପାଇଁ ନିତ୍ୟାନ୍ତ ଆବଶ୍ୟକ ବୋଲି ଜଣାଇଛନ୍ତି।

## ‘ରାହୁଲଙ୍କୁ ବରବାଦ୍ କରିସାରିଲେଣି ଗୌତମ ଗମ୍ଭୀର’

ନୂଆଦିଲ୍ଲୀ,୧୦।୨: ରାହୁଲଙ୍କୁ ବରବାଦ୍ କରିସାରିଲେଣି ଗୌତମ ଗମ୍ଭୀର। ଏଭଳି ଅଭିଯୋଗ ଆଣିଛନ୍ତି ପୂର୍ବତନ କ୍ରିକେଟର୍ କେ ଶ୍ରୀକାନ୍ତ। ଗମ୍ଭୀରଙ୍କ ରଣନୀତି ପାଇଁ ରାହୁଲ ଫ୍ଲପ୍ ହେଉଛନ୍ତି ଏବଂ ସେ ତାଙ୍କ କ୍ୟାରିୟର ନଷ୍ଟ କରିଦେବାରେ ଲାଗିପଡିଛନ୍ତି ବୋଲି ଶ୍ରୀକାନ୍ତ କହିଚନ୍ତି।ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଅ। ସିରିଜ୍‌ର ପ୍ରଥମ ୨ଟି ମ୍ୟାଚ୍‌ରେ ରାହୁଲ ଫ୍ଲପ୍ ହୋଇଛନ୍ତି ଏହାକୁ ନେଇ ରାହୁଲଙ୍କ ଫର୍ମକୁ ନେଇ ପ୍ରଶ୍ନ ଉଠିଛି।

ରାହୁଲଙ୍କ ପ୍ରଥମ ୨ଟି ମ୍ୟାଚ୍‌ରେ ଷଷ୍ଠ ସ୍ଥାନରେ ବ୍ୟାଟିଂ କରିବାର ସୁଯୋଗ ମିଳିଥିଲା। ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଶ୍ରୀକାନ୍ତ। ସେ କହିଛନ୍ତି, ରାହୁଲଙ୍କ ପାଇଁ ମୋତେ ବ୍ୟକ୍ତିଗତ ଭାବେ ଖରାପ ଲାଗୁଛି। ଅକ୍ଷର ପଟେଲ ଭଲ ଖେଳୁଛନ୍ତି କିନ୍ତୁ ଗମ୍ଭୀର ରାହୁଲଙ୍କ ସହ ଯାହା କରୁଛନ୍ତି ତାହା ଠିକ୍ ନୁହେଁ। ରାହୁଲ ପଞ୍ଚମ ସ୍ଥାନରେ ବ୍ୟାଟିଂ କରିବା ସବୁଠୁ ଉପଯୁକ୍ତ। ଏହି ସ୍ଥାନରେ ବ୍ୟାଟିଂ କରି ସେ ଅନେକ ରନ୍ ମଧ୍ୟ ସ୍କୋର କରିଛନ୍ତି କିନ୍ତୁ ମୁଁ ବୁଝିପାରୁ ନାହିଁ ଟିମ୍ ମ୍ୟାନେଜ୍‌ମେଣ୍ଟ ତାଙ୍କ ଏଭଳି କାହିଁକି କରୁଛି ତାଙ୍କ ପଞ୍ଚମ ସ୍ଥାନ ବଦଳରେ ଷଷ୍ଠ ସ୍ଥାନରେ କାହିଁକି ପଠାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ରାହୁଲଙ୍କ ଭଳି ଖେଳାଳି ଫର୍ମକୁ ଫେରିବା ଜରୁରୀ ଟପ୍-୪ରେ ଲେଫ୍ଟ-ରାଇଟ୍ କମ୍ବିନେସନ୍ ଆବଶ୍ୟକ କିନ୍ତୁ ରାହୁଲଙ୍କ ସହ ପରୀକ୍ଷାନିରୀକ୍ଷା କରିବା ଠିକ୍ ନୁହେଁ ଯଦି ଏମିତି କରିବାର ଅଛି, ତେବେ ରାହୁଲଙ୍କୁ ଟିମ୍‌ରୁ ବାହାର କରି ରିଷଭ ପନ୍ତଙ୍କୁ ସୁଯୋଗ ଦେବା ଉଚିତ୍ ବୋଲି ଶ୍ରୀକାନ୍ତ କହିଛନ୍ତି।

### ୨ୟ କେରଙ୍ଗ ପ୍ରିମିୟର ଫୁଟବଲ ଲିଗ

# ଦାରୁସ ସଲାମ ଚମ୍ପିୟାନ

ଖୋର୍ଦ୍ଧା ୧୦।୨:୨ ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଯୁବ ସଂଗଠନ ମଜଲିସ ଖୁଦ୍ଦାମୁଲ ଅହେମଦୀୟା ଅନୁକୁଲ୍ୟରେ ୨ ଦିନିଅ। ଫୁଟବଲ ଲିଗ୍ ଅନୁଷ୍ଠିତ ହୋଇଛି ଏହି ଲିଗରେ ହୋଇଛି ଏହି ଖେଳରେ ମୁଖ୍ୟ ଅତିଥି ରୂପେ କେରଙ୍ଗ ଅହେମଦୀୟା ମୁସଲିମ କମିଟିର ସଭାପତି ଅମିରୁଦ୍ଦିନ ଖାଁ ଯୋଗ ଦେଇଥିବା ବେଳେ ଯୁବ ସଂଗଠନର ସଭାପତି




ଛଅ ଗୋଟି ଟିମ୍ ଅଂଶ ଗ୍ରହଣ କରିଥିଲେ ୧.କାଇଯନ୍ ୱାରିଅସ ୨.ଜାରା ମାର୍ସ ୩.ଦାରୁସ ସଲାମ୍ ଏଫ୍. ସି ୪. ଫାଇଟର କ୍ଲବ୍ ୫. ୟୁନାଇଟେଡ ବ୍ରଦର୍ସ ୬. କ୍ୟାପଟେନ ୱାରିଅର୍ସ ଫାଇନାଲ ମ୍ୟାଚ ଫାଇଟର କ୍ଲବ ଏବଂ ଦାରୁସ ସଲାମ ଏଫ୍.ସି ମଧ୍ୟରେ ହୋଇଥିଲା । ଫାଇଟର କ୍ଲବକୁ ୪-୨ ଗୋଲରେ ପରାସ୍ତ କରି ଦାରୁସ ସଲାମ ଚମ୍ପିୟାନ ମୋହିଉଦ୍ଦିନ ଖାଁ ସମ୍ମାନିତ ଅତିଥି ରୂପେ ଦେଇଥିଲେ। ଏହି ଖେଳରେ ତହିମୁର୍ ଅହମ୍ମଦ, ଶାହରୁଖ ଖାଁ, ଫଜଲ୍ ଅଲ୍ଲୀ, ନାସର୍ ଖାଁ,ମୋବେଶର,ଫାରିସ, ।ରିସ ସାହାଯ୍ୟ କରିଥିଲେ। ଏହି ଖେଳକୁ ଅମିର ଅହମ୍ମଦ,ସଗିର ଅହମଦ, ଗୋଲାମ ସରୱର, ଅମଜାଦ ଖାଁ, ମୁଖତାର ଖାଁ ପରିଚାଳନା କରିଥିଲେ । ନାଶର ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ପରୀକ୍ଷା... (ପ୍ରଥମ ପୃଷ୍ଠାରୁ)

ବ୍ୟବହାର ବିଷୟରେ ଆଲୋଚନା କରି ସେ କହିଥିଲେଯେ, ପଢା ସମୟରେ ଡିଜିଟାଲ ଉପକରଣ ଅତ୍ୟନ୍ତ କମ ବ୍ୟବହାର କରିବା ଉଚିତ, ବିଶେଷ କରି ପରୀକ୍ଷା ସମୟରେ ମୋବାଇଲ ଠାରୁ ଦୁରେଇ ରହିବା ଆବଶ୍ୟକ। ପରୀକ୍ଷା ବେଳେ ମାଇଣ୍ଡ ଡାଇଭର୍ଟ ନକରି, ଏହା ପୂର୍ବରୁ ସର୍ଟ ଫଏଣ୍ଟସ ପ୍ରସ୍ତୁତ କରି, ଫଣ୍ଡାମେଣ୍ଟାଲ୍ କ୍ଲିୟର କରି ବାରମ୍ବାର ସ୍ୱଚ୍ଛନ୍ଦସମ୍ୱର କରି ପରୀକ୍ଷା ଦେବାକୁ ଯାଅ। ପାଠ ପିବା ପାଇଁ ଏବଂ ମାନେ ରଖିବା ପାଇଁ, ବ୍ରହ୍ମମୁହୂର୍ତ୍ତ ସବୁଠାରୁ ପ୍ରକୃଷ୍ଟ ସମୟ, ଏହିସମୟରେ ପାଠ ପଢିଲେ ଅତିଶୀଘ୍ର ପାଠ ମନେ ରୁହେ ବୋଲି ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି କହିଥିଲେ।

ସେ ପୁଣି କହିଥିଲେଯେ, ଚାପମୁକ୍ତ ହେବାପାଇଁ ଚେଷ୍ଟା କର ଏବଂ ଯାହା ଶିକ୍ଷକ ମାନେ ପଢାଇଛନ୍ତି ତାକୁ ସର୍ବୋତ୍ତମ ମଡେଲ ଭାବେ ଗ୍ରହଣ କରିପ୍ରସ୍ତୁତ ହୁଅ। ପ୍ରଧାନମନ୍ତ୍ରୀ, ଷ୍ଟେପ କମାଇବା ପାଇଁ ଯାହା ଟିପ୍ସ ଦେଇଛନ୍ତି, ଏଠାରୁ ଗଲା ପରେ ଗୋଟି ଗୋଟି କରି ମନେ ପକାଇବ ଓ ତାକୁ କାମରେ ଲଗାଇବ। ମୋର ଦୃଢ଼ ବିଶ୍ୱାସ, ତୁମମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ। କେବଳ ପାଠ ପଢ, ଶିକ୍ଷକ ମାନଙ୍କ ପରାମର୍ଶ ନିଅ ବାସ୍, ଯାହା ହେବ, ଭଲ ହେବ, ନିଶ୍ଚୟ ଭଲ ହେବ, ଏଥିରେ ସନ୍ଦେହ ନାହିଁ।

ସୂଚନା ଥାଉକି, ଉକ୍ତ କାର୍ଯ୍ୟକ୍ରମରେ ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟର ୧୬୮ ଜଣ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବାକୁ ଥିବା ଛାତ୍ରଛାତ୍ରୀ ମାନେ ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ସିଧାସଳଖ କଥା ହୋଇଥିଲେ, ପରୀକ୍ଷା ପୂର୍ବପ୍ରସ୍ତୁତି ବିଷୟରେ ପ୍ରଶ୍ନପଚାରିବା ସହିତ ଆଲୋଚନାରେ ଭାଗ ମଧ୍ୟ ନେଇଥିଲେ। ଉପସ୍ଥିତ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ଲିଜା ନାୟକ, ଶୁଭମ ପାତ୍ର, ଜେ. ମିନାକ୍ଷୀ, ସସ୍ମିତା ସାହୁ, ସଂଜୀବ ଦିଗଲ, ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିବା ସହିତ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ମାନଙ୍କୁ ପରୀକ୍ଷା ପ୍ରସ୍ତୁତି କାଟ ବାଣ୍ଟିଥିଲେ।

କାର୍ଯ୍ୟକ୍ରମରେ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଅନୁପମ ସାହା, ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଶ୍ରୀମତୀ ଅନନ୍ୟା ଦାସଙ୍କ ସମେତ ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଦାବି...

ବିତରଣ କରିବାକୁ ଦିଅନ୍ତି। ସେ ପରାମର୍ଶ ଦେଇଥିଲେ ଯେ ପିଲାମାନେ ନିଜ ନିଷ୍ପତ୍ତିରେ ଅଯଥା ଚିନ୍ତିତ ନ ହୁଅନ୍ତୁ ଏବଂ କୌଣସି ବିଷୟ ଉପରେ ନୀରବତା ଅବଲମ୍ବନ କରିବା ପାଇଁ ମନ ସ୍ଥିର କରନ୍ତୁ ଯାହା ସେମାନଙ୍କୁ ଆହ୍ୱାନର ମୁକାବିଲା କରିବାରେ ସାହାଯ୍ୟ କରିବ। ଜଣେ ବିଦ୍ୟାର୍ଥୀଙ୍କ ଦ୍ୱାରା ପ୍ରଭାବଶାଳୀ ନେତୃତ୍ୱ ବିଷୟରେ ପରାମର୍ଶ ବାଣ୍ଟିବା ପାଇଁ ପଚାରିବାରୁ ଶ୍ରୀ ମୋଦୀ କହିଥିଲେ ଯେ ବାହ୍ୟ ରୂପ ଜଣେ ନେତାକୁ ବ୍ୟାଖ୍ୟା କରେ ନାହିଁ, ବରଂ ଯିଏ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରି ନେତୃତ୍ୱ ନିଅନ୍ତି ସେ ହିଁ ପ୍ରକୃତରେ ନେତା। ଏହାକୁ ହାସଲ କରିବା ପାଇଁ ସେ କହିଥିଲେ ଯେ ବ୍ୟକ୍ତିମାନେ ନିଜକୁ ପରିବର୍ତ୍ତନ କରିବା ଆବଶ୍ୟକ, ଏବଂ ସେମାନଙ୍କର ଆଚରଣ ଏହି ପରିବର୍ତ୍ତନକୁ ପ୍ରତିଫଳିତ କରିବା ଉଚିତ। ଅଧ୍ୟୟନ ସହିତ ରୁଚିବା ଅଭିଳାଷର ସନ୍ତୁଳନ ବିଷୟ ଉପରେ ପ୍ରଧାନମନ୍ତ୍ରୀ କହିଥିଲେ, ସାଧାରଣ ବିଶ୍ୱାସ ହେଉଛି ଯେ ଶିକ୍ଷା ହେଉଛି ସଫଳତାର ଏକମାତ୍ର ପଥ। କିନ୍ତୁ ଛାତ୍ରଛାତ୍ରୀମାନେ ରୋବଟ୍ ନୁହନ୍ତି ଏବଂ ସାମଗ୍ରିକ ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଶିକ୍ଷା କେବଳ ପରବର୍ତ୍ତୀ ଶ୍ରେଣୀକୁ ଅଗ୍ରସର ହେବା ପାଇଁ ନୁହେଁ, ବରଂ ବ୍ୟାପକ ବ୍ୟକ୍ତିଗତ ବିକାଶ ପାଇଁ ଉଦ୍ଦିଷ୍ଟ। ଅତୀତକୁ ପ୍ରତିଫଳିତ କରି, ସେ ଆଲୋକପାତ କରିଥିଲେ ଯେ କିପରି ଉଦ୍ୟାନ କୃଷି ଭଳି ପ୍ରାଯୋଗିକ ବିଦ୍ୟାଳୟ ଶିକ୍ଷା ଅପ୍ରାସଙ୍ଗିକ ଲାଗୁଥାଇପାରେ, କିନ୍ତୁ ସେଗୁଡ଼ିକ ସାମଗ୍ରିକ ବିକାଶରେ ଯୋଗଦାନ କରିଥାଏ। ପ୍ରଧାନମନ୍ତ୍ରୀ ପିତାମାତା ଏବଂ ଶିକ୍ଷକମାନଙ୍କୁ ଅନୁରୋଧ କରିଛନ୍ତି ଯେ ସେମାନେ ପିଲାମାନଙ୍କୁ ଏକ କଠୋର ଶିକ୍ଷାଗତ ପରିବେଶରେ ସୀମିତ ରଖନ୍ତୁ ନାହିଁ, କାରଣ ଏହା ସେମାନଙ୍କର ବିକାଶକୁ ରୋକିଥାଏ। ସମୟ ପରିଚାଳନା ବିଷୟରେ ଜଣେ ବିଦ୍ୟାର୍ଥୀ ପଚାରିବାରୁ ଶ୍ରୀ ମୋଦୀ ଦର୍ଶାଇଥିଲେ ଯେ ପ୍ରତ୍ୟେକଙ୍କ ପାଖରେ ଦିନରେ ୨୪ ଘଣ୍ଟା ଥାଏ, ତଥାପି କିଛି ଲୋକ ବହୁତ କିଛି ହାସଲ କରନ୍ତି ଏବଂ ଅନ୍ୟମାନେ ଅନୁଭବ କରନ୍ତି ଯେ କିଛି ହାସଲ କରାଯାଇ ନାହିଁ। ସେ ସମୟ ପରିଚାଳନାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ମନେ ପକାଇ ଦେଇଥିଲେ, କିନ୍ତୁ ଏହା ମଧ୍ୟ ସ୍ୱୀକାର କରିଥିଲେ ଯେ ଜୀବନରେ ଶିକ୍ଷା ହିଁ ସବୁକିଛି ନୁହେଁ।

ଆତ୍ମପ୍ରେରଣା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନିଜକୁ କେବେ ବି ଅଲଗା ନକରିବାକୁ ପରାମର୍ଶ ଦେଇଥିଲେ ଏବଂ ବିଚାର ବାଣ୍ଟିବା ଓ ପରିବାର କିମ୍ବା ବରିଷ୍ଠମାନଙ୍କଠାରୁ ପ୍ରେରଣା ନେବାର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। ଆତ୍ମବିଶ୍ୱାସ ସୃଷ୍ଟି କରିବା ଏବଂ ସଫଳତାର ଭାବନା ଉପଭୋଗ କରିବା ପାଇଁ ୧୦ କିଲୋମିଟର ସାଇକେଲ ଚାଳନା ଭଳି ଛୋଟ ଲକ୍ଷ୍ୟ ସହିତ ନିଜକୁ ଆହ୍ୱାନ କରିବାକୁ ସେ ପରାମର୍ଶ ଦେଇଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ